Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 268
Friday, 05 December 2025
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୦୫ ଡିସେମ୍ବର, ୨୦୨୫
ପୃଷ୍ଠା:୮ , ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଭାରତ ମାଟିରେ ପୁଟିନ୍‌ଙ୍କୁ ସ୍ୱାଗତ କଲେ ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ, ୪/୧୨(ନ୍ୟୁ.ଏ): ଦୀର୍ଘ ୪ ବର୍ଷ ପରେ ପ୍ରାୟ ୨୭ ଘଂଟା ପାଇଁ ଭାରତ ଗସ୍ତରେ ଆସିଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । ଆଜି ସନ୍ଧ୍ୟା ପ୍ରାୟ ୬.୫୦ରେ ପୁଟିନଙ୍କ ସ୍ୱତନ୍ତ୍ର ବିମାନ ଦିଲ୍ଲୀର ପାଲାମ ଏୟାରପୋର୍ଟରେ ପହଂଚିଥିଲା । ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ସ୍ୱାଗତ କାର୍ଯ୍ୟକ୍ରମରେ ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମିଲ ହୋଇଛନ୍ତି । ଏହା ଗୋଟିଏ ବିରଳ କୂଟନୀତିକ ପଦକ୍ଷେପ । ଏୟାରପୋର୍ଟରେ ପୁଟିନଙ୍କୁ ମୋଦି ସ୍ୱାଗତ କରିବା ଅର୍ଥ ତାଙ୍କ ଗସ୍ତ ଭାରତ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ତା'କୁ ବର୍ଣ୍ଣାଉଛି । କୌଣସି ବିଶ୍ୱସ୍ତରୀୟ ନେତାଙ୍କୁ ମୋଦି ନିଜେ ଏୟାରପୋର୍ଟକୁ ଯାଇ ସ୍ୱାଗତ କରିବା ସାଧାରଣତଃ ଦେଖିବାକୁ ମିଳି ନଥାଏ । ହେଲେ ପୁଟିନଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଏହାପୂର୍ବରୁ ୨୦୧୫ରେ ମୋଦି ଏୟାରପୋର୍ଟକୁ ଯାଇ ବାରାକ ଓବାମା, ୨୦୧୭ରେ ଶେଖ ହସିନା, ୨୦୧୭ରେ ଜାପାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ, ୨୦୨୦ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୦୨୪ରେ ୟୁଏଇର ମହମ୍ମଦ ବିନ ଜାୟେଦ ଅଲ ନହୟାନ ଓ ୨୦୨୫ରେ କତାରର ତାମିମ ବିନ ହାମାଦ ଅଲ ଥାନିଙ୍କୁ ସ୍ୱାଗତ କରିବା ପାଇଁ ଏୟାର ପୋର୍ଟରେ ପହଂଚିଥିଲେ । ଏବେ ସେ ପୁଟିନଙ୍କୁ ଏୟାରପୋର୍ଟରେ ସ୍ୱାଗତ କରିଛନ୍ତି । ଏୟାରପୋର୍ଟରେ ମୋଦି ସ୍ୱାଗତ କରିବା ପରେ ପୁଟିନଙ୍କୁ ନିଜ କାରରେ ବସାଇଥିଲେ । ସେଠାରୁ ଉଭୟ ଗୋଟିଏ କାରରେ ଲୋକ କଲ୍ୟାଣ ମାର୍ଗ ସ୍ଥିତି ପ୍ରଧାନମନ୍ତ୍ରୀ ବାସଭବନକୁ ଯାଇଛନ୍ତି । ଏହାପୂର୍ବରୁ ଚାଇନାର ତିଆନଜିନରେ ଏସସିଓ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ବନ୍ଧୁତା ପୂରା ବିଶ୍ୱ ଦେଖିଥିଲା । ଏହି ସମୟରେ ପୁଟିନ ନିଜର କାରରେ ମୋଦିଙ୍କୁ ଧରି ବୈଠକ ସ୍ଥଳକୁ ଯାଇଥିଲେ । ଏହି ସମୟରେ ଦୁଇ ନେତା ପରସ୍ପର ସହ ହସିହସି କଥା ହେଉଥିବାର ଫଟୋ ମଧ୍ୟ ସାମ୍ନାକୁ ଆସିଥିଲା । ଏବେ ମୋଦି ସମାନ ଢଙ୍ଗରେ ପୁଟିନଙ୍କୁ କାରରେ ଧରି ପ୍ରଧାନମନ୍ତ୍ରୀ ବାସଭବନକୁ ଯାଇଛନ୍ତି । ସେଠାରେ ପୁଟିନଙ୍କ ପାଇଁ ରାତ୍ର ଭୋଜନର ଆୟୋଜନ କରିଛନ୍ତି ମୋଦି । ରାତ୍ର ଭୋଜନ ପରେ ପୁଟିନ ସିଧା ଆଇଟିସି ମୌର୍ଯ୍ୟକୁ ଯାଇଛନ୍ତି । ସେଠାକାର ଚାଣକ୍ୟ ପ୍ରେସିଡେଂସିଆଲ ସୁଟରେ ସେ ରାତି କାଟିବେ । ପୁଟିନ ଆଇଟିସି ମୌର୍ଯ୍ୟରେ ରହୁଥିବାରୁ ହୋଟେଲର ସମସ୍ତ ରୁମକୁ ବୁକ କରି ଦିଆଯାଇଛି । ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଶୁକ୍ରବାର ଦିନ ୧୧ଟାରେ ରାଷ୍ଟ୍ରପତି ଭବନରେ ପୁଟିନଙ୍କ ପାଇଁ ଗୋଟିଏ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ୧୧.୩୦ରେ ସେ ରାଜଘାଟ ଯାଇ ପୁଷ୍ପମାଲ୍ୟ ଅର୍ପଣ କରିବେ । ଦିନ ପ୍ରାୟ ୧୧.୩୦ରେ ହାଇଦ୍ରାବାଦ ହାଉସରେ ମୋଦିଙ୍କୁ ଭେଟିବେ ପୁଟିନ । ସେଠାରେ ଦୁଇ ନେତାଙ୍କ ମଧ୍ୟ ଦ୍ୱିପାକ୍ଷିକ ଆଲୋଚନା ହେବ । ଦିନ ପ୍ରାୟ ୧.୫୦ରେ ଉଭୟ ନେତା ହାଇଦ୍ରାବାଦ ହାଉସରେ ପ୍ରେସକୁ ସମ୍ବୋଧନ କରିବେ କିମ୍ବା ମିଳିତ ବିବୃତି ଜାରି କରିବେ । ୩.୪୦ରେ ଆୟୋଜିତ ଗୋଟିଏ ବ୍ୟବସାୟିକ କାର୍ଯ୍ୟକ୍ରମରେ ପୁଟିନ ସାମିଲ ହେବେ । ତେବେ ବ୍ୟବସାୟିକ କାର୍ଯ୍ୟକ୍ରମ କେଉଁଠି ହେବ, ସେକଥା ଜଣାପଡ଼ିନି । ୨୩ ତମ ଭାରତ-ରୁଷ ସମ୍ମିଳନୀ ପରେ ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା ଠାରୁ ଆରମ୍ଭ କରି ବାଣିଜ୍ୟକୁ ନେଇ ଏକାଧିକ ବୁଝାମଣା ସ୍ୱାକ୍ଷରିତ ହେବ । ସନ୍ଧ୍ୟା ୭ଟା ବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବେ ପୁଟିନ । ସେହିପରି ରାତି ୯ଟା ବେଳେ ସେ ଭାରତ ଛାଡ଼ିବେ । ପୁଟିନ ଶେଷ ଥର ପାଇଁ ୨୦୨୧ରେ ଭାରତ ଗସ୍ତରେ ଆସିଥିଲେ । ୨୧ତମ ଭାରତ-ରୁଷ ସମ୍ମିଳନୀରେ ଯୋଗଦେବାକୁ ଆସି ସେ ମୋଦିଙ୍କୁ ଭେଟିଥିଲେ । ଏବେ ୨୩ତମ ଭାରତ-ରୁଷ ବାର୍ଷିକ ସମ୍ମିଳନୀ ପାଇଁ ସେ ଭାରତ ଆସିଛନ୍ତି ।

କ୍ଷମା ପ୍ରାର୍ଥନା ପ୍ରତିଶ୍ରୁତି ମିଳିବା ପରେ ମୌନ ପ୍ରତିବାଦ ଭାଙ୍ଗିଲେ ବିରୋଧୀ

ଭୁବନେଶ୍ୱର, ୪/୧୨ (ଆ.ପ୍ର) : ବିଧାନସଭାରେ କ୍ଷମା ମାଗିବେ ନୀଳଗିରି ବିଧାୟକ । ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ପ୍ରତିଶ୍ରୁତି ପରେ ଗୃହ କାର୍ଯ୍ୟକୁ ଫେରିଲେ ବିରୋଧୀ କଂଗ୍ରେସ ଓ ବିଜେଡି ବିଧାୟକ । ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିରୋଧୀ ବିଧାୟକଙ୍କୁ ଆସି ବୁଝାସୁଝା କରିଥିଲେ । ସେ କହିଥିଲେ ଜାତିର ପିତା ମହାତ୍ମାଗାନ୍ଧିଙ୍କୁ ନେଇ ବିବାଦୀୟ ବୟାନ ଦେବା ଅଶୋଭନୀୟ । ବାଚସ୍ପତିଙ୍କ ନିର୍ଦ୍ଦେଶ କ୍ରମେ ସେ ବିରୋଧୀ ସଦସ୍ୟଙ୍କୁ ବୁଝାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ସୂଚନା ମୁତାବକ, ବିଧାନସଭା ଶୀତ ଅଧିବେଶନର ଅଷ୍ଟମ ଦିନରେ ବେସରକାରୀ କାର୍ଯ୍ୟ ଦିବସ ପ୍ରସଂଗରେ ଆଲୋଚନା ପାଇଁ ସୁଯୋଗ ନ ଦିଆଯିବାରୁ ହଟଗୋଳ କରିଥିଲେ କଂଗ୍ରେସ ବିଧାୟକ । ବାଚସ୍ପତିଙ୍କ ପୋଡିୟମ ତଳେ ସମସ୍ତେ ଏକାଠି ହୋଇ ନାରାବାଜି କରିଥିଲେ । ସରକାରଙ୍କୁ ଘେରିବାକୁ ଚେଷ୍ଟା କରିଥିଲେ କଂଗ୍ରେସ ବିଧାୟକ । ଏହି ସମୟରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଜାତିର ପିତା ମହାତ୍ମାଗାନ୍ଧିଙ୍କୁ ନେଇ ବିବାଦୀୟ ବୟାନ ଦେଇଥିଲେ । ଏହାକୁ ଗୃହରେ ଜୋରଦାର ହଙ୍ଗାମା ହୋଇଥିଲା । ଉଭୟ ବିଜେଡି ଓ କଂଗ୍ରେସ ବିଧାୟକ ସନ୍ତୋଷ ଖଟୁଆଙ୍କୁ କ୍ଷମା ପ୍ରାର୍ଥନା ପାଇଁ ଅଡ଼ି ବସିଥିଲେ । ଏହାସହିତ ବିଧାନସଭା ପରିସରଥିବା ଗାନ୍ଧି ପ୍ରତିମୂର୍ତ୍ତି ତଳେ ମୌନ ପ୍ରତିବାଦ କରିଥିଲେ । ବିଜେଡି ଓ କଂଗ୍ରେସର ସମସ୍ତ ବିଧାୟକ ଧାରଣାରେ ବସିଥିଲେ । ବିଧାୟକ ସନ୍ତୋଷ ଖଟୁଆ କ୍ଷମା ପ୍ରାର୍ଥନା ନମାଗିବା ଯାଏ ଧାରଣାରୁ ଉଠିବେ ନାହିଁ ବୋଲି କହିଥିଲେ । ତେବେ ବାଚସ୍ପତି ସୁରମା ପାଢୀଙ୍କ ନିର୍ଦ୍ଦେଶ କ୍ରମେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଧାରଣା ସ୍ଥଳକୁ ଆସି ବିରୋଧୀଙ୍କୁ ବୁଝାସୁଝା କରିଥିଲେ । ବିଧାୟକ ସନ୍ତୋଷ ଖଟୁଆ ଗାନ୍ଧିଙ୍କୁ ନେଇ ଦେଇଥିବା ବୟାନ ଭୁଲ ବୋଲି କହିଥିଲେ । ଏହାସହିତ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା ପ୍ରତିଶ୍ରୁତି ମିଳିବା ପରେ ଗୃହ କାର୍ଯ୍ୟକୁ ଫେରିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ ବିଧାୟକ ।

ସଂସଦରେ ଭିନ୍ନ ଅନ୍ଦାଜରେ ଭାଇ-ଭଉଣୀ

ନୂଆଦିଲ୍ଲୀ, ୪/୧୨(ନ୍ୟୁ.ଏ): ଭିନ୍ନ ଅନ୍ଦାଜରେ ଭାଇ-ଭଉଣୀ । ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କୁ ଦିନେ ନିଆରା ଅନ୍ଦାଜରେ ଦେଖିବାକୁ ମିଳିଛି । ଦୁହିଁଙ୍କ ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ସଂସଦ ଭବନରେ ପ୍ରିୟଙ୍କାଙ୍କୁ ଏକ ଭିନ୍ନ ରୂପରେ ଦେଖିବାକୁ ମିଳିଥିଲା ଯେଉଁଠି ସାଂସଦ ତଥା କଂଗ୍ରେସର ମହାସଚିବ ପ୍ରିୟଙ୍କା ଗାନ୍ଧୀ ଜଣେ ଦିବ୍ୟାଙ୍ଗ ମହିଳାଙ୍କ ସହ ମିଶି ନିଜ ମଣିଷପଣିଆର ପ୍ରମାଣ ଦେଇଛନ୍ତି । ସଂସଦ ପରିସରରେ ଜଣେ ଦିବ୍ୟାଙ୍ଗ ମହିଳା ପ୍ରିୟଙ୍କାଙ୍କ ସହ ମିଶିବାକୁ ଇଚ୍ଛା ପ୍ରକାଶ କରିଥିଲେ । ତାହା ଜାଣି ପ୍ରିୟଙ୍କା ଗାନ୍ଧୀ ଉକ୍ତ ଦିବ୍ୟାଙ୍ଗ ମହିଳାଙ୍କୁ କୋଳେଇ ନେଇ ତାଙ୍କ ସହ ହସିହସି ଫଟୋ ଉଠାଇଥିଲେ । ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି ।

ବର୍ଷକ ଭିତରେ ବନ୍ଦ ହୋଇଯିବ ସବୁ ଟୋଲ୍ ବୁଥ୍ : ଗଡ଼କରୀ



ନୂଆଦିଲ୍ଲୀ, ୪/୧୨(ନ୍ୟୁ.ଏ): ଆଗାମୀ ବର୍ଷରେ, ଆପଣଙ୍କୁ ଟୋଲ ଟ୍ୟାକ୍ସ ନେଇ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବନି । କେନ୍ଦ୍ର ସରକାର ଏଥିପାଇଁ ଏକ ନୂତନ ବ୍ୟବସ୍ଥା ଉପରେ କାମ କରୁଛନ୍ତି । ଏହା କାର୍ଯ୍ୟକାରୀ ହେବା ପରେ, କୌଣସି ଯାନକୁ ଟୋଲ୍ ବୁଥ୍‌ରେ ଟ୍ୟାକ୍ସ ଦେବା ପାଇଁ ଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ଏହି ନୂତନ ବ୍ୟବସ୍ଥା ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ନୀତିନ୍ ଗଡ଼କରୀ ଲୋକସଭାରେ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଆଗାମୀ ଏକ ବର୍ଷ ମଧ୍ୟରେ ବର୍ତ୍ତମାନର ଟୋଲ୍ ଆଦାୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯିବ । ଆଗକୁ ଟୋଲ୍ ଟ୍ୟାକ୍ସରେ ଇଲେକ୍ଟ୍ରୋନିକ୍ ପ୍ରଣାଳୀରେ ଦିଆଯାଇ ହେବ । ଏହା ଦ୍ୱାରା ଯାନବାହାନ ଚାଳକମାନେ ସର୍ବାଧିକ ଲାଭ ପାଇବେ । ଶୀତକାଳୀନ ଅଧିବେଶନରେ ଲୋକସଭାରେ ଗୁରୁବାର ନୀତିନ ଗଡକରୀ କହିଥିଲେ, ନୂତନ ବ୍ୟବସ୍ଥା ୧୦ଟି ସ୍ଥାନରେ ଆରମ୍ଭ ହୋଇଛି । ଆଗାମୀ ଏକ ବର୍ଷ ମଧ୍ୟରେ ଏହାକୁ ସାରା ଦେଶରେ ବିସ୍ତାର କରାଯିବ । ଏହା ଆସିବା ଦ୍ୱାରା ବର୍ତ୍ତମାନର ଟୋଲ୍ ବ୍ୟବସ୍ଥା ଶେଷ ହୋଇଯିବ । ଟୋଲ୍ ନାମରେ ଆପଣଙ୍କୁ ଅଟକାଇବା ପାଇଁ କେହି ରହିବେ ନାହିଁ । ଗୋଟିଏ ବର୍ଷ ମଧ୍ୟରେ ସାରା ଦେଶରେ 'ଇଲେକ୍ଟ୍ରୋନିକ୍ ଟୋଲ୍ କଲେକ୍ସନ' କାର୍ଯ୍ୟକାରୀ କରାଯିବ । ଗଡକରୀ ଏହା ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ ସାରା ଦେଶରେ ୧୦ ଲକ୍ଷ କୋଟି ଟଙ୍କାର ୪,୫୦୦ ରାଜପଥ ପ୍ରକଳ୍ପ କାର୍ଯ୍ୟ ଚାଲିଛି । ନିକଟରେ ଜାରି ସରକାରୀ ବିବୃତି ଅନୁଯାୟୀ, ଭାରତର ରାଜପଥରେ ଟୋଲ୍ ସଂଗ୍ରହକୁ ସୁଗମ କରିବା ପାଇଁ ନ୍ୟାସନାଲ୍ ପେମେଣ୍ଟସ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (NPCI) ନ୍ୟାସନାଲ୍ ଇଲେକ୍ଟ୍ରୋନିକ୍ ଟୋଲ୍ ସଂଗ୍ରହ (NETC) କାର୍ଯ୍ୟକ୍ରମ ବିକଶିତ କରିଛି, ଯାହା ଇଲେକ୍ଟ୍ରୋନିକ୍ ଟୋଲ୍ ଟ୍ୟାକ୍ସ ପାଇଁ ଏକ ସମନ୍ୱିତ, ଆନ୍ତଃ-ପରିଚାଳିତ ପ୍ଲାଟଫର୍ମ । ଲୋକସଭାରେ ଭାଷଣ ଦେଇ ନୀତିନ୍ ଗଡ଼କରୀ ଦିଲ୍ଲୀର ପ୍ରଦୂଷଣ ଉପରେ ମଧ୍ୟ ମନ୍ତବ୍ୟ ଦେଇଥିଲେ । ସେ କହିଥିଲେ ଯେ କେନ୍ଦ୍ର ସରକାର ବିକଳ୍ପ ଇନ୍ଧନକୁ ପ୍ରାଥମିକତା ଦେଉଛନ୍ତି । ଏପରିକି ସେ ମଧ୍ୟ ଟୟୋଟାର 'ମିରାଇ' ହାଇଡ୍ରୋଜେନ୍ ଇନ୍ଧନ-ସେଲ୍ କାର ବ୍ୟବହାର କରିବା ଆରମ୍ଭ କରିଛନ୍ତି । ଗଡ଼କରୀ କହିଛନ୍ତି, ହାଇଡ୍ରୋଜେନ୍ ହେଉଛି ଭବିଷ୍ୟତର ଇନ୍ଧନ । ମୋ ପାଖରେ ମଧ୍ୟ ଏକ ହାଇଡ୍ରୋଜେନ୍-ଚାଳିତ କାର ଅଛି, ଏବଂ ଏହା ଟୟୋଟାରୁ ଆସିଛି । ଏହା ମର୍ସିଡିଜ୍ ଭଳି ଆରାମଦାୟକ । କାରର ନାମ 'ମିରାଇ', ଏହା ଏକ ଜାପାନୀ ଶବ୍ଦ, ଯାହାର ଅର୍ଥ 'ଭବିଷ୍ୟତ' । ଉଲ୍ଲେଖନୀୟ ଯେ, ଚଳିତ ବର୍ଷ ଅକ୍ଟୋବରରେ, କେନ୍ଦ୍ର ସରକାର ଫାସଟ୍ୟାଗ୍ ନଥିବା ଗାଡ଼ି ଚାଳକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିଥିଲେ । ଏଥିରେ କୁହାଯାଇଥିଲା ଯେ ଯଦି କୌଣସି ଗାଡ଼ିରେ ଫାସଟ୍ୟାଗ୍ ନାହିଁ କିମ୍ବା ଏହା କାର୍ଯ୍ୟ କାମ କରୁନାହିଁ, ତେବେ ଟୋଲ୍ ପ୍ଲାଜାରେ ନଗଦ ଆକାରରେ ଦୁଇଗୁଣ ଟୋଲ୍ ଟ୍ୟାକ୍ସ ଦେବା ପରିବର୍ତ୍ତେ, ୟୁପିଆଇ ବ୍ୟବହାର କରି ଦେୟ କଲେ କେବଳ ୧.୨୫ ଗୁଣ ଟୋଲ୍ ଟ୍ୟାକ୍ସ ଆଦାୟ କରାଯିବ । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଥିଲା । ନଭେମ୍ବର ୧୫ ତାରିଖରୁ ଦେଶବ୍ୟାପୀ ଟୋଲ୍ ପ୍ଲାଜାରେ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି ।

ଲୁଟ୍ ହେଉଛି ଲଘୁ ଖଣିଜ ସମ୍ପଦ; ତିନି ବର୍ଷରେ ୧୨୬ କୋଟି ଟଙ୍କା ଜରିମାନା ଆଦାୟ

ଭୁବନେଶ୍ୱର, ୪/୧୨ (ଆ.ପ୍ର) : ରାଜ୍ୟରେ ଲୁଟ୍ ହେଉଛି ଲଘୁ ଖଣିଜ ସମ୍ପଦ । ବିଭିନ୍ନ ସ୍ଥାନରେ ଚଢ଼ାଉ ବେଳେ କୋଟି କୋଟି ଜରିମାନା ଆଦାୟ କଲେଣି ରାଜ୍ୟ ସରକାର । ଜାନୁଆରୀ ୨୦୨୨ରୁ ଅକ୍ଟୋବର ୨୦୨୫ ୩ ବର୍ଷରେ ପ୍ରାୟ ୧୨୬ କୋଟି ଜରିମାନା ଆଦାୟ । ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ପ୍ରଶ୍ନରେ ଗୃହରେ ଉତ୍ତର ଦେଇଛନ୍ତି ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା । ୩୦ ଜିଲ୍ଲାରୁ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ହେଉଛି । ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୬୫୫ କୋଟି ରାଜସ୍ୱ ଆଦାୟ ହୋଇଛି । ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ପାଇଁ ୩୦ ଜିଲ୍ଲାରେ ୧୫ ହଜାର ୧୮୭ଟି ଧରପଗଡ଼ ହୋଇଛି । ଏଥି ସହିତ ୩ ହଜାର ୧୧୯ଟି ମାମଲା ରୁଜୁ ହୋଇଛି । ୧୨୬ କୋଟି ୫୧ ଲକ୍ଷ ୭୮ ହଜାର ଜୋରିମାନା ଆଦାୟ ହୋଇଛି । ସେହିଭଳି ରାଜ୍ୟ ସର୍ବାଧିକ ବାଲି ଚୋରି ହେଉଥିବା ୧୧ ଅତ୍ୟଧିକ ସମ୍ବେଦନଶୀଳ ତହସିଲ ଚିହ୍ନଟ ହୋଇଛି । ଏହି ୧୧ ଟି ତହସିଲରେ ବାଲି, ମୋରମ ଓ ପଥର ଚୋରା ଚାଲଣା କରାଯାଉଛି । ଧର୍ମଶାଳା, ଝାରସୁଗୁଡ଼ା, ପିପିଲି, ଟାଙ୍ଗୀ, ମାର୍ଶାଘାଇ, ବାରଙ୍ଗ, କଣିହାଁ, ଜଟଣୀ, ହିନ୍ଦୋଳ, ପୁରୁଷୋତ୍ତମପୁର, ରଘୁନାଥପୁର ତହସିଲରେ ସବୁଠାରୁ ଅଧିକ ଚୋରି ହୋଉଥିବା ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୃହରେ ଉତ୍ତର ରଖିଛନ୍ତି ।

ଛାତ୍ରୀଙ୍କୁ ନିର୍ଯାତନା: ଡ୍ରାମା ବିଭାଗର ଅଧ୍ୟାପକ ବହିଷ୍କୃତ ପରେ ଗିରଫ

ଭୁବନେଶ୍ୱର, ୪/୧୨ (ଆ.ପ୍ର) : ଉତ୍କଳ ସଂଗୀତ ମହାବିଦ୍ୟାଳୟରେ ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ ଘଟଣା । ସମ୍ପୃକ୍ତ ଡ୍ରାମା ବିଭାଗର ଅଧ୍ୟାପକ ବହିଷ୍କୃତ । ଛାତ୍ରୀଙ୍କ ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ସଙ୍ଗୀତ ମହାବିଦ୍ୟାଳୟ ପ୍ରିନ୍ସିପାଲ । ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ ପରେ ଜୋରଦାର ହଙ୍ଗାମା ହୋଇଥିଲା । କ୍ୟାମ୍ପସରେ ଉତ୍ତେଜନା ପ୍ରକାଶ ପାଇବା ସହ ରାଜରାସ୍ତା ଘେରିଥିଲେ ଛାତ୍ରଛାତ୍ରୀ । ଡ୍ରାମା ବିଭାଗର ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ପରେ, ମହାବିଦ୍ୟାଳୟ ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ । ସମ୍ପୃକ୍ତ ଅଧ୍ୟାପକଙ୍କୁ ନିଲମ୍ବନ ଓ ଗିରଫ ଦାବିରେ ଅଡ଼ି ବସିଥିଲେ ଛାତ୍ରଛାତ୍ରୀ । ସଂସ୍କୃତି ବିଭାଗର ୩ ଜଣିଆ ଟିମ କଲେଜରେ ପହଂଚିଥିଲେ । ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ସଙ୍ଗୀତ ମହାବିଦ୍ୟାଳୟରେ ପହଂଚି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ । ଶେଷରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ବହିଷ୍କାର କରାଯାଇଛି । ଭୁବନେଶ୍ୱରସ୍ଥିତ ଉତ୍କଳ ସଂଗୀତ ମହାବିଦ୍ୟାଳୟରେ ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ ହୋଇଥିଲା । ଛାତ୍ରୀଙ୍କୁ ନିର୍ଯାତନା ଅଭିଯୋଗ ପରେ ଜୋରଦାର ହଙ୍ଗାମା ହୋଇଥିଲା । କ୍ୟାମ୍ପସରେ ଉତ୍ତେଜନା ପ୍ରକାଶ ପାଇବା ସହ ରାଜରାସ୍ତା ଘେରିଲେ ଛାତ୍ରଛାତ୍ରୀ । ଡ୍ରାମା ବିଭାଗର ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ପରେ, ମହାବିଦ୍ୟାଳୟ ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ । ସମ୍ପୃକ୍ତ ଅଧ୍ୟାପକଙ୍କୁ ନିଲମ୍ବନ ଓ ଗିରଫ ଦାବିରେ ଅଡ଼ି ବସିଥିଲେ ଛାତ୍ରଛାତ୍ରୀ ।

ବରଗଡ଼ ଧନୁଯାତ୍ରା ପାଇଁ ୧ କୋଟି ଟଙ୍କାର ଆର୍ଥିକ ଅନୁଦାନ ନିଷ୍ପତ୍ତି

ଭୁବନେଶ୍ୱର, ୪/୧୨ (ଆ.ପ୍ର) : ବରଗଡ଼ ଧନୁଯାତ୍ରା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ । ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଆଯାଇଛି ନିଷ୍ପତ୍ତି । ଚଳିତ ବର୍ଷ ଡ଼ିସେମ୍ବର ୨୪ ତାରିଖରୁ ଜାନୁଆରୀ ୩, ୨୦୨୬ ରିଖ ପର୍ଯ୍ୟନ୍ତ ବରଗଡ଼ରେ ଧନୁଯାତ୍ରା ମହୋତ୍ସବର ଆୟୋଜନ କରାଯିବ । ଧନୁଯାତ୍ରା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯିବା ସହିତ ଧନୁଯାତ୍ରାରେ ଭାଗ ନେଉଥିବା ପ୍ରାୟତଃ ୨୦୦ ଜଣ କଳାକାରମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ସୂଚକ ରାଶି ପ୍ରଦାନ କରାଯିବ । ଏଥିସହିତ ଧନୁଯାତ୍ରାର ବ୍ୟାପକ ପ୍ରଚାର ଓ ପ୍ରସାର ନିମନ୍ତେ ଏଲଇଡ଼ି ପରଦା ମାଧ୍ୟମରେ ଧନୁଯାତ୍ରାର ସିଧା ପ୍ରସାରଣ କରାଯିବ । ସେହିପରି ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ଓଡ଼ିଶା ବାହାରର ବିଭିନ୍ନ ରାଜ୍ୟରେ ମଧ୍ୟ ଏଲଇଡି ପରଦାରେ ଧନୁଯାତ୍ରାର ସିଧାପ୍ରସାରଣ କରାଯିବ । ବରଗଡ଼ ସହରର ମୁଖ୍ୟ ପ୍ରବେଶ ଦ୍ୱାରମାନଙ୍କରେ ଧନୁଯାତ୍ରା ଥିମ୍ ସମ୍ବନ୍ଧୀୟ ଗେଟ୍ ନିର୍ମାଣ କରିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଛି । ଧନୁଯାତ୍ରା ସମୟରେ ପୁରୀ ଏବଂ ଭୁବନେଶ୍ୱରରୁ ବରଗଡ଼ ଅଭିମୁଖେ ସ୍ୱତନ୍ତ୍ର ଟୁରିଷ୍ଟ ବସ୍ ଚଳାଇବା ନିମନ୍ତେ ମଧ୍ୟ ନିଷ୍ପତ୍ତି ନିଆଯାଇଛି । ଏଥିସହିତ ଧନୁଯାତ୍ରା ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରଦାନ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ୱେବସାଇଟ୍ ମଧ୍ୟ କରାଯିବ ଯେଉଁଥିରେ ଧନୁଯାତ୍ରାର ଚିତ୍ରାୟନ, ସମସ୍ତ ଦୃଶ୍ୟାବଳୀ, ସହରରେ ଥିବା ପ୍ରମୁଖ ହୋଟେଲ, ପାର୍କିଂ ସ୍ଥାନ, ମହୋତ୍ସବ ସ୍ଥାନ ସମ୍ବନ୍ଧୀୟ ବିବରଣୀ ଏବଂ ଜିପିଏସ ସିଷ୍ଟମକୁ ମଧ୍ୟ ସ୍ଥାନିତ କରାଯିବ ଯାହା ଦ୍ୱାରା କି ସମସ୍ତ ଜନସାଧାରଣମାନେ ଅତି ସହଜରେ ସମସ୍ତ ତଥ୍ୟ ପାଇପାରିବେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଧନୁଯାତ୍ରା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ୱେବସାଇଟରେ ଏକ ଡିଜିଟାଲ କୁଇଜ ଅନୁଷ୍ଠିତ କରାଯାଇ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯିବାର ମଧ୍ୟ ବ୍ୟବସ୍ଥା ରହିବ । ଧନୁଯାତ୍ରାର ସଫଳ ଆୟୋଜନ ନିମନ୍ତେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଯଥା ସୁରକ୍ଷା, ଅଗ୍ନିଶମ, ସ୍ୱଚ୍ଛତା, ଆଶୁ ଚିକିତ୍ସା ଏବଂ ସମସ୍ତ ପ୍ରଶାସନିକ ବନ୍ଦୋବସ୍ତକୁ ସୁନିଶ୍ଚିତ କରିବା ନିମନ୍ତେ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ଆମ ଗୌରବମୟ ସଂସ୍କୃତି ଓ ଐତିହ୍ୟର ଜୟଯାତ୍ରା ହେଉଛି ଧନୁଯାତ୍ରା । ଏହି ସମୟରେ ବରଗଡ଼ ସହରକୁ ମଥୁରା ନଗରୀ, ଅମ୍ବାପାଲି ଅଂଚଳକୁ ଗୋପପୁର, ଜୀରା ନଦୀକୁ ଯମୁନା ନଦୀର ନାମରେ ନାମିତ କରଯାଏ । ଧନୁଯାତ୍ରା ମହୋତ୍ସବକୁ ଚଳିତ ଥର ଦିବ୍ୟ, ଭବ୍ୟ ଓ ଆଡ଼ମ୍ବରର ସହ ପାଳନ କରାଯିବ ବୋଲି ସଂସ୍କୃତି ମନ୍ତ୍ରୀ ମତପ୍ରକାଶ କରିଥିଲେ । ବୈଠକରେ ବରଗଡ଼ ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ, ବିଜେପୁର ବିଧାୟକ ଶ୍ରୀ ସନତ କୁମାର ଗରତିଆ, ଅତାବିରା ବିଧାୟକ ଶ୍ରୀ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଶ୍ରୀ ଇରାଶିଷ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ,ପଦ୍ମପୁର ବିଧାୟକ ଶ୍ରୀମତୀ ବର୍ଷା ସିଂ ବରିହା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁଗର୍ଗ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଶ୍ରୀ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଦେବ ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

ବରପାଲି ରେଳ ଷ୍ଟେସନ ଅମୃତ ଭାରତ ଷ୍ଟେସନ ଯୋଜନାରେ ନବୀକରଣ

ଭୁବନେଶ୍ୱର, ୪/୧୨ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ପଦକ୍ଷେପ ମଧ୍ୟରୁ ଗୋଟିଏ, ଅମୃତ ଭାରତ ଷ୍ଟେସନ ଯୋଜନାରେ ବରପାଲି ରେଳ ଷ୍ଟେସନରେ ଏକ ବହୁତ ବଡ଼ ପରିବର୍ତ୍ତନ ହୋଇଛି । ଯାହାର ଲକ୍ଷ୍ୟ ସାରା ଦେଶରେ ଆଧୁନିକ, ସମାବେଶୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ରେଳ ଭିତିଭୂମି ସୁନିଶ୍ଚିତ କରିବା । ଏହି ପଦକ୍ଷେପ ପ୍ରଧାନମନ୍ତ୍ରୀଙ୍କ ଅର୍ଦ୍ଧ-ସହରୀ ଏବଂ ଗ୍ରାମାଂଚଳରେ ମଧ୍ୟ ବିଶ୍ୱସ୍ତରୀୟ ସାଧାରଣ ସୁବିଧା ଯୋଗାଇଦେବାର ବ୍ୟାପକ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ, ଯାହାଦ୍ୱାରା ସନ୍ତୁଳିତ ଆଂଚଳିକ ବିକାଶ ସୁନିଶ୍ଚିତ ହୁଏ । ୨୨.୨୮ କୋଟିର ପୁନଃବିକାଶ ଖର୍ଚ୍ଚ ସହ ଉନ୍ନତ ବରପାଲି ଷ୍ଟେସନ ଏବେ ଆଧୁନିକ ରେଳ ସ୍ଥାପତ୍ୟର ଏକ ମଡେଲ ଭାବରେ ଠିଆ ହୋଇଛି । ଯାହା ଉନ୍ନତ ସୁଗମତା, ବର୍ଦ୍ଧିତ ସୁରକ୍ଷା, ସମୃଦ୍ଧ ସାଂସ୍କୃତିକ ସୌନ୍ଦର୍ଯ୍ୟ ଏବଂ ଉନ୍ନତ ଯାତ୍ରୀ ସୁବିଧା ପ୍ରଦାନ କରେ । ଷ୍ଟେସନ ଆଧୁନିକୀକରଣ ଏବଂ ନାଗରିକ କେନ୍ଦ୍ରିକ ସେବା ପ୍ରତି କେନ୍ଦ୍ର ରେଳ ମନ୍ତ୍ରୀଙ୍କ ନିରନ୍ତର ଗୁରୁତ୍ୱରୁ ପ୍ରେରିତ ହୋଇ, ବରପାଲି ରେଳ ଷ୍ଟେସନ ଏବେ ପଶ୍ଚିମ ଓଡ଼ିଶା ପାଇଁ ଏକ ପ୍ରମୁଖ ରେଳ ଭିତିଭୂମି ସମ୍ପତ୍ତି ଭାବେ ଉଭା ହୋଇଛି । ବରପାଲି ଷ୍ଟେସନର ଆଧୁନିକୀକରଣ ଏହି ଅଂଚଳକୁ ବ୍ୟାପକ ଲାଭ ଆଣିବା ପାଇଁ ପ୍ରସ୍ତୁତ ହୋଇଛି । ଉନ୍ନତ ସଂଯୋଗୀକରଣ ଦ୍ୱାରା ବରଗଡ଼ ଜିଲ୍ଲା ଏବଂ ଆଖପାଖ ସହରଗୁଡ଼ିକର ଦୈନିକ ଯାତ୍ରୀ, ଛାତ୍ରଛାତ୍ରୀ, ବ୍ୟବସାୟୀ ଏବଂ କୃଷକମାନଙ୍କୁ ସହାୟତା ମିଳିବ । ଉନ୍ନତ ଷ୍ଟେସନ ଭିତିଭୂମି ସ୍ଥାନୀୟ ବ୍ୟବସାୟ, ଓଏସଓପି (ୱାନଷ୍ଟେସନୱାନପ୍ରଡକ୍ଟ) ବିକ୍ରେତା ଏବଂ କ୍ଷୁଦ୍ର ଉଦ୍ୟୋଗ ପାଇଁ ଅଧିକ ସୁଯୋଗ ପ୍ରଦାନ କରିବ । ଉନ୍ନତ ସୁବିଧାଗୁଡ଼ିକ ଜିଲ୍ଲାର ପ୍ରସିଦ୍ଧ ସମ୍ବଲପୁରୀ ହସ୍ତତନ୍ତ କ୍ଷେତ୍ରକୁ ଆହୁରି ପ୍ରୋତ୍ସାହିତ କରିବ, ବସ୍ତ୍ରର ଦ୍ରୁତ ପରିବହନ ସୁନିଶ୍ଚିତ କରିବ ଏବଂ ବୁଣାକାରମାନଙ୍କ ପାଇଁ ବଜାର ପ୍ରବେଶ ବିସ୍ତାର କରିବ । ଉନ୍ନତ ସୁବିଧା ଏବଂ ସୁରକ୍ଷା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ଏବଂ ଏହି ଅଂଚଳର ଗ୍ରାମୀଣ ସମ୍ପ୍ରଦାୟକୁ ଲାଭାନ୍ୱିତ କରିବ ।

ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନପାଇଁ ଅମୂଲ୍ୟ କୁମାର ମିଶ୍ରଙ୍କୁ ବୈକୁଣ୍ଠନାଥ ଆଚାର୍ଯ୍ୟ ସ୍ମାରକୀ ଆଦର୍ଶ ଶିକ୍ଷକ ପୁରସ୍କାର

ଜଗତସିଂହପୁର, ୪/୧୨ (ଆ.ପ୍ର) : ସଫଳ ବିଦ୍ୟାର୍ଥୀଙ୍କ ପାଠଶାଳା ଭାବରେ ଗୌରବ ବହନ କରିଥିବା ଐତିହ୍ୟସମ୍ପନ୍ନ ଅଲଣାହାଟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାସୁଦେବ ଏଡୁକେସନାଲ ୱେଲଫେୟାର ଟ୍ରଷ୍ଟର ପଂଚମ ବାର୍ଷିକ ଉତ୍ସବ ମହାଆଡମ୍ବରରେ ଟ୍ରଷ୍ଟର ସଭାପତି ବିରଂଚି ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯଥା ବିଜ୍ଞାନ ଶିକ୍ଷାରେ ଉତ୍କର୍ଷତା ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ରେଡ୍‌କ୍ରସ ପାଇଁ ରାଜ୍ୟପାଳଙ୍କ ଠାରୁ ଶ୍ରେଷ୍ଠ ପରାମର୍ଶଦାତା ପରସ୍କାର, ସ୍କାଉଟରେ ମର୍ଯ୍ୟାଦା ଜନକ ବସନ୍ତ ବିଶ୍ୱାଳ ପୁରସ୍କାର, ପରିବେଶ ସୁରକ୍ଷା ପାଇଁ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ 'ପ୍ରକୃତିବନ୍ଧୁ ପୁରସ୍କାର, ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ସଂସ୍ଥା ପ୍ରେରଣା ତରଫରୁ ଗ୍ରୀନ ୱାରାୟର ପୁରସ୍କାର, ଏନ. ସି. ସି ର ବିଭିନ୍ନ କ୍ୟାମ୍ପରେ ସଫଳତା ଓ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ୫୦୦ରୁ ଉର୍ଦ୍ଧ୍ୱ ସାରସ୍ୱତ ସୃଷ୍ଟି ସମ୍ଭାର ପ୍ରଭୃତି କୃତିକୁ ଆଧାର କରି ବିଜ୍ଞାନ ଶିକ୍ଷକ ତଥା ଏନ.ସି.ସି ଅଫିସର ଅମୂଲ୍ୟ କୁମାର ମିଶ୍ରଙ୍କୁ ବାସୁଦେବ ଏଡୁକେସନାଲ ୱେଲଫେୟାର ଟ୍ରଷ୍ଟ ତରଫରୁ ମେମେଣ୍ଟୋ, ଉପଢ଼ୌକନ ଏବଂ ପୁଷ୍ପଗୁଚ୍ଛ ଦିଆଯାଇ ବୈକୁଣ୍ଠନାଥ ଆଚାର୍ଯ୍ୟ ସ୍ମାରକୀ ଆଦର୍ଶ ଶିକ୍ଷକ ପୁରସ୍କାର-୨୦୨୫ ପ୍ରଦାନ କରାଯାଇଅଛି । ଏହି ବର୍ଣ୍ଣାଢ୍ୟ ସମାବେଶରେ ରାଜସ୍ୱ ବିଭାଗର ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ଦାଶ, ପ୍ରାଧ୍ୟାପକ ଡ. ପ୍ରଶାନ୍ତ କିଶୋର ପରିଡା, ଅଧ୍ୟକ୍ଷ ଡ. ବିଶ୍ୱଜିତ ରାୟ,ଅକ୍ଷୟ କୁମାର ମିଶ୍ର, ପ୍ରକାଶ ଚନ୍ଦ୍ର ରାୟ, ସାନ୍ତନୁ ମିଶ୍ର, ଅଧ୍ୟାପକ ପ୍ରତାପ ଚନ୍ଦ୍ର ଲେଙ୍କା ଓ ଟ୍ରଷ୍ଟର ସମ୍ପାଦକ ଡ. ରୁଦ୍ର ନାରାୟଣ ମିଶ୍ର ପ୍ରମୁଖଙ୍କ ସହ ଅନେକ ମାନ୍ୟ ଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ଶ୍ରୀମାନ ମିଶ୍ରଙ୍କୁ ବୈକୁଂଠନାଥ ଆଚାର୍ଯ୍ୟ ସ୍ମାରକୀ ଆଦର୍ଶ ଶିକ୍ଷକ ପୁରସ୍କାର -୨୦୨୫ ମିଳିବା ପରେ ଜିଲ୍ଲା ଶିକ୍ଷାଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ନାଉଗାଁ ମଣ୍ଡଳ ଶିକ୍ଷାଧିକାରୀ, ଅଲଣାହାଟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ପ୍ରାକ୍ତନ ବିଦ୍ୟାଳୟ କମିଟିର ସଦସ୍ୟ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ବନ୍ଧୁ, ପରିବାରବର୍ଗ ଶୁଭେଚ୍ଛା ଜଣାଇ ଏହି ସଫଳତାକୁ ଭବିଷ୍ୟତରେ ବଜାଇ ରଖିବାକୁ ପରାମର୍ଶ ଦେଇଛନ୍ତି ।

ମାନବପ୍ରେମୀ ସମାଜସେବୀ ସତ୍ୟ ବିଶିଙ୍କ ମହନୀୟତା

ଧର୍ମଗଡ଼, ୪/୧୨ (ଆ.ପ୍ର) : ବଣମଲ୍ଲୀ ବଣରେ ଫୁଟି, କିଛି ଦୂର ପର୍ଯ୍ୟନ୍ତ ତାର ବାସ୍ନା କୁ ମହକାଇ, ମଉଳି ଗଲା ଭଳି ବହୁ ପ୍ରତିଭାବାନ ବ୍ୟକ୍ତି ମଧ୍ୟ ଏଠି ଲୋକ ଲୋଚନକୁ ନ ଆସିପାରି କେବଳ କିଛି ଦୂର ପର୍ଯ୍ୟନ୍ତ ହିଁ ସୀମିତ ରହି ଯାଉଛନ୍ତି ଓ ସେହିଭଳି ଜଣେ ଦୁଃଖୀ ଅସହାୟର ବନ୍ଧୁ ହେଉଛନ୍ତି କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ଜଣେ ଜଣାଶୁଣା ସମାଜସେବୀ ତଥା ପ୍ରକୃତି ପ୍ରେମୀ, ମାନବ ପ୍ରେମୀ, ରକ୍ତବୀର ସତ୍ୟ ନାରାୟଣ ବିଶି । ସେ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରି ନିଅନ୍ତି । ସେ ଜଣେ ସ୍ନେହୀ, ପର ଉପକାରୀ ଅଟନ୍ତି । ସେ ପିଲାଟି ଦିନରୁ ଶ୍ରୀକୃଷ୍ଣ ବିଶ୍ୱାସୀ । ଅଂଚଳର ଯେକୌଣସି ସ୍ଥାନରେ ଦୁଃଖି, ଦରିଦ୍ର, ଗରିବ, ଝଟିଖିଆ,ଦିନ ମଜୁରିଆ, ଗରିବ ବୃଦ୍ଧ, ବୃଦ୍ଧା, ବିଧବା ସ୍ତ୍ରୀ ଅସୁବିଧାରେ ପଡିଥିବାର ଶୁଣନ୍ତି ସେ ସେଠାରେ ପହଂଚି ତାଙ୍କର ସେବା କରନ୍ତି । ଏମିତିକି ଦୁର୍ଘଟଣାରେ ଆହତ ବ୍ୟକ୍ତି ହେଉ କି ରକ୍ତ ଅଭାବ ବ୍ୟକ୍ତି ହେଉ ତାଙ୍କୁ ଚିକିତ୍ସାଳୟକୁ ପହଂଚାଇ ସହଯୋଗ କରିଥାନ୍ତି । ତେଣୁ ସେ କଳାହାଣ୍ଡିରେ ବେଶ ସୁପରିଚିତ ।ତାଙ୍କ ଏଭଳି ସେବା ମନୋଭାବ ପାଇଁ ପିଲାଠୁ ବୁଢା ପର୍ଯ୍ୟନ୍ତ ସମସ୍ତେ ଭଲ ପାଆନ୍ତି ।

କଲ୍ୟାଣସିଂହପୁର ବ୍ଲକ୍ ଚଇତି ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ରାୟଗଡ଼ା, ୪/୧୨ (ଆ.ପ୍ର) : ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଚଇତି ମହୋତ୍ସବ ପାଇଁ ଦ୍ୱିତୀୟ ଥର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥଲା। ଏଥିରେ କଲ୍ୟାଣସିଂହପୁର ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୀଷା ଦାସ, କଲ୍ୟାଣସିଂହପୁର ବ୍ଲକ୍ ତଥା ରାୟଗଡ଼ା ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି ସନ୍ତୋଷ କୁମାର ବଛା, ବ୍ଲକ୍ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଚନ୍ଦନ ଦାସ ବଙ୍ଗାରି, ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ମିଶ୍ର, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ୍ ସିଂ ମଂଡାସିନ ରହିଥିବା ବେଳେ ବ୍ଲକ୍ ବିଭିନ୍ନ ଲାଇନ ଡିପାର୍ଟମେଂଟ ଅଧିକାରୀ , ଚିତ୍ରକାର କଳାକାର, ଜନ ପ୍ରତିନିଧି, ବିଭିନ୍ନ ସମାଜ ସଭାପତି, ସମାଜସେବୀ, ଗଣ ମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବି, ଲୋକକଳା କଳାକାର, ସ୍ଥାନୀୟ ବାସିନ୍ଦା ପ୍ରମୁଖ ଉପସ୍ଥିତ ରହିଥିଲେ । ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ମହା ଆଡ଼ମ୍ବରରେ ଚଇତି ମହୋତ୍ସବ ଅନୁଷ୍ଠିତ ନେଇ ବିଶେଷ ଆଲୋଚନା ହୋଇଥିଲା ଏଥି ନିମନ୍ତେ ଗାଁ ଗହଳି ରେ ରହୁଥିବା ପ୍ରତିଭା ପଂଚାୟତ ସ୍ତରରେ କିମ୍ବା ବ୍ଲକ୍‌କୁ ଆସି ମଧ୍ୟ ନିଜ ନାମ କିମ୍ବା ଦଳ ନାମ ପଞ୍ଜୀକରଣ କରିବାକୁ ପଡ଼ିବ ଏବଂ ସେମାନେ ବ୍ଲକ୍ ସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ସେମାନଙ୍କ ମଧ୍ୟରୁ ଯୋଗ୍ୟ ପ୍ରତିଭାଙ୍କୁ ଜିଲ୍ଲା ସ୍ତରୀୟ ଚଇତି ମହୋତ୍ସବ ରେ କଳା ପରିବେଷଣ କରିପାରିବେ ବୋଲି ଉପସ୍ଥିତ ଗୋଷ୍ଠି ଉନ୍ନୟନ ଅଧିକାରୀ ଜଣାଇ ଥିଲେ । ଚଳିତ ମାସ ୯ ତାରିଖ ଦିନ କଲ୍ୟାଣସିଂହପୁର ର ସ୍ଥାନୀୟ ନାଗାବଳୀ ଓ କଲ୍ୟାଣୀ ନଦୀ ସଙ୍ଗମ ସ୍ଥଳରୁ ଜଳ ସଂଗ୍ରହ ଓ କଳସ ପୂଜା ପରେ ବାଜା ନାଚ ଗୀତ ସହ କଳସ ପଦ ଯାତ୍ରା ରେ ଆସି ରଥ ପଡ଼ିଆ ଠାରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି ।

ଗଜପତିରେ ଶିକ୍ଷାର ସ୍ଥିତି ବିପଦସଂକୁଳ

ପାରଳାଖେମୁଣ୍ଡି, ୪/୧୨ (ଆ.ପ୍ର) : ଗଜପତି ଜିଲ୍ଲା ଓଡିଶାର ପଛୁଆ ଜିଲ୍ଲା କହିଲେ ଅତ୍ୟୁକ୍ତି ହେବନାହିଁ। ଏଠାରେ ୫ ଆଦିବାସୀ ଅଧୁଷିତ ତଥା ୨ଟି ସାଧାରଣ ବ୍ଲକ ରହିଛି । ବର୍ତମାନ ଦେଖାଦେଇଛି ଜିଲ୍ଲାର ୮୦ ପ୍ରତିଶତ ବିଦ୍ୟାଳୟରେ ୩୦ କିମ୍ବା ତାଠାରୁ କମ୍ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏଥିରୁ ଅନୁମାନ କରାଯାଉଛି ଶିକ୍ଷକ ତଥା ଶିକ୍ଷୟତ୍ରୀ ମାନଂଙ୍କ ଉପସ୍ଥିତି ଏବଂ ଗୁଣାତ୍ମକ ଶିକ୍ଷାଦାନ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ପୂର୍ବରୁ ୨୦୨୦ ମସିହାରେ ୧୩୬୬ ବିଦ୍ୟାଳୟ ମଧ୍ୟରୁ ୫୮୩ ବିଦ୍ୟାଳୟରେ କମ୍ ଛାତ୍ରଛାତ୍ରୀ ଉପସ୍ଥାନ କମ୍ ଥିବାରୁ ଏହି ବିଦ୍ୟାଳୟ ଗୁଡିକୁ ବନ୍ଦ କରାଯାଇଥିଲା । ବର୍ତମାନ ଜିଲ୍ଲାରେ ୮୧୪ଟି ସ୍କୁଲରେ ୬୪୪୯୩ ଛାତ୍ରଛାତ୍ରୀ ପଢୁଛନ୍ତି ଓ ସେମାନଂଙ୍କ ପାଇଁ ୪୦୬୦ ଶିକ୍ଷକାଶିକ୍ଷୟତ୍ରୀ ନିଯୁକ୍ତି ପାଇଛନ୍ତି ।ତେବେ ୨୬୬ଟି ସ୍କୁଲରେ ୩୦ କିମ୍ବା ତାଠାରୁ କମ୍ ଛାତ୍ରଛାତ୍ରୀ ପଢୁଛନ୍ତି । ଅଭିଭାବକ ମାନଂଙ୍କୁ ପ୍ରୋତ୍ସାହନର ଅଭାବ ତଥା ଶିକ୍ଷକାଶିକ୍ଷୟତ୍ରୀ ଏବଂ ଅଭିଭାବକ ମାନଂଙ୍କ ମଧ୍ୟରେ ସମନ୍ୱୟର ଅଭାବ ଚିନ୍ତାର ବିଷୟ ରହିଛି । ଅନ୍ତତଃ ସେହି ବିଦ୍ୟାଳୟ ମାନଂଙ୍କରେ ପ୍ରଶାସନ ଦୃଷ୍ଟି ଦେବାକୁ ଅଭିଭାବକ ମାନେ ନିବେଦନ କରିଛନ୍ତି ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୀତା ଜୟନ୍ତୀ ପାଳିତ

ଜଗତସିଂହପୁର, ୪/୧୨ (ଆ.ପ୍ର) : ଜଗତସିଂହପୁର ସହରର ବଡବ୍ଲାର ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବିଦ୍ୟାଳୟ ପରିସରରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଗୀତା ଆବୃତ୍ତି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ୩ଟି ବର୍ଗରେ ମୋଟ ୧୨୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ୩ୟ ରୁ ୫ମ କନିଷ୍ଠ ବର୍ଗରେ ନିବେଦିତା ଦାସ ପ୍ରଥମ, ସ୍ୱାତୀ ସ୍ୱାଗତିକା ଦ୍ୱିତୀୟ ଏବଂ ସଂପୂର୍ଣ୍ଣା ପ୍ରିୟଦର୍ଶିନୀ ତୃତୀୟ ହୋଇଥିଲେ । ଷଷ୍ଠରୁ ଅଷ୍ଟମ ମାଧ୍ୟମ ବର୍ଗରେ ରୋଶନି ଖଟୁଆ ପ୍ରଥମ, ଅଙ୍କିତା ନାୟକ ଦ୍ୱିତୀୟ ଏବଂ ସ୍ପନ୍ଦନା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ନବମ ଓ ଦଶମ ବରିଷ୍ଠ ବର୍ଗରେ ଶୁଭଶ୍ରୀ ବିଶ୍ୱାଳ ପ୍ରଥମ, ଶୁଭସ୍ମିତା ଦାସ ଦ୍ୱିତୀୟ ଏବଂ ଶଶାଙ୍କ ଶେଖର ସାବତ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଗୁରୁଜୀ ଶ୍ରୀକାନ୍ତ ରାଉତ, ଆଲୋକ ଖଟୁଆ, ରଶ୍ମୀ ରଞ୍ଜନ ଦାଶ୍ ଏବଂ ଗୁରୁମା ମଧୁସ୍ମିତା ମହାନ୍ତି ମୂଲ୍ୟାୟନ କରିଥିଲେ । ପବିତ୍ର ଗୀତା ଜୟନ୍ତୀ ଅପରାହ୍ନରେ ଆୟୋଜିତ ସଭାରେ ଅତିଥି ମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଗୁରୁଜୀ ଗୁରୁମା ମାନେ ସହଯୋଗ କରିଥିଲେ ।

ଧାମନଗର ଅଙ୍ଗନବାଡ଼ି କେନ୍ଦ୍ରରେ ହିତାଧିକାରୀଙ୍କୁ ସ୍ୱାଦିଷ୍ଟ ଛତୁଆ ସୁବଂଟନ ହେଉଛି : ସିଡିପିଓ

ଧାମନଗର, ୪/୧୨ (ଆ.ପ୍ର) : ଧାମନଗର ବ୍ଲକର ବିଭିନ୍ନ ପଂଚାୟତ ଏବଂ ଏନଏସି ଅଂଚଳର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଯୋଗାଇ ଦିଆଯାଉଥିବା ଛତୁଆ ନିମ୍ନମାନର ବୋଲି କିଛି ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏ ସମ୍ପର୍କରେ ଛତୁଆ ଯୋଗାଉଥିବା ଆଇଡିଏଲ ଓ ମେଳ ଏସଏଚଜି ଗ୍ରୁପର କର୍ମକର୍ତା ଏବଂ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀମାନଙ୍କୁ ଯୋଗାଯୋଗ କରିବାରୁ ସରକାରଙ୍କ ନିୟମ ଅନୁସାରେ ଛତୁଆରେ ବାଦାମ, ବୁଟ, ଗହମ ଓ ଚିନି ଆଦି ଆବଶ୍ୟକ ପରିମାଣର ସ୍ୱାଦିଷ୍ଟ ଛତୁଆ ବଂଟନ କରାଯାଉଛି । ଧାମନଗର ଅଂଚଳର ଅଙ୍ଗନବାଡ଼ି କେନ୍ଦ୍ରର ହିତାଧିକାରୀ, ଗର୍ଭବତୀ ମହିଳା ୭ମାସରୁ ୩ ବର୍ଷର ଶିଶୁ ସ୍ୱାଦିଷ୍ଟ ଛତୁଆକୁ ଆଗ୍ରହର ସହିତ ଖାଉଛନ୍ତି ବୋଲି ସେମାନେ କହିଛନ୍ତି । ପ୍ରକାଶ ଥାଉକି ସରକାରଙ୍କ ନିୟମ ଅନୁଯାୟୀ ପ୍ରତ୍ୟେକ ମାସ ୨୩ ତାରିଖରେ ଜିଲ୍ଲା ଡିଏସ୍‌ଡବ୍ଲୁ ଅଫିସରୁ ତଦନ୍ତ ଅଧିକାରୀ, ଧାମନଗର ସିଡିପିଓ ଏବଂ ସୁପରଭାଇଜର ମାନଙ୍କ ଉପସ୍ଥିତିରେ ସରକାରୀଙ୍କ ଯାହା ନିତି ନିୟମ ରହିଛି ସେହି ଅନୁସାରେ ଛତୁଆରେ ବାଦାମ, ବୁଟ, ଗହମ ଓ ଚିନି ଆଦି ଆବଶ୍ୟକ ପରିମାଣରେ ମିଶାଯାଉଛି ବୋଲି ଗ୍ରୁପର କର୍ମକର୍ତା ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ପାଇଁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଦମୟନ୍ତି ଦେଉ ଏବଂ ସୁପରଭାଇଜର ମମତା ରାଣୀ ରାଉତଙ୍କୁ କାର୍ଯ୍ୟାଳୟରେ ଭେଟି ପଚାରି ବୁଝିବାରୁ ନିମ୍ନମାନର ବୋଲି ଆମ ପାଖରେ କୌଣସି ଲିଖିତ ଅଭିଯୋଗ ଆସି ନାହିଁ । ତେବେ ହିତାଧିକାରୀ ମାନଙ୍କୁ ଉତମ ମାନର ଭଲ ଛତୁଆ ସମସ୍ତ କେନ୍ଦ୍ରରେ ସୁବଂଟନ କରାଯାଉଛି ବୋଲି ସିଡିପିଓ ତାଙ୍କ ପ୍ରତିକ୍ରିୟାରେ ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି ।

କଂଟେନର ଦୁର୍ଘଟଣାରେ ଯୁବକ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ଆହତ

ଛଡିଆ, ୪/୧୨ (ଆ.ପ୍ର) : ବଡ଼ଚଣା ବ୍ଲକ ୧୬ନଂ ଜାତୀୟ ରାଜପଥ ଛଡିଆ ଜୟଗୁରୁ ମନ୍ଦିର ସାମ୍ନା ରେ ଗତ ମଧ୍ୟ ରାତ୍ର ରେ ଦୁର୍ଘଟଣାଘଟି ଜଣେ ଆହତ ହୋଇଥିବା ବେଳେ ଅନ୍ୟ ଜଣେ ଯୁବକ ମୃତ୍ୟୁ ବରଣ କରିଛନ୍ତି । ସୂଚନା ମୁତାବକ ଗତ ମଧ୍ୟ ରାତ୍ର ସମୟରେ ଚମ୍ପାପୁର ପଂଚାୟତ ସାନବନ୍ଦଲୋ ଗ୍ରାମର ବୁଲା ପ୍ରଧାନ ଙ୍କ ପୁଅ ଦିବ୍ୟପ୍ରସାଦ ପ୍ରଧାନ(୨୨) ଓ ଦିଳୀପ ରାଉତଙ୍କ ପୁଅ ବିଶ୍ୱଜିତ ରାଉତ(୨୦)ଛଡିଆ ନିକଟ ଜୟଗୁରୁ ମନ୍ଦିର ସାମ୍ନା ରେ ରାସ୍ତା ପାର ହେଉଥିବା ସମୟରେ ଚଣ୍ଡିଖୋଲ ପଟରୁ ଏକ ଦ୍ରୁତଗତିରେ ଆସୁଥିବା କଂଟେନର ଗାଡ଼ିଟି ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ଦିବ୍ୟପ୍ରସାଦ ଙ୍କ ମୃତ୍ୟୁ ଘଟିଥିଲା ଓ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ ।ଖବର ପାଇ ଛଡିଆ ବିଟ ହାଉସର କନେଷ୍ଟବଳ ତାପସ ରାଉତରାୟ ଘଟଣାସ୍ଥଳରେ ପହଂଚି ଗୁରୁତର ଆହତ ହୋଇଥିବା ଯୁବକଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇଥିବା ବେଳେ ଅନ୍ୟ ଯୁବକ ଜଣକ ସବକୁ ବ୍ୟବଚ୍ଛେଦ ପାଇଁ କଟକ ମେଡ଼ିକାଲକୁ ପଠାଇଥିଲେ ।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମା ରମାଦେବୀ ଚୌଧୁରୀଙ୍କ ଜନ୍ମ ଜୟନ୍ତୀ ପାଳିତ

ଜଗତସିଂହପୁର, ୪/୧୨ (ଆ.ପ୍ର) : ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମା ରମାଦେବୀ ଚୌଧୁରୀଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତିରେ ଜିଲ୍ଲାପାଳ ଜେ ସୋନାଲ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜଗତସିଂହପୁରର ଗର୍ବ ମା ରମାଦେବୀ ଚୌଧୁରୀ ୧୮୯୯ ମସିହା ଡିସେମ୍ବର ୩ ତାରିଖରେ ଜନ୍ମ ନେଇଥିଲେ । ଅସହଯୋଗ ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ବିନୋବାଜୀଙ୍କ ଭୂଦାନ ଯଜ୍ଞର ସଫଳତା ପଛରେ ରମାଦେବୀଙ୍କର ଅଭୟ ହସ୍ତ ଥିଲା । ଆଜି ତାଙ୍କର ପବିତ୍ର ଜନ୍ମ ତିଥିରେ ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ପୌର ପରିଷଦ ନିର୍ବାହୀ ଅଧିକାରୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ଓ ପୌର ପରିଷଦର କର୍ମକର୍ତା ଦୀପକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସେହି ମହାନ ଆତ୍ମାଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

ବନ୍ଧକୋନାରେ ମହାଲକ୍ଷ୍ମୀ ପୂଜା ଅନୁଷ୍ଠିତ

ଚନ୍ଦାହାଣ୍ଡି, ୪/୧୨ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକର ଅନେକ ସ୍ଥାନରେ ମାଣବସା ଗୁରୁବାର ଅବସରରେ ମହାଲକ୍ଷ୍ମୀ ପୂଜା ଅତି ଆନନ୍ଦ ଉଲ୍ଲାସ ସହକାରେ ଅନୁଷ୍ଠିତ ହେଉଛି । ସେଥି ମଧ୍ୟରୁ ପାଟଖଲିଆ ଗ୍ରାମ ପଂଚାୟତର ବନ୍ଧକୋନା ଗ୍ରାମ ଠାରେ ପ୍ରଥମ କରି ଗ୍ରାମବାସି ଏକତ୍ରିତ ହୋଇ ମହାଲକ୍ଷ୍ମୀ ପୂଜା ଆୟୋଜନ କରିଛନ୍ତି । ପ୍ରଥମେ ଗ୍ରାମର ସମସ୍ତ ମହିଳାମାନେ ଏକତ୍ରିତ ହୋଇ ମୁଣ୍ଡରେ କଳସି ବୋହି ପାଖ ଭଣ୍ଡାର ନଦୀକୁ ଯାଇ ପୁରୋହିତ ସିମାଂଚଳ ରଥ ଗଙ୍ଗାକୁ ଆହ୍ୱାନ କରି ସେହିସ୍ଥାନରେ ପୂଜା କରି ଖାଲି କଳସରେ ପାଣି ପୂର୍ଣ କରି ଏକ ବିଶାଳ ଶୋଭା ରେ ବାହାରି ସେହି କଳସକୁ ମାଙ୍କ ପୂଜାସ୍ଥଳରେ ସ୍ଥାପନା କରିଥିଲେ । ଏହି ମହାଲକ୍ଷ୍ମୀ ପୂଜାରେ ସିଂହ ନାୟକ ଓ ତାଙ୍କର ଧର୍ମ ପତ୍ନୀ ଶ୍ରୀମତୀ ପୂର୍ଣ୍ଣମୀ ନାୟକ କର୍ତା ଓ କର୍ତାଣୀ ଦାୟିତ୍ୱ ତୁଲାଇ ଥିଲେ । ମାଙ୍କ ଶ୍ରଦ୍ଧାଳୁ ମାନଙ୍କ ମନୋରଞ୍ଜନ ପାଇଁ ପ୍ରତେକ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବା ସହି ପ୍ରତେକ ଦିନ ସହ ସହ ଶ୍ରଦ୍ଧାଳୁ ମାନଙ୍କୁ ଅନ୍ନଭୋଗ ର ବ୍ୟବସ୍ଥା ମଧ୍ୟ କରାଯାଇଛି । ଏହି ପୂଜାରେ ତ୍ରିନାଥ କଟାଙ୍କୁ ସଭାପତି ଓ ଅନ୍ତରାମ ଜାଳଙ୍କୁ ସମ୍ପାଦକ ଭାବେ ରହିଛନ୍ତି ।ସନାତ୍ନ କୁମାର ସୋରି, ଚନ୍ଦ୍ର ମାଝୀ, ମଙ୍ଗଲୁ ନାୟକ, ସନ୍ତୋଷ ନାୟକ, ସଦନ ନାୟକ, ଦେବିସିଂ ବାଘ, ହୀରାଧର ନାୟକ, ପବିତ୍ର ଗହୀର, ଭଗବାନ ବଦପତି, ଦଳପତି ଗହୀର, ସୁବାସ ମହାପାତ୍ର, ତଥା ସମସ୍ତ ବନ୍ଧକୋନା ଗ୍ରାମବାସି ସହଯୋଗ କରୁଛନ୍ତି ।

କଳିଙ୍ଗା ଘାଟିର ଦୁର୍ଘଟଣାରୁ ବଂଚିବା ପାଇଁ ଲାଗିଲା ସେନ୍ସର୍

ଜି.ଉଦୟଗିରି, ୪/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା କଳିଙ୍ଗା ଘାଟିରେ ଅତ୍ୟଧିକ ଦୁର୍ଘଟଣା ଯୋଗୁଁ ବହୁ ସଂଖ୍ୟାକ ଲୋକେ ପ୍ରାଣ ହରାଇଥିବା ବେଳେ ଦୁର୍ଘଟଣା ଏଡ଼ାଇବା ନିମନ୍ତେ କିଛି ପଦକ୍ଷେପ ନେବା ପାଇଁ ସରକାରଙ୍କ ନିକଟରେ ଅଂଚଳବାସୀଙ୍କ ତରଫରୁ ବହୁ ବାର ଦାବି ହୋଇଥିଲା । ତାର ଫଳ ସ୍ୱରୂପ ଗୁରୁବାର ଭୁବନେଶ୍ୱର ଆଇଆଇଟି ତରଫରୁ ଓଡ଼ିଶାର ପ୍ରଥମ ଘାଟି ଭାବେ କଳିଙ୍ଗା ଘାଟିକୁ ନେଇ ପରୀକ୍ଷା ମୂଳକ ଭାବେ ଏକ ଭେଇକିଲ ସେନ୍ସର୍ ଆଲର୍ଟ ମେସିନ୍ ଲଗାଯିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହା ସୌର ବିଦ୍ୟୁତ୍ ଚାଳିତ ସହ ନିଜେ ପରିଚାଳିତ ହେବ । ଯାହା ଫଳରେ ୪ ଫୁଟ ଉଚ୍ଚତାରେ ସେନ୍ସର ଓ କ୍ୟାମେରା ଆଲର୍ଟ କରିବ । ଏହା ସେନ୍ସର୍ ମେସିନ୍ ଦୁର୍ଘଟଣା ଘଟୁଥିବା ସ୍ଥାନ ମାନଙ୍କରେ ଚାଳକ ମାନଙ୍କୁ ସତର୍କ ତାର ସହ ଗାଡ଼ି ଚଳେଇବା ନିମନ୍ତେ ସୂଚନା ଦେବ । ଦୁର୍ଘଟଣା ପ୍ରବଣ ସ୍ଥାନର ଉଭୟ ପାର୍ଶ୍ୱରେ ଲାଗିବ ଯାହା ଗୋଟିଏ ପାର୍ଶ୍ୱରେ ଗାଡ଼ି ଆସିଲେ ବିପରୀତ ପାର୍ଶ୍ୱରେ ନାଲି ବତି ଜଳି ହର୍ଣ୍ଣ ବାଜିବ । ଯାହା ଫଳରେ ଅନ୍ୟ ପାର୍ଶ୍ୱରୁ ଆସୁଥିବା ଗାଡ଼ି ଚାଳକ ବିପରୀତ ଦିଗରୁ ଗାଡ଼ି ଆସୁଥିବା ସୂଚନା ପାଇପାରିବେ । ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ପରିବହନ ବିଭାଗ ଅଧିକାରୀ ଶିବାନୀ ମାଝୀ ଓ ଟିମ୍ ସହିତ ଜି.ଉଦୟଗିରି ପୋଲିସ ଏଏସଆଇ ବୁଲୁ ବେହେରା ଏବଂ ଜାତୀୟ ରାଜପଥ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ସାହୁଙ୍କ ସହ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ । ଭୁବନେଶ୍ୱର ଆଇଆଇଟି ଦ୍ୱାରା ସଂଯୋଗ କରିବା ନିମନ୍ତେ ଆସିଥିବା ଅଧିକାରୀ ମାନଙ୍କୁ ସହଯୋଗ କରିଥିଲେ । ଏହି ଭେଇକାଲ ସେନ୍ସର୍ ଆଲର୍ଟ ଯନ୍ତ୍ର ରାଜ୍ୟରେ ପ୍ରଥମ ଥର କଳିଙ୍ଗା ଘାଟିରେ ଲାଗୁଥିବା ବେଳେ ଏହା ଯଦି ଭଲରେ କାମ କରେ ତେବେ ଆସନ୍ତା ଦିନ ମାନଙ୍କରେ ଅନ୍ୟ ଦୁର୍ଘଟଣା ପ୍ରବଣ ସ୍ଥାନ ମାନଙ୍କରେ ଲଗାଯିବ ବୋଲି ଭୁବନେଶ୍ୱର ଆଇଆଇଟି ଅଧିକାରୀ ସୂଚନା ଦେଇଛନ୍ତି ।

ଯାଜପୁର ଏନ୍‌ସି ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ମହା ଘୋଟାଲା

ଯାଜପୁର, ୪/୧୨ (ଆ.ପ୍ର) : ଯାଜପୁର ସହର ଅବସ୍ଥିତ ସର୍ବ ପୁରାତନ ଏନ୍ ସି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏବେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ଏକ ତଥ୍ୟ ଆଧାରରେ ଛାତ୍ରଛାତ୍ରୀମାନଙ୍କୁ ନିଜର ମୌଳିକ ସୁବିଧା ମିଳୁନଥିବା ବେଳେ, ନାଗ୍ ଟିମ୍‌କୁ ସନ୍ତୁଷ୍ଟ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କାର ବିଲ କରାଯାଇଥିବା ଆରଟିଆଇ ତଥ୍ୟରୁ ଲୋକଲୋଚନକୁ ଆସିଛି । ଦୁଇ ଦିନ ପାଇଁ ଯାଜପୁର ଏନ୍ ସି ସ୍ୱୟଂ ଶାସିତ ମହାବିଦ୍ୟାଳୟ ରେ ନାଗ୍ ଟିମ୍ ଆସିଥିଲେ । ତଥ୍ୟ ଆଧାର ଅନୁଯାଇ ଯାହା ଶୁଣିବାକୁ ମିଳେ ମୋଟ୍ ୧୮ ଲକ୍ଷ ୧୦ ହଜାର ୯୧ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ୨ ଦିନ ରେ ୩ ଜଣଙ୍କ ପାଇଁ ରହିବା ଓ ଖାଇବା ପାଇଁ ୩ ଲକ୍ଷ ୧୫ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ତଥ୍ୟ ଆଧାରରେ ଜଣାଯାଏ । ବଡ଼ ବିଡ଼ମ୍ବନାର ବିଷୟ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଯଦି କଲେଜ କର୍ତ୍ତୃପକ୍ଷ (ନାଗ୍ ଟିମ୍ ପରି)ଏଭଳି ଉଚ୍ଚ ଚିନ୍ତାଧାରା କରିଥାନ୍ତେ, ତାହେଲେ ଯାଜପୁର ଏନ୍‌ସି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସ୍ଥା ଆଜି ଏପରି ଅବ୍ୟବସ୍ଥା ଦେଇ ଗତି କରିନଥାନ୍ତା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଦୀର୍ଘ ବର୍ଷ ଧରି ଏନ୍‌ସି ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଡିଟ ନହେବା । ଯାହା ଫଳରେ କାର୍ଯ୍ୟରତ ଅଧିକାରୀ ବାବୁ ମାନେ ମାଲାମାଲ । ଛାତ୍ରଛାତ୍ରୀ ମାନେ କଲେଜ ଶ୍ରେଣୀ ଗୃହରେ ପାଠ ପଢିବା ପାଇଁ ବହୁ ସମସ୍ୟା ଦେଖାଦେଉଥିବା ଅଭିଯୋଗ ହେଉଛି । ଘଂଟା ଘଂଟା ଧରି କଲେଜରେ କ୍ଲାସ କରୁଥିବା ବେଳେ କୌଣସି ମୌଳିକ ସୁବିଧା ନାହିଁ । ସେହିପରି କଲେଜ ପରିସର ମଧ୍ୟରେ ଅଣ ଛାତ୍ରଛାତ୍ରୀଙ୍କ ପ୍ରବେଶ ପାଇଁ କଲେଜରେ ପଢୁଥିବା ଛାତ୍ରଛାତ୍ରୀ ମାନେ ସବୁ ବେଳେ ଅସୁରକ୍ଷିତ । ତାହାର ଏକ ନଗ୍ନ ଚିତ୍ର ଏଇ କେଇଦିନ ତଳେ ଜିଲ୍ଲା ମଧ୍ୟରେ ଚର୍ଚ୍ଚାର ଖବର ପାଲଟିଥିଲା । ନାଁ ପିଇବାକୁ ଭଲ ପାଣି ମିଳିବ, ନାଁ ଭଲ ଶୌଚାଳୟ ଅଛି । ଇଲେକ୍ଟ୍ରିକାଲ କଥା ନ କହିଲେ ଭଲ । ମିଟର ନାହିଁ କିନ୍ତୁ ଛାତ୍ରଛାତ୍ରୀଙ୍କ ପାଖରୁ ମାସିକ ୨୨୦ ଟଙ୍କା ଲେଖାଏଁ ନିଆଯାଉଛି । ଏପରି ବହୁ ଦୁର୍ନୀତି ଭିତରେ ବୁଡି ରହିଛି ଯାଜପୁର ଏନ୍‌ସି ସ୍ୱୟଂ ଶାସିତ ମହାବିଦ୍ୟାଳୟ । ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଲୋକ ଲୋଚନକୁ ଆସିବ ବୋଲି ଯାଜପୁର ସହରର ସମସ୍ତ ଜନସାଧାରଣ, ଏନ୍‌ସି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବ ମାନେ ଦାବି କରିଛନ୍ତି ।

କର୍କଟ ପୀଡିତ ବାବୁଲି ଗୋଛୟତଙ୍କୁ ଆର୍ଥିକ ସହାୟତା ପ୍ରଦାନ

ଏରସମା, ୪/୧୨ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ଗ୍ରାମର କର୍କଟ ପୀଡିତ ବାବୁଲି ଗୋଛାୟତଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ବାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ । ସୂଚନା ଯୋଗ୍ୟ କି, ବାବୁଲି ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି । ଗତ କିଛି ମାସ ହେବ ସେ କର୍କଟ ପୀଡିତ ହୋଇ ବର୍ତମାନ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଦୁଇ ଓଳି ଦୁଇ ମୁଠା ଖାଇବାକୁ ନାହିଁ । ଅର୍ଥାଭାବରୁ ନିଜର ଚିକିତ୍ସାରେ ଅର୍ଥ ସାଜିଛି ବାଧକ । ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଙ୍କେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ସଂଯୋଜକ କୁନେଶ ବାରିକ, ବରିଷ୍ଠ ସଦସ୍ୟ ଜୀବନଜ୍ୟୋତି ଜୟସିଂ ଏବଂ ସତ୍ୟବ୍ରତ ଦାସ ପ୍ରମୁଖ ବାବୁଲିଙ୍କ ବାସଭବନରେ ପହଂଚି ତାଙ୍କୁ ଦଶ ହଜାର (୧୦,୦୦୦/-) ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ବଦାନ୍ୟତା ପାଇଁ ସେ ଏବଂ ତାଙ୍କ ପରିବାର ବର୍ଗ କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଂଚଳରେ ଭୂୟସୀ ପ୍ରଶଂସା କରାଯାଉଛି ।

ଜିଲ୍ଲାରେ ତୁରନ୍ତ ଧାନମଣ୍ଡି ଖୋଲିବା ଏବଂ ଚାଷୀ ଓ ଚାଷର ବିଭିନ୍ନ ସମସ୍ୟା ନେଇ କିଷାନ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବାଲେଶ୍ୱର, ୦୪/୧୨ (ଆ.ପ୍ର) : କୃଷିକ୍ଷେତ୍ରରେ ଓଡ଼ିଶାର ଅନ୍ୟତମ ଅଗ୍ରଣୀ ବାଲେଶ୍ୱର ଜିଲ୍ଲାରେ ଧାନ କଟାକଟି ଓ ଖରିଫ ଫସଲ ଅମଳ କାମ ଏବେ ଜୋରସୋରରେ ଚାଲିଛି । ଚାଷୀ ତା'ର ଅମଳ ଧାନ ଘରକୁ ଆଣୁଆଣୁ ଏଣେ ବାହାର ରାଜ୍ୟର ଅସାଧୁ ବେପାରୀ ଓ ମିଲ୍ ମାଲିକମାନେ ଅଳ୍ପ ଦରରେ ଚାଷୀଙ୍କଠୁଁ ଧାନ କିଣିବା ଲାଗି ଲାଇନ୍ ଦେଲେଣି । ତେଣେ ଚାଷୀ ବିଚରା ଧାନ କରଜ ଶୁଝିବା ପାଇଁ ସରକାରୀ ଦରରେ ତା'ର ଉତ୍ପାଦିତ ଧାନକୁ ଉଚିତ ଦରରେ ବିକ୍ରି କରିବା ଲାଗି ଚାହିଁବସିଛି । ଜିଲ୍ଲାରେ ଧାନ ଅମଳ କାର୍ଯ୍ୟ ପ୍ରାୟ ୫୦ ପ୍ରତିଶତ ସରିବାକୁ ବସିଲାଣି କିନ୍ତୁ ଏଯାଏଁ ଜିଲ୍ଲା ପ୍ରଶାସନ, ସରକାରୀ କଳ, ସମବାୟ ଓ ଯୋଗାଣ ବିଭାଗ ପକ୍ଷରୁ ଜିଲ୍ଲାରେ ଧାନମଣ୍ଡି ଖୋଲିନାହାନ୍ତି । ଗତ ୨/୩ ମାସ ତଳେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଯୋଗୁଁ ଚାଷୀ ବିଚରା ପଞ୍ଜୀକରଣ କରିବାରେ ହନ୍ତସନ୍ତ ହୋଇଛନ୍ତି ଓ ପ୍ରକ୍ରିୟାରୁ ମଧ୍ୟ ବହୁଚାଷୀ ବାଦ୍ ପଡ଼ିଯାଇଛନ୍ତି । ଏ

କ୍ଷେତ୍ରରେ ସରକାର ଜିଲ୍ଲାର ସମସ୍ତ ଗ୍ରା.ପ.ରେ ଧାନମଣ୍ଡି ଖୋଲିବା, ଧାନ କ୍ୱିଣ୍ଟାଲ୍ ପିଛା ୩୫୦୦/- ଦରରେ କିଣିବା, ବିନା କଟ୍‌ନୀ ଛଟ୍‌ନୀ ଏବଂ ବିନା ମାନ ନିର୍ଦ୍ଧାରଣରେ ସରକାର ଚାଷୀ ଓ ଭାଗଚାଷୀଙ୍କର ସମସ୍ତ ବଳକା ଧାନ ଉଚିତ ଦରରେ କିଣିବା, ଫସଲ ବୀମାରେ ଥିବା ସମସ୍ତ ଅସଂଗତିକୁ ଦୂର କରିବା, ୫୫ ବର୍ଷ ବୟସରେ ଉପନୀତ ସମସ୍ତ ଚାଷୀଙ୍କୁ ୧୦ହଜାର ଟଙ୍କା ଚାଷୀ ଭତ୍ତା ପ୍ରଦାନ କରିବା, ଆସନ୍ତା ରବି ଓ ଡାଲୁଅ ଧାନ ଫସଲ ଚାଷ ପାଇଁ ଚାଷୀଙ୍କୁ ରିହାତି ଦରରେ ବିହନ, ସାର ଓ କୀଟନାଶକ ଔଷଧ ଯୋଗାଇଦେବା, ଅକାମୀ ହୋଇ ପଡ଼ିଥିବା ସମସ୍ତ ଉଠା ଜଳସେଚନ ପଏଣ୍ଟ ଓ କେନାଲକୁ କାର୍ଯ୍ୟକ୍ଷମ କରିବା, ନଦୀମାତୃକାର ଜିଲ୍ଲା ଭାବେ ପରିଚିତ ବାଲେଶ୍ୱର ଜିଲ୍ଲାରେ ପ୍ରବାହିତ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜଳକା, ସୋଣ, ଗଙ୍ଗାହାର ଓ କାଂଶବାଂଶ ଆଦି ନଦୀରେ ଛୋଟବଡ଼ ବ୍ୟାରେଜ ଏବଂ ଚେକ୍ ଡ୍ୟାମ୍‌ମାନ ନିର୍ମାଣ କରି ନଦୀ ଅବବାହିକାର ସମସ୍ତ ଚାଷଜମିକୁ ଜଳସେଚନର ସୁବ୍ୟବସ୍ଥା କରିବା ଆଦି ୭ ଦଫା ଦାବି ନେଇ ଆଜି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ରାଜ୍ୟବ୍ୟାପୀ ଦାବି ଦିବସ ଉପଲକ୍ଷେ ବାଲେଶ୍ୱର ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି । ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ବହୁ ଚାଷୀ ପ୍ରତିନିଧିମାନେ ଆସି ସରକାରଙ୍କୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ପ୍ରତିନିଧି ଦଳରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ଉପସଭାପତି ଅରୁଣ ଜେନା, ବାଲେଶ୍ୱର ଜିଲ୍ଲା କିଷାନ କଂଗ୍ରେସ ସଭାପତି ଜୟନ୍ତ ମହାପାତ୍ର, କିଷାନ କଂଗ୍ରେସ ରାଜ୍ୟ ମୁଖପାତ୍ର ତୁଷାର ମହାପାତ୍ର, ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ଯଶୋଦାନନ୍ଦନ ସିଂହ, ତରୁଣ ଦାସ, କହ୍ନେଇ ଚରଣ ବେହେରା, ସୁଧାଂଶୁ ଜେନା, ବିଜନ ନାୟକ, ଚାଷୀନେତା ପ୍ରଦୀପ ବେହେରା, ଯୋଗେଶ୍ୱର ବେହେରା, ପ୍ରଦୀପ ପରିଡ଼ା, ଉପେନ୍ଦ୍ର ବେହେରା, ଚକ୍ରଧର ଦାସବାବୁ, ହେମନ୍ତ ନାୟକ, ସନ୍ନ୍ୟାସୀ ଜେନା, ଭାଗିରଥି ବେହେରା, ଦେବବ୍ରତ ନାୟକ, ଅବିନାଶ ନାୟକ, ମୁରଲିଧର ଦାସ, ଗଣେଶ ଭକ୍ତା, ଶିବାନନ୍ଦ ଦାସ, ମଧୁସୂଦନ ବାରିକ୍, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ମଦନମୋହନ ଭକ୍ତା, ହାଡ଼ିବନ୍ଧୁ ମହାପାତ୍ର, ନରହରି ଘଡ଼ାଇ, ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ସୁବର୍ଣ୍ଣରେଖାର ଦୁର୍ବଳ ନଦୀ ବନ୍ଧର ପଥର ପ୍ୟାଚିଂ ଏବଂ ସୁଦୃଢ଼ୀକରଣ ପାଇଁ ବିଧାନ ସଭାରେ ଦାବୀ କଲେ ବସ୍ତା ବିଧାୟିକା ସୁବାସିନୀ ଜେନା

ଖପରାପଦା, ୦୪/୧୨ (ଆ.ପ୍ର) : ବିଧାନସଭାର ଶୀତ କାଳୀନ ଅଧିବେଶନର ଗୁରୁବାର ଦିନ ପ୍ରଶ୍ନକାଳରେ ଜଳସମ୍ପଦ ବିଭାଗର ଆଲୋଚନାରେ ଭାଗ ନେଇ ଏକ ସପ୍ଲିମେଂଟାରୀ ପ୍ରଶ୍ନରେ, ବସ୍ତା ନିର୍ବାଚନ ମଣ୍ଡଳୀରେ ବନ୍ୟା ଚିର ସହଚର ପାଲଟିଥିବା ବେଳେ ସୁବର୍ଣ୍ଣରେଖା ନଦୀ କୂଳରେ ଗ୍ରାମ

ଗୁଡ଼ିକରେ ଥିବା ଦୁର୍ବଳ ନଦୀ ବନ୍ଧର ପଥର ପ୍ୟାଚିଂ ଏବଂ ସୁଦୃଢ଼ୀକରଣ ପାଇଁ ଦାବୀ ଉପସ୍ଥାପନା କରିଛନ୍ତି ବସ୍ତା ବିଧାୟିକା ସୁବାସିନୀ ଜେନା । ସୁବର୍ଣ୍ଣରେଖା ନଦୀ କୂଳବର୍ତ୍ତୀ ବାଲିଆପାଳ ବ୍ଲକ ଅନ୍ତି ପଂଚାୟତର ବଡ଼ାପାଳ ବଡସାହି, ବଡ଼ଖାନପୁର, ବିଷ୍ଣୁପୁର ପଂଚାୟତର ଇକଡ଼ପାଳ, ରସଲପୁର, ବିଷ୍ଣୁପୁର, ଚଉମୁଖ ପଂଚାୟତର କଙ୍କଡ଼ପାଳ, ନିଖିରା ପଂଚାୟତର ପାଳବେଗୁନିଆ, ଚଡ଼ପାଳପଡ଼ା ଓ କୁମ୍ଭାରି ପଂଚାୟତର ନୂଆସାହି, ଝଲଝଲିଆ ପ୍ରଭୃତି ଗ୍ରାମ ଗୁଡ଼ିକରେ ଥିବା ଦୁର୍ବଳ ନଦୀ ବନ୍ଧର ପଥର ପ୍ୟାଚିଂ ଏବଂ ସୁଦୃଢ଼ୀକରଣ ପାଇଁ ସରକାରଙ୍କ ପକ୍ଷରୁ କଣ ସବୁ ପଦକ୍ଷେପ ନିଆଯାଉଛି ଏବଂ ଏଥିପାଇଁ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି ତାହା ଜଣାଇବା ପାଇଁ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ଜଳସମ୍ପଦ ବିଭାଗ ପକ୍ଷରୁ ଉତର ରଖୁଥିବା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ତାହାର ଉତରରେ କହିଥିଲେ ଓଡ଼ିଶା ସରକାରଙ୍କ ତରଫରୁ ନଦୀବନ୍ଧ ସୁଦୃଢ଼ୀକରଣ କରିବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଚାରି ପ୍ରକାର କାର୍ଯ୍ୟକ୍ରମ କରାଯାଇଥାଏ । ଗୋଟିଏ ହେଲା କ୍ୟାପିଟାଲ ବନ୍ଧ ବା ନଦୀର ପାଣିକୁ ଅଟକାଇବା ପାଇଁ ନଦୀବନ୍ଧ, ଦ୍ୱିତୀୟଟି ହେଲା ଅନ୍ୟ ଚାଷ ଉପଯୋଗୀ ବନ୍ଧ, ବାଲି ଚରରୁ ଅଟକାଇବା ପାଇଁ ହେଉଥିବା ଅସ୍ଥାୟୀ ବନ୍ଧ ଏବଂ ଲୁଣା ବନ୍ଧ । ବାଲେଶ୍ୱର ଜିଲ୍ଲାରେ ବନ୍ୟା ପରିଚାଳନା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ପାଖାପାଖି ୨୦ ଟି ପ୍ରୋଜେକ୍ଟର କାମ ଚାଲୁଅଛି । ଏଥି ସହିତ ବିଧାୟିକାଙ୍କ ଦାବି ଏବଂ ପ୍ରସ୍ତାବ ବାବଦରେ ଜଳସମ୍ପଦ ବିଭାଗ ସହିତ କଥା ହୋଇ ନିଶ୍ଚିତ ପଦକ୍ଷେପ ନିଆଯିବ କହିଥିଲେ ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜୀବସୁରକ୍ଷା ନିୟମାବଳୀ ଅନୁଯାୟୀ ଦାୟିତ୍ୱବାନ ବାୟୋପ୍ରଯୁକ୍ତି ଗବେଷଣା ଉପରେ ବିଶେଷ ବ୍ୟାଖ୍ୟାନ ଅନୁଷ୍ଠିତ

ନୀଳଗିରି, ୦୪/୧୨ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟର ବାୟୋପ୍ରଯୁକ୍ତି ବିଭାଗ ଦ୍ୱାରା ଗବେଷଣାକାରୀ ଛାତ୍ରଛାତ୍ରୀମାନଙ୍କୁ ଜୀବସୁରକ୍ଷା ନିୟମାବଳୀ ଅନୁଯାୟୀ ଦାୟିତ୍ୱବାନ ଓ ସୁରକ୍ଷିତ ଗବେଷଣା ପ୍ରତି ଜାଗ୍ରତ କରିବା ଉଦ୍ଦେଶ୍ୟରେ ଏକ ବିଶେଷ ବ୍ୟାଖ୍ୟାନ ଆୟୋଜିତ ହୋଇଯାଇଛି । ଏହା ଭାରତ ସରକାରଙ୍କ ବାୟୋପ୍ରଯୁକ୍ତି ବିଭାଗ ଅଧୀନରେ ଗଠିତ ସଂସ୍ଥାଗତ ଜୀବସୁରକ୍ଷା ସମିତିର ନିୟମାବଳୀକୁ ଧ୍ୟାନରେ ରଖି କରାଯାଇଥିଲା । ବାୟୋପ୍ରଯୁକ୍ତି ଭିତ୍ତିକ ଗବେଷଣା କାର୍ଯ୍ୟ କରୁଥିବା ପ୍ରତ୍ୟେକ ଶିକ୍ଷା ଓ ଗବେଷଣା ସଂସ୍ଥାରେ ସଂସ୍ଥାଗତ

ଜୀବସୁରକ୍ଷା ସମିତି ଗଠନକୁ ବାଧ୍ୟତାମୂଳକ କରାଯାଇଛି । ଏହି ସମିତି ଜୀବଜଗତର ପ୍ରକୃତିକରଣ ସହିତ ସମସ୍ତ ପ୍ରକାରର ସୁରକ୍ଷା-ସମ୍ପର୍କିତ ପରୀକ୍ଷଣକୁ ନିର୍ଦ୍ଦେଶିତ କରେ ଏବଂ ଗବେଷଣାରେ ସଠିକ୍ ନୀତି ଓ ନିୟମ ପାଳନକୁ ନିଶ୍ଚିତ କରିଥାଏ । ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଥମ ସଂସ୍ଥାଗତ ଜୀବସୁରକ୍ଷା ସମିତି ସଭାରେ ଗବେଷଣାକାରୀମାନଙ୍କ ପାଇଁ ଜୀବସୁରକ୍ଷା ନିୟମାବଳୀ ଉପରେ ଏକ ପରିଚୟାତ୍ମକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱ ଓ ପରାମର୍ଶରେ ଆୟୋଜିତ ହୋଇଥିଲା । ବିଶ୍ୱବିଦ୍ୟାଳୟର ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଅତିଥି ଭାବେ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ମର୍ଯ୍ୟାଦାନ୍ୱିତ କରିଥିଲେ । ଏହି ଅବସରରେ ଭୁବନେଶ୍ୱର ସ୍ଥିତ ଜୀବବିଜ୍ଞାନ ଅନୁଷ୍ଠାନର ପ୍ରତିଷ୍ଠିତ ଗବେଷକ ଡକ୍ଟର ଶୁଭୋବ୍ରତ ମଜୁମଦାର ମୁଖ୍ୟ ଅଭିଭାଷକ ଭାବେ ବିଶେଷ ବ୍ୟାଖ୍ୟାନ ପ୍ରଦାନ କରିଥିଲେ । ସେ ଜୀବସୁରକ୍ଷା ସମିତିମାନଙ୍କ ଭୂମିକା, ଗବେଷଣା ପ୍ରସ୍ତାବ ପରୀକ୍ଷା, ଗବେଷଣାରତ ସୁରକ୍ଷା ନିୟମ ପାଳନ ଓ ନୀତିଗତ ବୈଜ୍ଞାନିକ ଅଭ୍ୟାସକୁ ସୁନିଶ୍ଚିତ କରିବା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ବିଭାଗାଧ୍ୟକ୍ଷ ଡକ୍ଟର ଭରତ ଭୂଷଣ ପଟ୍ଟନାୟକ ଅତିଥି ଓ ଉପସ୍ଥିତିଙ୍କୁ ସ୍ୱାଗତ କରି ଆଧୁନିକ ଗବେଷଣା କ୍ଷେତ୍ରରେ ଜୀବସୁରକ୍ଷା ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମର ସଂଚାଳନା ସହକାରୀ ଅଧ୍ୟାପିକା ପୁନମ କୁମାରୀ କରିଥିଲେ ଓ ସହକାରୀ ଅଧ୍ୟାପିକା ଶୁଭଶ୍ରୀ ମହାର୍ଜିକ କୃତଜ୍ଞତା ଜଣାଇଥିଲେ ।

ଡିସେମ୍ବର ୭ରେ ଅନୁଷ୍ଠିତ ହେବ ୩୮ତମ କବି ବସନ୍ତ ମୁଦୁଲି ସ୍ମୃତି ସମାରୋହରେ ଯୁବକବି ଅମରେନ୍ଦ୍ର ମାଧବ ଦାଶ ହେବେ ପୁରସ୍କୃତ

ବାଲେଶ୍ୱର, ୦୪/୧୨ (ଆ.ପ୍ର) : ଆସନ୍ତା ଡିସେମ୍ବର ୭ ତାରିଖ ରବିବାର ଦିନ ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିର ପ୍ରେକ୍ଷାଗୃହରେ ଅନୁଷ୍ଠିତ ହେବ ୩୮ତମ ବସନ୍ତ ମୁଦୁଲି ସ୍ମୃତି ସମାରୋହ । ଏହି ଅବସରରେ ଚଳିତ ବର୍ଷ ଯୁବକବି ଅମରେନ୍ଦ୍ର ମାଧବ ଦାଶଙ୍କୁ 'ବସନ୍ତ ମୁଦୁଲି କବିତା ପୁରସ୍କାର'ରେ ସମ୍ମାନିତ କରାଯିବ ବୋଲି ବସନ୍ତ ମୁଦୁଲି ସ୍ମୃତି ସଂସଦର ସମ୍ପାଦକ କୃଷ୍ଣ କୁମାର ମହାନ୍ତି ଜଣାଇଛନ୍ତି । ଚଳିତ ବର୍ଷ ଅନୁଷ୍ଠିତ ହେବାକୁଥିବା ଏହି ସାରସ୍ୱତ ସ୍ମୃତି ସମାରୋହ ଓଡ଼ିଶା ସାହିତ୍ୟ ଏକାଡେମୀ ଓ କବି ବସନ୍ତ ମୁଦୁଲି ସ୍ମୃତି ସଂସଦର ମିଳିତ ସହଭାଗିତାରେ ଅନୁଷ୍ଠିତ ହେବ । ଦିବସବ୍ୟାପୀ ଏହି କାର୍ଯ୍ୟକ୍ରମକୁ ପୂର୍ବାହ୍ନ ୧୦ଟାରେ ଉଦଘାଟନ କରିବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଏହି ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ

ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଓ ବିଶିଷ୍ଟ ଅତିଥି ଭାବେ 'କାଦମ୍ବିନୀ' ସମ୍ପାଦିକା ଡକ୍ଟର ଇତି ସାମନ୍ତ ଯୋଗ ଦେବେ । ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଏହି ଅଧିବେଶନରେ ପୌରୋହିତ୍ୟ କରିବେ । ଦ୍ୱିତୀୟ ଅଧିବେଶନ ପୂର୍ବାହ୍ନ ୧୧.୩୦ରେ ଆରମ୍ଭ ହେବ । ଏଥିରେ 'ଓଡ଼ିଆ କବିତାରେ ବୈପ୍ଳବିକ ସ୍ୱର ଓ କବି ବସନ୍ତ ମୁଦୁଲି' ଶୀର୍ଷକ ଏକ ଆଲୋଚନା ଚକ୍ର ବିଶିଷ୍ଟ କବି ଶତ୍ରୁଘ୍ନ ପାଣ୍ଡବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ । ଏଥିରେ ଆଲୋଚକ ଭାବରେ ଡକ୍ଟର ଅଭିରାମ ବିଶ୍ୱାଳ, ଡକ୍ଟର ବେଣୁଧର ପାଢ଼ୀ ଓ ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଅନ୍ତିମ ଅଧିବେଶନ ଅପରାହ୍ନ ୨ଟାରେ ଆରମ୍ଭ ହେବ । ଏଥିରେ ସଭାମୁଖ୍ୟ ଭାବରେ ବିଶିଷ୍ଟ ଲେଖକ ଦେବଦାସ ଛୋଟରାୟ ଯୋଗ ଦେବେ । ଏହି ଅଧିବେଶନରେ ବିଗତ ବର୍ଷ ମାନଙ୍କରେ ବସନ୍ତ ମୁଦୁଲି କବିତା ପୁରସ୍କାର ପ୍ରାପ୍ତ ୪୦ ଜଣ କବି ସେମାନଙ୍କର କବିତା ପାଠ କରିବେ । ଏହାକୁ ସଂଯୋଜନା କରିବେ କବି ଓ ଗୀତିକାର ବିଜୟ ମଲ୍ଲ । ଏହି ଅବସରରେ ଟାଇମ୍ ପାସ୍ ପ୍ରକାଶିତ କବି ବସନ୍ତ ମୁଦୁଲିଙ୍କ ନିର୍ବାଚିତ କବିତାର ଇଂରାଜୀ ସଂକଳନ 'ସିଲେକ୍ଟେଡ୍ ପୋଏମ୍ସ ଅଫ୍ ବସନ୍ତ ମୁଦୁଲି' ଏବଂ ପୁରସ୍କାର ପ୍ରାପ୍ତ ୪୦ ଜଣ କବିଙ୍କର ଦୁଇଟି କରି କବିତାକୁ ନେଇ 'ଚିହ୍ନା ଚାକିଣ' ସଂକଳନ ଲୋକାର୍ପିତ ହେବ । ଏହି ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ଯୋଗ ଦେବା ପାଇଁ ସ୍ମୃତି ସଂସଦ ପକ୍ଷରୁ ସଂଯୋଜକ ଅରୁଣ ଖିଲାର ନିବେଦନ କରିଛନ୍ତି ।

ବାଇକ ଦୁର୍ଘଟଣାରେ ଯୁବକ ଗୁରୁତର

ସିମୁଳିଆ, ୦୪/୧୨ (ଆ.ପ୍ର) : ବାଇକ ଦୁର୍ଘଟଣା ଘଟି ଯୁବକ

ଗୁରୁତର, ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି । ପ୍ରକାଶ ଥାଉକି ମିଳିଥିବା ଖବର ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଖଇରା ଅଂଚଳର ଆଲୋକ ନନ୍ଦୀ ବାଇକ ଯୋଗେ ସିମୁଳିଆ ଥାନା ମାର୍କୋଣାରୁ ସୋର ଯାଉଥିବା ସମୟରେ ଜାମୁଝାଡ଼ି ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତାକୁ ଛିଟିକି ପଡ଼ିଥିଲେ । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି ।

ଭିନ୍ନକ୍ଷମ ଦିବସରେ ଭିନ୍ନ ପ୍ରୟାସ, ବାଲିଆପାଳ ପ୍ରଶାସନ ଦେଖାଇଲା ମହାନତା

ଲଙ୍ଗଳେଶ୍ୱର, ୦୪/୧୨ (ଆ.ପ୍ର) : ସମାଜରେ ଆଜିବି ବହୁ ଭିନ୍ନକ୍ଷମ ଅବହେଳିତ । ସରକାର ଏହି ବର୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରିଥିଲେ ବି ପ୍ରଶାସନ ନିକଟରେ ଏମାନଙ୍କର ସୂଚନା ଆଜିବି ଅପହଂଚ । ବାଲିକୁଟି ଏବଂ ବଣିଆଡିହା ପଂଚାୟତର କିଛି ଭିନ୍ନକ୍ଷମ ପରିବାର ସରକାରଙ୍କ ରାସନ ସୁବିଧାରୁ ବଂଚିତ ଥିଲେ । ଠିକ ସେହିପରି କୁଣ୍ଟୁନି ପଂଚାୟତର ଭିନ୍ନକ୍ଷମ ଦମ୍ପତି ବୁଢ଼ିଆ ମାଝୀ ଏବଂ ତାର ସ୍ତ୍ରୀ ଫୁଲ ମାଝୀ ଦଶ ମାସ ଧରି ବସ୍ତାବିକ ସମସ୍ୟା ଥିବା ହେତୁ ଭିନ୍ନକ୍ଷମ ଭତା ପାଇବାରୁ ବଂଚିତ ଥିଲେ । ତେବେ ରାସନ କାର୍ଡ ଏବଂ ଭିନ୍ନକ୍ଷମ ଭତା ଯୋଜନାରୁ ବଂଚିତ ଥିବା ଭିନ୍ନକ୍ଷମଙ୍କ ଖବର ସାମାଜିକ କର୍ମୀ ରାଜକିଶୋର ପାତ୍ର

ବାଲିଆପାଳ ବିଡ଼ିଓ ରାଧା ରଞ୍ଜନ ଦାସଙ୍କୁ ଜଣାଇଥିଲେ । ସୂଚନା ପରେ ବିଡ଼ିଓ ଶ୍ରୀ ଦାସ ବ୍ଲକ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ପାର୍ଥ ସାରଥୀ ସାହୁଙ୍କୁ ଯୋଜନାରୁ ବଂଚିତ ଥିବା ଭିନ୍ନକ୍ଷମଙ୍କ ବିଷୟରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ପରେ ଏହି ଅଧିକାରୀ ମାନେ ତୃଣମୂଳ ସ୍ତରକୁ ଯାଇ ତଦନ୍ତ କରିଥିଲେ । କଂଟ୍ରୋଲ ଦୋକାନକୁ ଏହି ଭିନ୍ନକ୍ଷମ ମାନେ କେୱାଇସି ପାଇଁ ଆସିବାରେ ଅସମର୍ଥ ଥିବାରୁ ରଥ ବାବୁଙ୍କ ନିର୍ଦ୍ଦେଶରେ କଂଟ୍ରୋଲ ଦୋକାନର କର୍ମଚାରୀ ସୁବାଷ ଦାସ ସେମାନଙ୍କ ଘରେ ଯାଇ କେୱାଇସି କରିଥିଲେ । ତେବେ ଗତ କାଲି ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ହୋଇଥିବାରୁ ବିଡ଼ିଓ ଶ୍ରୀ ଦାସ ଯୋଜନାରୁ ବଂଚିତ ଥିବା ଭିନ୍ନକ୍ଷମ ମୁହଁରେ ହସ ଫୁଟାଇବା ପାଇଁ ନିଆରା ନିଷ୍ପତି ନେଇଥିଲେ । ଗତକାଲି ସେ ନିଜେ ଯୋଗାଣ ଅଧିକାରୀ ଶ୍ରୀ ରଥଙ୍କୁ ସାଙ୍ଗରେ ନେଇ ବାଲିକୁଟି ପଂଚାୟତର ଭିନ୍ନକ୍ଷମ ମହିଳା ସୁକାନ୍ତି ବଳାଇ, ବଣିଆଡିହା ପଂଚାୟତର ଭିନ୍ନକ୍ଷମ ମଂଟୁ କୁମାର ଦାସ, ଭିନ୍ନକ୍ଷମ କବିତା ମାଝୀଙ୍କ ଘରକୁ ଯାଇ ନିଜେ ରାସନ କାର୍ଡ ପ୍ରଦାନ କରିଥିଲେ । ଠିକ ସେହିପରି କୁଣ୍ଟୁନି ପଂଚାୟତର ଭିନ୍ନକ୍ଷମ ଦମ୍ପତିଙ୍କୁ ୧୦ ମାସର ଭତା ୧୨୦୦୦ ଲେଖାଏଁ ଉଭୟଙ୍କୁ ସମୁଦାୟ ୨୪୦୦୦ ଟଙ୍କା ପ୍ରଦାନ ପାଇଁ ଭତା ଦାୟିତ୍ୱରେ ଥିବା ଶ୍ରୀ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଭତା ପ୍ରଦାନ ସମୟରେ ଜିପିଡିଓ ପ୍ରିୟବ୍ରତ ଗିରି ଏବଂ ଶ୍ରୀ ସାହୁ ଭିନ୍ନକ୍ଷମ ଦମ୍ପତିଙ୍କ ଘରେ ଉପସ୍ଥିତ ଥିଲେ । ବାଲିଆପାଳ ବ୍ଲକ ପ୍ରଶାସନ ଏହି ମାନବିକ ପଦକ୍ଷେପ ପାଇଁ ପୁଣି ଅଂଚଳବାସୀଙ୍କ ମନରେ ପ୍ରଶଂସା ସାଉଁଟିଛି ।

ଚତୁର୍ଥଶ୍ରେଣୀ ହଷ୍ଟେଲ ଛାତ୍ରଙ୍କ ଗୋଡ଼ରେ ବେଢ଼ି ପକାଇବା ଘଟଣାର ପ୍ରଶାସନିକ ତଦନ୍ତ

ନୀଳଗିରି, ୦୪/୧୨ (ଆ.ପ୍ର) : ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତି ପିଲାମାନଙ୍କୁ ମାଗଣାରେ ସରକାର ଖାଦ୍ୟବସ୍ତ୍ର ଯୋଗାଇ ପାଠପଢାଉଛନ୍ତି । ହେଲେ ନୀଳଗିରି ବ୍ଲକ୍ ବେଗୁନିଆ ସରକାରୀ ଉନ୍ନୀତ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀରେ ଅଧ୍ୟୟନରତ ମଳୟ ସିଂ ନାମକ ଜଣେଛାତ୍ରକୁ ଖଟରେ

ଲୁହାଶିକୁଳିରେ ବାନ୍ଧି ନିର୍ଯ୍ୟାତନା ଦେବାଘଟଣାରେ ପ୍ରଧାନ ଶିକ୍ଷକଙ୍କ ସହିତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅମାନୁଷିକ ଓ ବର୍ବରତାକୁ ସାଧାରଣରେ ନିନ୍ଦା କରାଯାଇଛି । ମଣିଷପଣିଆକୁ ଭୁଲିଯାଇ ପ୍ରଧାନଶିକ୍ଷକ ଜଣକ ଜଣେ ୪ର୍ଥଶ୍ରେଣୀ ଛାତ୍ରକୁ ହଷ୍ଟେଲ ଭିତରେ ୧୪ଦିନ ଧରି ଗୋଡ଼ରେ ବେଢ଼ିପକାଇ ନିର୍ଯାତନା ଦେଉଥିବା ବେଳେ ସ୍କୁଲର ଅନ୍ୟ ଜଣେ ସହକାରୀ ଶିକ୍ଷକ ଉକ୍ତ ପିଲାକୁ ଶ୍ରେଣୀରେ ଖୋଜି ନପାଇବାରୁ ହଷ୍ଟେଲ ଗୃହକୁଯାଇ ଖୋଜି ପାଇଥିଲେ ଏବଂ ଛାତ୍ରଟି ଗୋଡ଼ରେ ବେଢ଼ି ପଡିଥିବାର ଦେଖିବାକୁ ପାଇବାପରେ ଭିଡିଓ ଉତୋଳନ କରି ଛାତ୍ର ଜଣଙ୍କ ପାଖରୁ ପ୍ରକୃତ ସତ୍ୟାସତ୍ୟ ଜାଣି ଏଭଳି ଅନ୍ୟାୟକୁ ସହିନପାରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବାପରେ ଘଟଣା ଲୋକଲୋଚନକୁ ଆସିଥିଲା । ଉକ୍ତ ଭିଡିଓ ସାଂସଦଙ୍କ ଠାରେ ପହଂଚିବାପରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଜିଲ୍ଲାପାଳଙ୍କୁ ତଦନ୍ତପାଇଁ ନିର୍ଦ୍ଦେଶ ଦେଇଥିଲେ । ଗୁରୁବାର ସକାଳ ୧୧ଘଟିକା ସମୟରେ ନୀଳଗିରି ଉପଜିଲ୍ଲାପାଳ, ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ, ବାଲେଶ୍ୱର ଭାରପ୍ରାପ୍ତ ଜିଲ୍ଲାମଙ୍ଗଳ ଅଧିକାରୀ, ନୀଳଗିରି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସ୍କୁଲରେ ପହଂଚି ତଦନ୍ତ କରିଥିଲେ । ସୂଚନା ଥାଉକି ବାରମ୍ବାର ହଷ୍ଟେଲରୁ ଛାତ୍ରଜଣଙ୍କ ଘରକୁ ପଳାଇ ଯାଉଥିବାରୁ ଛାତ୍ରର ବାପା ଏବଂ ମା ହଷ୍ଟେଲରେ ଛାଡ଼ି ଗୋଡ଼ରେ ବେଢ଼ି ପକାଇଥିଲେ ବୋଲି ସ୍କୁଲର ପ୍ରଧାନଶିକ୍ଷକ କହିଛନ୍ତି । ତେବେ ପ୍ରଶ୍ନଉଠେ ହଷ୍ଟେଲ ଭିତରେ ଛାତ୍ରଙ୍କ ଗୋଡ଼ରେ ବେଢ଼ି ପକାଇବାପାଇଁ ତାର ବାପା ମାଙ୍କୁ କିଏ ଅନୁମତି ଦେଲା ? ଯଦି ବାପା ମା ଭୁଲ କଲେ ତେବେ ପ୍ରଧାନଶିକ୍ଷକ ୧୪ଦିନ ପର୍ଯ୍ୟନ୍ତ ଛାତ୍ରଙ୍କ ଗୋଡ଼ରେ ବେଢ଼ିପକାଇ ନିର୍ଯାତନା ଦେଉଥିଲେ କେମିତି ? ତେବେ ଏହା ପୂର୍ବରୁ ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ଜଣକ ବହୁଦୁର୍ନୀତିରେ ଲିପ୍ତ ରହିଥିବାର ବହୁବାର ଅଭିଯୋଗ ଆସିଥିବାବେଳେ ପୁଣି ଛାତ୍ରଙ୍କୁ ନିର୍ଦ୍ଦୟଭାବେ ଗୋଡ଼ରେ ବେଢ଼ି ପକାଇ କୋଠରୀରେ ବନ୍ଦକରି ରଖିବା ଘଟଣା କେଉଁଠି ନା କେଉଁଠି ବିଦ୍ୟାଳୟ ପରିସରରେ ଦଣ୍ଡମୁକ୍ତ ଆଇନ୍ ପ୍ରତି ଚରମ ବେଖାତିର୍ ବୋଲି କୁହାଯାଇଛି ।

ଜିଲ୍ଲାପାଳଙ୍କ ଚେତାବନୀକୁ ନେଇ ଖଣି ଶ୍ରମିକଙ୍କ ମଧ୍ୟରେ ଭାଳେଣି

ଖଇରା, ୦୪/୧୨ (ଆ.ପ୍ର) : ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶଙ୍କ ନେତୃତ୍ୱରେ ଏକ ଟିମ ବୁଧବାର ଅପରାହ୍ନରେ ଖଇରା ତହସିଲ ଅଧୀନସ୍ଥ ଶାରିଶୁଆ ପାହାଡ କପିଳଙ୍କୁରୀ-ବନ୍ଧକଟା ଓ

ଛଗେଇପୁର ମୌଜାର ବିଭିନ୍ନ ଖଣି ପରିଦର୍ଶନ ସହ କାଗଜପତ୍ର ଯାଞ୍ଚ କରିଛନ୍ତି । ଏଥି ସହ ଲଘୁ ଖଣିଜ ପଦାର୍ଥ ଚୋରୀ ରୋକିବାକୁ କଡା ପଦକ୍ଷେପ ନେବା ଉପରେ ଖବରଦାତାଙ୍କୁ ପ୍ରତିକ୍ରିୟା ଦେବା ଅବସରରେ ଖଣି ମାଫିଆଙ୍କୁ ଚେତାବନୀ ଦେଇଛନ୍ତି । କେଉଁ କେଉଁ ଯାଗାରେ ପୋଲିସ ଚେକ ପୋଷ୍ଟ ତିଆରୀ ହେବ ଏବଂ ଆଉ କେଉଁ ଜାଗାରେ ସିସି କ୍ୟାମେରା ଲଗାଯିବ ସେ ସମ୍ପର୍କରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ । ଶାରିଶୁଆର ଭୌଗଳିକ ସ୍ଥିତିକୁ ଦୃଷ୍ଟିରେ ରଖି ୨ରୁ ୩ଦିନ ମଧ୍ୟରେ ବୈଠକ ବସି ଆବଶ୍ୟକ ଯୋଜନା ପ୍ରସ୍ତୁତ କରାଯିବ । ଗ୍ରିନ ଟ୍ରିବ୍ୟୁନ ଟ୍ରିବ୍ୟୁନାଲର କଟକଣା ହଟିବା ପର୍ଯ୍ୟନ୍ତ ବାଲି ଓ ପଥର ଚୋରୀ ରୋକିବାକୁ ପ୍ରଶାସନ ସବୁପ୍ରକାର ପଦକ୍ଷେପ ଗ୍ରହଣ କରିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି । ତେବେ ଖଣି ବନ୍ଦହେଲେ ଶ୍ରମିକମାନେ କିଭଳି ଗୁଜୁରାଣ ମେଂଟାଇବେ ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ପଚାରିବା ପ୍ରଶ୍ନକୁ ଏଡାଇ ଯାଇଥିଲେ । ଯଦି ଖଣି ଖାଦାନ ବନ୍ଦ କରାଯାଏ ତେବେ ଏହା ଉପରେ ନିର୍ଭର କରୁଥିବା ୫ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଶ୍ରମିକଙ୍କ କୌଣସି ପରିସ୍ଥିତି ପାଇଁ ପ୍ରଶାସନ ଦାଈ ରହିବ ବୋଲି ବିଭିନ୍ନ ଶ୍ରମିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଜିଲ୍ଲାପାଳଙ୍କ ସହ ଉପଜିଲ୍ଲାପାଳ ସିବ ମାଲଭିଆ, ଖଣି ଅଧିକାରିଣୀ ସନ୍ତୋଷୀ ପ୍ରଭା ସେଠି, ତହସିଲଦାର ଅମିତରଞ୍ଜନ ହୋତା, ବିଡ଼ିଓ ନାରାୟଣ ସାହୁ, ଜେଏମଓ ଅଭିଷେକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ମରଣାନ୍ତକ ଆକ୍ରମଣ ଘଟଣାରେ ମୁଦାଲା ଦଣ୍ଡିତ

ନୀଳଗିରି, ୦୪/୧୨ (ଆ.ପ୍ର) : ଏକ ମରଣାନ୍ତକ ଆକ୍ରମଣ ଘଟଣାରେ ଜେଣିକ ମୁଦାଲାକୁ ସଶ୍ରମ କାରାଦଣ୍ଡ ଓ ୪ହଜାର ଟଙ୍କାରେ ଦଣ୍ଡିତ କରାଯାଇଛି । ନୀଳଗିରିର ମାନ୍ୟବର ସହକାରୀ ଦୌରାଜଜ ସୁନନ୍ଦା ପ୍ରଧାନ ୯ଜଣ ସାକ୍ଷୀ ଓ /ଦସ୍ତାବିଜକୁ ଭିତିକରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ସୂଚନାରୁ ଜଣାଯାଇଛି ନୀଳଗିରି ଉପଖଣ୍ଡ ଓଁପଦା ଥାନା ଅଧୀନ ଯୋକଗଡିଆ ଗ୍ରାମବାସୀଙ୍କ ଦ୍ୱାରା ୨୦୨୨ମସିହା ଅପ୍ରେଲ ୧୬ତାରିଖ ସନ୍ଧ୍ୟାରେ ନିକଟସ୍ଥ ବଧି ଗ୍ରାମକୁ ଶନିମନ୍ଦିର ପ୍ରତିଷ୍ଠାପାଇଁ କଳସ ବୁଡାଇବାକୁ ଯାଇଥିବା ବେଳେ ବଧି ଗ୍ରାମର ମହେନ୍ଦ୍ର ମଲ୍ଲିକ, ମୁକ୍ତିକାନ୍ତ ମଲ୍ଲିକ, ଗୟାଧର ନାୟକ ଓ କମଳାକାନ୍ତ ନାୟକଙ୍କ ଦ୍ୱାରା କୌଣସି କାରଣକୁ ନେଇ ବଚସାରୁ ଗଣ୍ଡଗୋଳ ହୋଇଥିଲା । ସମାଧାନ ପାଇଁ ଆଲୋଚନା ଚାଲିଥିଲା ବେଳେ ବଧି ଗ୍ରାମର ମହେଶ୍ୱର ରାଉତକୁ ଉକ୍ତ ଗ୍ରାମର ମହେନ୍ଦ୍ର ଏବଂ ମୁକ୍ତିକାନ୍ତ ଉତ୍ତେଜିତ ହୋଇ ଏକ ଲୁହାରଡ଼ ଓ ଭୁଜାଲିରେ ସାହାଯ୍ୟରେ ମୁଣ୍ଡକୁମାରି ଗମ୍ଭୀର ଆଘାତ କରିଥିଲେ । ଏନେଇ ମହେଶ୍ୱରଙ୍କ ଏତଲା ମୂଳେ ଓଁପଦା ଥାନା କେସ ନଂ ୩୦/୨୨ରେ ମାମଲା ରୁଜୁ ହୋଇଥିଲା । ଦୀର୍ଘ ୩ବର୍ଷ ପରେ ୨୦୨୫ ମସିହା ଡିସେମ୍ବର ୩ତାରିଖ ରେ ଉକ୍ତ ଘଟଣାର ବିଚାରକରି ମାନନୀୟ ଦୌରାଜଜ ଅଭିଯୁକ୍ତ ମହେନ୍ଦ୍ରକୁ ୨ବର୍ଷ ସଶ୍ରମ କାରାଦଣ୍ଡ ସହିତ ୪ହଜାର ଟଙ୍କା ଜୋରିମାନା ଆଦେଶ ଦେଇଥିଲା ବେଳେ, ଅନ୍ୟ ୩ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଉକ୍ତ ମକୋଦ୍ଦମାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅମରେନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ ।

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ସତର୍କତା

ଏବେ ବି ସତର୍କତା ଜରୁରୀ । କିଛି ଗୋଟାଏ ବିପଦ ଆସିଲେ ତା' ପୂର୍ବରୁ ସତର୍କତା ଅବଲମ୍ବନ ଜରୁରୀ ମନେହୋଇଥାଏ । ବିପଦ ଆସିବା ପୂର୍ବରୁ ସତର୍କ ରହିବା ଏବଂ ବିପଦ ଟଳିଗଲା ପରେ ବି ସତର୍କ ରହିବାର ଆବଶ୍ୟକତା ରହିଥାଏ । ହେଲେ ବିପଦ ସମୟରେ ଆମେ ସତର୍କତାର କଥା କହିବା କିମ୍ବା ସତର୍କତାର ପରିଭାଷା ବୁଝିବାକୁ ଚେଷ୍ଟା କରିବାରେ ବିପଦ ଟଳିଯାଏନି ବରଂ ଆହୁରି ବଢ଼ିଯାଏ ବିପଦ । ବେଳା ଭଲ ଥିଲେ କେବେ କେବେ ଟଳିଯାଏ ବିପଦ । ନଚେତ୍ ସବୁ ସତର୍କତା ସତ୍ତ୍ୱେ ବି ବିପଦ ମାଡ଼ିବସେ ଯେମିତି କରୋନା ପୂରା ଦୁନିଆକୁ ମାଡ଼ିବସିଛି । କରୋନା ଭୂତାଣୁର କୁପ୍ରଭାବ ଯାହା ଏବେ ବି ଜାରି ରହିଛି ପୂରା ଦୁନିଆରେ ସେଥିପାଇଁ ସତର୍କତା ଆଜି ବି ଜରୁରୀ ବୋଲି କହିଛନ୍ତି ଲବ୍ ଅଗ୍ରୱାଲ; ଗୁରୁବାର ଏକ ପ୍ରେସ୍ କନଫରେନ୍ସରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ସଂଯୁକ୍ତ ସଚିବ ଲବ୍ ଅଗ୍ରୱାଲ୍ଙ୍କ ମତରେ ଏବେ ବି କରୋନା ଆମ ପାଇଁ ଏକ ଚାଲେଞ୍ଜ ହୋଇ ରହିଛି ଯାହାକୁ ସାମ୍ନା କରିବାରେ ଆମକୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ପାଇଁ ପଡ଼ିବ । ଆଜି ବି ଦେଶରେ ଦୈନିକ ୨୦ହଜାର କେସ୍ ନଜରକୁ ଆସୁଛି ଯାହା ଦେଶ ପାଇଁ ବହୁତ ବଡ଼ ଚିନ୍ତାର ବିଷୟ । ଏତେ ପରିମାଣରେ କେସ୍ ପୁଣି ଗୋଟିଏ ଦିନରେ, ନିଶ୍ଚୟ ଦେଶର ପ୍ରଶାସନ ପାଇଁ ତଥା ଦେଶର ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପାଇଁ ବହୁତ ବଡ ଚାଲେଞ୍ଜ ଯାହାକୁ ଆମକୁ ହିଁ ସାମ୍ନା କରିବାକୁ ପଡ଼ିବ । ଭାରତ ପାଇଁ ଆଉ କେହି ମୁଣ୍ଡ ଖେଳାଇବେନି । ଭାରତର ସମସ୍ୟା କେବଳ ଭାରତ ହିଁ ସମାଧାନ କରିବ । ପ୍ରତିଶତ ହିସାବରେ ଦେଖିଲେ ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ଯାହା ପୂର୍ବ ସପ୍ତାହରେ ୫.୮, ଥିଲା, ସେଥିରେ ହ୍ରାସ ଘଟି ତାହା ଏବେ ହୋଇଯାଇଛି ୧.୬୮ । ତଥାପି ସମସ୍ୟା ଟଳିନି । କରୋନାରେ କେବଳ ଭାରତ ଯେ ପ୍ରଭାବିତ , ସେପରି ଭାବିବା ଭୁଲ୍, କରୋନାରେ ପୂରା ପୃଥିବୀ ମଧ୍ୟ ପ୍ରଭାବିତ ହୋଇଯାଇଛି । ଏବେ ବି ଭାରତରେ କରୋନା ରୋଗରେ ଲୋକଙ୍କ ମୃତ୍ୟୁ ହୋଇଚାଲିଛି । ଯଦିଓ ଏହି ମୃତ୍ୟୁହାର ବହୁ ପରିମାଣରେ କମ୍ ରହିଛି , ତେବେ ୨୦୦ରୁ ୩୦୦ ମଧ୍ୟରେ ଲାଗିରହିଛି ଏହି ନମ୍ବର । ଦେଶରେ ପ୍ରତ୍ୟହ ଯଦି ୨୦୦ରୁ ତିନିଶହ ମଧ୍ୟରେ ମୃତ୍ୟୁସଂଖ୍ୟା ଲାଗିଯାଏ ତେବେ ତାହା ଦେଶ ପାଇଁ କେବେ ବି ଶୁଭ ସୂଚନା ନୁହେଁ । ଭାରତ ପାଇଁ ନିଶ୍ଚୟ ଚିନ୍ତାର ବିଷୟ । ପୃଥିବୀର ଅନ୍ୟାନ୍ୟ ପ୍ରାନ୍ତରେ ଏବେ ବି କାୟମ ରହିଛି କରୋନାର ପ୍ରଭାବ । କରୋନାର ଇତିହାସକୁ ଦେଖିଲେ ୨୦୧୯ରୁ ଆରମ୍ଭ ହୋଇ କରୋନା । ବିଜ୍ଞାନ ଆଜି ତା'ର ଜୟ ଜୟକାର କରୁଛି । ହେଲେ ସମାଜରେ ପୁଣି ଏତେ ବିଶୃଙ୍ଖଳା କାହିଁକି ? କେବଳ ବିଜ୍ଞାନ ମାଧ୍ୟମରେ ସବୁ କିଛି ସମ୍ଭବ ହୋଇପାରିବ ନାହିଁ କି ସବୁକିଛି ସଫଳ ହୋଇପାରିବ ନାହିଁ । କୌଣସି କ୍ଷେତ୍ରରେ ସଫଳତା ପାଇବା ପାଇଁ ପ୍ରପର ପ୍ଲାନିଙ୍ଗ ସହିତ ପ୍ରପର ପ୍ରଚେଷ୍ଟା, ତାହା ପୁଣି ବ୍ୟବସ୍ଥିତ ଢଙ୍ଗରେ ହେବା ଦରକାର । ନଚେତ ସବୁକିଛି ବେକାର । ଯାହାର ପ୍ରମାଣ କରୋନା ଭୂତାଣୁ ଯାହାର ମାରାତ୍ମକ ସଂକ୍ରମଣ ପ୍ରଭାବରେ ବିଶ୍ୱର ପ୍ରାୟ ୨୦୦ରୁ ଅଧିକ ଦେଶ ସେଭଳି ଗୋଟାଏ ଚାଇନିଜ୍ ଭାଇରସ୍ ପ୍ରଭାବରେ ପ୍ରଭାବିତ ହୋଇ ହନ୍ତସନ୍ତ ହୋଇଗଲେ । ସାମାନ୍ୟଗୋଟିଏ ଭାଇରସ୍, ଦେଖିବାକୁ କେତେ କ୍ଷୁଦ୍ର ଅଥଚ କେତେ ଭୟଙ୍କର ତା'ର ପ୍ରଭାବ ଯାହା କବଳରୁ ମୁକୁଳିବା ପୃଥିବୀବାସୀଙ୍କ ପାଇଁ ଏକ ପ୍ରକାର ଅସହ୍ୟ ହୋଇପଡ଼ିଛି । ବିଜ୍ଞାନର ଏତେ ସୁପ୍ରଭାବ ଏବଂ ସଶକ୍ତ ପ୍ରଭାବ ସତ୍ତ୍ୱେ କରୋନାରୂପୀ ମାରାତ୍ମକ ଭାଇରସ୍ ପ୍ରଭାବରେ ବିଶ୍ୱର ଲକ୍ଷ ଲକ୍ଷ ଲୋକଙ୍କଜୀବନ ଅକାଳରେ ଝଡ଼ି ପଡ଼ିଲା । କୋଟି କୋଟି ଲୋକଙ୍କ ଜୀବନ ଅର୍ଥାଭାବ ନେଇ ହନ୍ତସନ୍ତ ହୋଇପଡ଼ିଲା । କରୋନା ପ୍ରଭାବରେ ଦେଶ ବିଦେଶର କେତେ ଯେ ଜୀବନ ଉଜୁଡିଗଲା, ତା'ର କିଛି ହିସାବ ନାହିଁ । ବିଶ୍ୱର ବିଭିନ୍ନ କରୋନା ଆକ୍ରାନ୍ତ ଦେଶ ପରସ୍ପରର ସହମତିରେ ପରସ୍ପର ପାଇଁ ସହଯୋଗର ହାତ ବଢ଼ାଇଦେଇଥିଲେ । ସବୁ ସତ୍ତ୍ୱେ ପୃଥିବୀରେ କରୋନା ତା'ର କହର ଜାରି ରଖିଲା ଯାହା ଏଯାବତ୍ ଜାରି ରହିଛି । ଏବେ ବି କେରଳରେ ୧.୨୨ଲକ୍ଷ ସକ୍ରିୟ ମାମଲା ରହିଛି । ମହାରାଷ୍ଟ୍ରରେ ମଧ୍ୟ କିଛି କମ୍ ନୁହେଁ ସେହି ମାମଲା । ପ୍ରାୟ ୩୬୦୦୦ ସକ୍ରିୟ ମାମଲା ରହିଛି ଏବେ ବି ମହାରାଷ୍ଟ୍ରରେ ଯାହା ଦେଶ ପାଇଁ ସମ୍ପୂର୍ଣ୍ଣ ଚିନ୍ତାଜନକ । ଏଭଳି ସ୍ଥିତିରେ କ'ଣ କରାଯାଇପାରେ । କରୋନାକୁ ହରାଇବା ପାଇଁ ଭାରତ ନିଜସ୍ୱ ଉତ୍ପାଦ ସହ ବିଶ୍ୱର ବହୁ ବିକଶିତ କରୋନା ବିରୋଧୀ ମେଡିସିନ୍ ଉତ୍ପାଦ ବାହାର କରି ଆକ୍ରାନ୍ତ ମାନଙ୍କୁ ପ୍ରଦାନ କରିଛି । ନିଜ ଉତ୍ପାଦ ବିଦେଶକୁ ବି ପଠାଇଛି । ତେବେ ପୂର୍ଣ୍ଣ ସତର୍କତା ଏବଂ ସଂଯମତା ହିଁ ଫଳପ୍ରଦ ହୋଇପାରେ ।

ସମାଜ ସେବାରେ ଭିନ୍ନ ଦିଗନ୍ତ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଆଜି ବିଶ୍ୱ ସ୍ୱେଚ୍ଛାସେବୀ ସଂଗଠନ ଦିବସ । ସମାଜର ବିକାଶରେ ଓ ରାଷ୍ଟ୍ରୀୟ ପ୍ରଗତିରେ ସମାଜ ସେବାର ଗୁରୁ ଦାୟିତ୍ୱକୁ ମନେ ପକାଇବାର ସ୍ମରଣୀୟ ଦିନ । ସଂପ୍ରତି ସବୁକ୍ଷେତ୍ରରେ ସାମାଜିକ ସଂଗଠନର ଗୁରୁ ଦାୟିତ୍ୱ ଦିନକୁ ଦିନ ବଢ଼ିବାରେ ଲାଗିଛି । ସ୍ୱାସ୍ଥ୍ୟସେବା ଠାରୁ ଶିକ୍ଷା ସୂଚନା ପ୍ରଯୁକ୍ତି ଠାରୁ କଳା ସବୁଠି ସମାଜ ସେବାର ଗୁରୁଦାୟିତ୍ୱ ରହିଛି । ଆଜିକାଲି କିଛି ଆଧ୍ୟାତ୍ମିକ ସଂଗଠନ ଓ ରାଜନୈତିକ ଦଳମାନେ ମଧ୍ୟ ସମାଜ ସେବାରେ ନିଜକୁ ନିୟୋଜିତ ରଖୁଛନ୍ତି । ଅନେକ ସ୍ୱେଚ୍ଛାସେବୀ ସଂଗଠନ ରହିଛନ୍ତି ଯେଉଁମାନେ କି ସରକାରଙ୍କ ବିନା ସହାୟତାରେ ଅନ୍ୟ କିଛି ସାମାଜିକ ପ୍ରଗତିମୂଳକ ସେବା କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ ରଖୁଛନ୍ତି । ଓଡ଼ିଶାରେ ଅନେକ କିଛି ସ୍ୱେଚ୍ଛାସେବୀ ସଂଗଠନ ରହିଛନ୍ତି ଯେଉଁମାନେ ଲୋକଲୋଚନକୁ ନ ଆସି ବିନା ସରକାରୀ ସହାୟତାରେ ଗୁରୁଦାୟିତ୍ୱ ନିର୍ବାହ କରିବାକୁ ସକ୍ଷମ ହେଉଛନ୍ତି । ବିଭିନ୍ନ ବେସରକାରୀ ସଂଗଠନମାନେ ବିନା ସରକାରୀ ସହାୟତାରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ଗ୍ରାମାଂଚଳ ବିକାଶ, ଗରିବ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା, ଗ୍ରାମ୍ୟ ସଫେଇ ଓ ଫୁଟ୍‌ପାଥର ଲୋକମାନଙ୍କୁ ବିନା ମୂଲ୍ୟରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି ।

ସମାଜ ସେବା କ୍ଷେତ୍ରରେ ସାମାଜିକ ସଂଗଠନମାନେ ଅନେକ କିଛି ବାଧାବିଘ୍ନକୁ ସାମ୍ନା କରିଥାନ୍ତି । ବଣମଲ୍ଲୀ ପରି ଅନେକ ପ୍ରତିଭାବାନ ସ୍ୱେଚ୍ଛାସେବୀ ସଂଗଠନ ରହିଛନ୍ତି ଯେଉଁମାନେ ଢ଼ୋଳେ ପିଇ ବଣେ ଜିଁଇ ନ୍ୟାୟରେ କାହାପାଖରେ ହାତ ନପାତି ବି ମାନବ ସେବାକୁ ମାଧବ ସେବା ଭାବରେ ରୂପାନ୍ତରିତ କରି ଜନସେବାରେ ନିଜକୁ ନିୟୋଜିତ ରଖିଛନ୍ତି । ଅନେକ କ୍ଷେତ୍ରରେ ଦେଖାଯାଏ ସରକାରଙ୍କ ନାଲିଫିତା ତଳେ ସ୍ୱେଚ୍ଛାସେବୀ ସଂଗଠନର ଅନୁମତି ପ୍ରଦାନ ହେଉ କିମ୍ବା ଅନୁଦାନ ସବୁ ବନ୍ଦ ହୋଇଯାଏ ଯାହାଦ୍ୱାରା ପ୍ରଗତିମୂଳକ କାର୍ଯ୍ୟରେ ସ୍ୱେଚ୍ଛାସେବୀ ସଂଗଠନଟି ଯଥାର୍ଥ ରୂପରେ ସେବା କରିବାରୁ ବଂଚିତ ହୋଇଥାଏ । ନିକଟରେ କେନ୍ଦ୍ର ସରକାରଙ୍କ ଏକ ତାଲିକା ଅନୁଯାୟୀ ରାଜ୍ୟରେ ଓ ଭାରତରେ କାର୍ଯ୍ୟ କରୁଥିବା କିଛି ସ୍ୱେଚ୍ଛାସେବୀ ସଂଗଠନର ତାଲିକା ବାହାରିଛି ଯେଉଁମାନେ କାର୍ଯ୍ୟ ନକରିବି ଭୁଲ ତଥ୍ୟ ଦେଇ ସରକାରଙ୍କ ଠାରୁ କୋଟି କୋଟି ଟଙ୍କାର ରାଜସ୍ୱ ପାଇବାକୁ ସକ୍ଷମ ହେଉଛନ୍ତି ଯାହାଦ୍ୱାରା ବାସ୍ତବରେ ସେବା କରୁଥିବା ସଂଗଠନଟି ସେମାନଙ୍କ ସମାଜ ସେବା କ୍ଷେତ୍ରରୁ ଦୂରେଇ ଯିବା ପାଇଁ ବାଧ୍ୟ ହୋଇଥାନ୍ତି । ଯଦିଓ ସାମାଜିକ ଓ ନ୍ୟାୟ ମନ୍ତ୍ରାଳୟ ଏହି କଳା ତାଲିକାଭୁକ୍ତ ସଂଗଠନ ପାଇଁ କଡ଼ା ଲଗାମ ଲଗାଉଛନ୍ତି ତେବେ ଏହା ସବୁ କ୍ଷେତ୍ରରେ ସମ୍ଭବ ହୋଇପାରୁନାହିଁ ।

ସମାଜ ସେବା ପାଇଁ ଆଜିର ଯୁବପିଢ଼ୀମାନେ କ୍ୟାରିୟର କରିବା ପାଇଁ ଆଗେଇ ଆସୁଛନ୍ତି ସମାଜ ବିଜ୍ଞାନ ଓ ସୋସିଆଲ୍ ସର୍ଭିସ ପାଠ୍ୟକ୍ରମ ଏହି ପିଲାମାନଙ୍କୁ ସେମାନଙ୍କ କ୍ୟାରିୟର ପାଇଁ ସଠିକ ରାସ୍ତା ଦେଖାଉଛି । ପ୍ରଶ୍ନ ଉଠୁଛି ଯେ, ସମାଜ ସେବା ପାଇଁ କ'ଣ ପ୍ରକୃତରେ ଜଣକୁ କେଉଁ ଉପାଦାନ ପ୍ରଯୁଜ୍ୟ । ଦେଖାଯାଉଛି ଜଣଙ୍କ ହାତପାହାନ୍ତାରେ ଯନ୍ତ୍ରଣାରେ ଛଟପଟ ହୋଇ ଜଣେ ଚିକିତ୍ସା ପାଇଁ ଚିତ୍କାର କରୁଛି, ଗାଁରେ ଜଣେ ଅନାହାର ମୃତ୍ୟୁରେ ଛଟପଟ ହେଉଛି । ରାସ୍ତାକଡ଼ରେ ଦୁର୍ଘଟଣାରେ କ୍ଷତବିକ୍ଷତ ହୋଇ ଜଣେ ସାହାଯ୍ୟର ହାତ ବଢ଼ାଉଛି, ଦିନ ଦିନ ଧରି ଖାଦ୍ୟ ନପାଇ ଅନାହାରରେ ଜଣେ ଷଢ଼ୁଥିବା ବେଳେ ସମାଜସେବୀମାନେ ସେଇଠୁ ହିଁ ସେମାନଙ୍କର କ୍ଷେତ୍ର ନିର୍ବାଚିତ କରି ସମାଜ ସେବାରେ ନିୟୋଜିତ ରୁହନ୍ତି । ସବୁକ୍ଷେତ୍ରରେ ସରକାରଙ୍କ ଉପରେ ଗୁରୁଦାୟିତ୍ୱ ଠେଲି ଦେଇ ନିଜ ଦାୟିତ୍ୱ ଶେଷ କରିଦେଲେ ହେବ ନାହିଁ । ନର ସେବା ହିଁ ନାରାୟଣଙ୍କ ସେବା । ଅବହେଳିତ, ଅସହାୟଙ୍କ ସେବା ହେଉଛି ଯଥାର୍ଥରେ ଭଗବାନଙ୍କ ପ୍ରତି ସମର୍ପିତ ଭକ୍ତି ନିବେଦ୍ୟ ଏହାକୁ ସମସ୍ତେ ଜୀବନର ଧର୍ମ ଭାବରେ ବିବେଚନା କରି ଜୀବନ ଧର୍ମ ଭାବରେ ସେହିମାନଙ୍କ ମୁହଁରେ ହସ ଟିକେ ଫୁଟାଇ ପାରିଲେ ସମାଜ ସେବା କ୍ଷେତ୍ର ଗୌରବାନ୍ୱିତ ହେବା ସହ ସେହି ନର ନାରାୟଣଙ୍କ ଆଶୀର୍ବାଦରେ ଜୀବନ ଧନ୍ୟ ହେବ । ଆସନ୍ତୁ ଆନ୍ତର୍ଜାତିକ ଭଲ୍ୟୁଂଟାରୀ ଡ଼େ ଅବସରରେ ସମସ୍ତଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବାର ଶପଥ ନେବା ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟ ନିରୋଧ ଆନ୍ଦୋଳନ କଟକ, ଦୂରଭାଷ : ୯୯୩୭୧୭୨୮୧୦

ସୃଷ୍ଟି ପାଇଁ ମାଟି

॥ ଇନ୍ଦୁ ଭୂଷଣ ଭୂୟାଁ (ବାଦଲ) ॥

ପୃଥିବୀ ସୃଷ୍ଟିର ଅନେକ ରହସ୍ୟ ମଧ୍ୟରୁ ଗୋଟିଏ ଗ୍ରହଣୀୟ ଯେ ଏହା ଉତପ୍ତ ଗ୍ୟାସୀୟ ତରଳପଦାର୍ଥର ଶୀତଳୀକୃତ ଏକ କଠିନ ଆବରଣଯୁକ୍ତ ପିଣ୍ଡ । ସହସ୍ର ନିୟୁତ ବର୍ଷ ଧରି ପ୍ରାକୃତିକ ଶକ୍ତିଗୁଡ଼ିକ ପ୍ରଭାବରେ କଠିନ ଶିଳା ବିତାଡ଼ିତ, ବିଖଣ୍ଡିତ ତଥା ବିଘଟିତ ହୋଇ ସୃଷ୍ଟି କରିଛି ମାଟି, ଯାହା ଭୂପୃଷ୍ଠକୁ ଆଚ୍ଛାଦିତ କରି ରଖିଛି । ସେ ସୁଉଚ୍ଚ ଗିରିଶୃଙ୍ଗ ହେଉ କିମ୍ବା ସମୁଦ୍ର ତଟୀଣ ଅବା ସୁବିସ୍ତୃତ ସମତଳ ପ୍ରାନ୍ତର ସବୁଠି ମାଟିର ଉପସ୍ଥିତି ଦୃଶ୍ୟମାନ । କେବଳ ଫରକ ଆକାର, ସଙ୍ଗଠନ, ସଂରଚନା ଆଉ ରଙ୍ଗରେ । ମାଟିର ଏମିତି ବିଭିନ୍ନତା ପଛରେ ରହିଛି କେବଳ ଭୌଗୋଳିକ, ଜଳବାୟୁ ଏବଂ ଶିଳାଭସ୍ମର ବିବିଧତାଗତ କାରଣ । ଏସବୁ ସତ୍ତ୍ୱେ ମାଟି ସର୍ବତ୍ର ସାଜିଛି ସୃଷ୍ଟି ସର୍ଜନାର ମୂଳମନ୍ତ୍ର । ଏକକୋଷୀ ଜୀବରୁ ଆରମ୍ଭ ହୋଇଥିବା ଜୀବନ୍ତ ପୃଥିବୀର ଅଭିଯାନ ବିବର୍ତ୍ତନବାଦକୁ ଆୟୁଧ କରି ସମ୍ପ୍ରତି ପହଂଚିଛି ମଣିଷ ପରି ଉନ୍ନତ ଜୀବ ଓ ବୃକ୍ଷଲତା ପାଖରେ । ଏହି କାମରେ ମାଟି ଯେ କେବଳ ଜୀବସତ୍ତାର ପ୍ରାରମ୍ଭିକ କର୍ତ୍ତା ସାଜିଛି ତା ନୁହେଁ ବରଂ ଖଞ୍ଜି ଦେଇଛି ଜୀବିକାର ଉତ୍ସ, ଅମାପ ପ୍ରାକୃତିକ ସମ୍ପଦର ଭଣ୍ଡାର ଆଉ ଅଜାଡ଼ି ଦେଇଛି ଅକଳନୀୟ ଶକ୍ତିର ଉତ୍ସ । ହେଲେ ସମୟକ୍ରମେ ମାଟି ସହିତ ଅଙ୍ଗାଙ୍ଗୀ ଭାବେ ଯୋଡ଼ି ହୋଇ ଆସିଥିବା ମଣିଷର ଆର୍ଥିକ, ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ଭାବଧାରା ଧୀରେ ଧୀରେ ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି । କିଛି ଅଂଶରେ ମାଟି ସହିତ ମଣିଷର ସମ୍ପର୍କ ସଙ୍କୁଚିତ ହୋଇଯାଉଛି ତ ଆଉ କିଛି ଭାଗରେ ମାଟି ଉପରେ ମଣିଷର ଉତ୍ପୀଡ଼ନ ବଢ଼ିଚାଲୁଛି । ମାଟିରୁ ମୋହ ଭାଙ୍ଗିଯାଉ କିମ୍ବା ମଣିଷ ପାଇଁ ମାଟି ଦୁଷ୍ପ୍ରାପ୍ୟ ହେଉ ଉଭୟ ପରିସ୍ଥିତି ଭବିଷ୍ୟତ ବିଶ୍ୱ ପାଇଁ ଉଦ୍‌ବେଗଜନକ । ଏହି ପ୍ରସଙ୍ଗରେ ମିଳିତ ଜାତିସଂଘ ସାଧାରଣ ପରିଷଦ ୨୦୧୩ ମସିହାରେ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରିବା ପାଇଁ ବିଧିବଦ୍ଧ ଘୋଷଣା କରନ୍ତି । ଏହାକୁ ଆଉ ଟିକେ ପ୍ରାଧାନ୍ୟ ଦେବାକୁ ଯାଇ ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥା ୨୦୨୫ ମସିହା ଅନ୍ତର୍ଜାତୀୟ ମୃତ୍ତିକା ବର୍ଷ ଭାବେ ପାଳନ କରୁଛି, ଯାହାର ପୂର୍ତ୍ତି ଏ ବର୍ଷ ଡିସେମ୍ବର ୫ ତାରିଖ ଅର୍ଥାତ୍ ବିଶ୍ୱ ମୃତ୍ତିକା ଦିବସ ଅବସରରେ ମନାଯାଉଛି ।

ସୁସ୍ଥ ମାଟି ଖାଦ୍ୟ, ବସ୍ତ୍ର, ଜାଳେଣି, ଔଷଧ ଇତ୍ୟାଦି ଯୋଗାଣରେ ଏକମାତ୍ର ଉତ୍ସ ଭାବେ ପରିଗଣିତ । ମାଟି ଆମ ପରିବେଶ ପରିସଂସ୍ଥା ପାଇଁ ଏକ ଅନିବାର୍ଯ୍ୟ ଅଙ୍ଗ । ପରିବେଶର ଅତି ଦରକାରୀ ଅଙ୍ଗାରଚକ୍ର ପାଇଁ ମାଟି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ପୃଷ୍ଠଜଳ ସଂଗୃହୀତ କରି ରଖିବା, ବିଶୁଦ୍ଧ ଭୂତଳ ଜଳ ଉତ୍ସ ସୃଷ୍ଟି ଓ ଜଳ ପ୍ରଦାନ କରିବା ତଥା ବନ୍ୟା, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରଶମିତ କରିବା ଦିଗରେ ମାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହି ମାଟି ଜୈବିକ ଅଙ୍ଗାରକର ସର୍ବ ବୃହତମ ଭଣ୍ଡାର ଯାହା ଜଳବାୟୁ ପରିବର୍ତ୍ତନଜନିତ ପ୍ରତିକୂଳ ପ୍ରଭାବକୁ ପ୍ରଶମନ ତଥା ଖାପ୍ ଖୁଆଇ ନେବାରେ ସାହାଯ୍ୟ କରିଥାଏ । ପ୍ରାୟ ୮୦୦ କୋଟିରୁ ଅଧିକ ବିଶ୍ୱ ଜନସଂଖ୍ୟାରେ ଅନେକ ଲୋକ ଅର୍ଦ୍ଧାହାର, ଅନାହାର, କୁପୋଷଣର ଶିକାର ହୋଇ ଚାଲିଛନ୍ତି । ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥାର ନିର୍ଦ୍ଦେଶକ ଜୋସେ ଗ୍ରାଜିଆନେ ଡି ସିଲଭାଙ୍କ ମତାନୁଯାୟୀ ବର୍ତ୍ତମାନର ଜନସଂଖ୍ୟା ବୃଦ୍ଧି ପାଖାପାଖି ୬୦ ପ୍ରତିଶତ ଅଧିକ ଖାଦ୍ୟ ଉତ୍ପାଦନ ଦରକାର କରେ । ମାତ୍ର ପରିତାପର ବିଷୟ ଏହିକିଯେ ଏତାଦୃଶ ସ୍ଥିତିରେ ବିଶ୍ୱର ୩୩ ପ୍ରତିଶତ ମୃତ୍ତିକା ସମ୍ପଦ ଅବକ୍ଷୟଗାମୀ । ମାଟି ଉପରେ ମଣିଷର ଅତ୍ୟଧିକ ବହୁମୁଖୀ ଚାପ ଏହାକୁ ତାର ସର୍ବନିମ୍ନ କାର୍ଯ୍ୟ ସମ୍ପାଦନ କରିବାରେ ବାଧା ସୃଷ୍ଟି କରିଚାଲିଛି । ମାଟିର କ୍ଷଣିକ ତଥା ଲାଭଦାୟକ ବ୍ୟବହାର ପାଇଁ ଏହାର ଅବକ୍ଷୟ, ସଙ୍କୋଚନ, ମୃତ୍ତିକା ବନ୍ଧନ, ଲବଣତା ବୃଦ୍ଧି, ଜୈବାଂଶ ପ୍ରତିହତ, ପୋଷଣହୀନତା, ଅମ୍ଳବୃଦ୍ଧି ତଥା ଅନ୍ୟାନ୍ୟ ପ୍ରଦୂଷଣ ମାତ୍ରା ଧୀରେ ଧୀରେ ବଢ଼ିଚାଲିଛି । ଏପରି ସ୍ଥିତି ଲାଗି ରହିଲେ ୧୯୬୦ ମସିହାରେ ମୁଣ୍ଡପିଚ୍ଛା ଉତ୍ପାଦନ କ୍ଷମତାଶୀଳ ମାଟି ଯେତିକି ଥିଲା ତାହା ୨୦୫୦ ମସିହା ବେଳକୁ ଏକ ଚତୁର୍ଥାଂଶରେ ପହଂଚିଯିବ । ଗୋଟିଏ ସେ[ମିଟର ମୃତ୍ତିକା ସୃଷ୍ଟି ହେବା ପାଇଁ ପ୍ରକୃତିକୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ଲାଗୁଥିଲା ବେଳେ ଆମେ ତାକୁ ୧୦୦୦ ଦିନରୁ କମ୍ ସମୟରେ ନଷ୍ଟ କରିଦେଉଛୁ । ନିରନ୍ତର ଉନ୍ନତିରେ ଖାଦ୍ୟ ସୁରକ୍ଷା ଓ ପୋଷଣ ଅନ୍ୟତମ ଅପରିହାର୍ଯ୍ୟ ଉପାଦାନ ଯାହା କେବଳ ସୁସ୍ଥ ମାଟି ହିଁ ପ୍ରଦାନ କରିଥାଏ । ମାତ୍ର କ୍ରମାଗତ ଭାବେ ନଷ୍ଟ ହୋଇ ଚାଲିଥିବା ମାଟି ଏବେ ପାସୋରି ହୋଇଯାଇଥିବା ଗୋଟେ ସମ୍ପଦର ସ୍ଥିତିରେ ଦଣ୍ଡାୟମାନ ।

ଜୈବବିବିଧତାର ଏକ ଚତୁର୍ଥାଂଶ ମାଟି ତଳେ ଅବସ୍ଥାନ କରୁଥିବାର ଦେଖାଯାଇଥାଏ । ଅସଂଖ୍ୟ ଅଣୁଜୀବ ଅଦୃଶ୍ୟ ଭାବେ ଅସୁମାରି କାମ କରିଚାଲିଥାନ୍ତି । ପଚାସଢ଼ା ମଇଳା ପଦାର୍ଥକୁ ବିଘଟନ କରି ପରିବେଶକୁ ବିଶୁଦ୍ଧ କରିଥାନ୍ତି ଏମାନେ । ମାଟିର ସଂସ୍ପର୍ଶରେ ସମ୍ଭବ ହୋଇଥାଏ ମଞ୍ଜିର ଅଙ୍କୁରୋଦ୍‌ଗମ, ବିସ୍ତାରିତ ହୁଅନ୍ତି ବୃକ୍ଷରାଜି ଆଉ ସବୁଜିମା । ଏହା ବିଶ୍ୱର ବୃହତ୍ ବିସ୍ମୟ ନୁହେଁ ତ ଆଉ କ'ଣ ? ପ୍ରକୃତିର ପରିଚର୍ଯ୍ୟା ଏବଂ ପର୍ଯ୍ୟାବରଣ ପ୍ରତିଷ୍ଠା ପାଇଁ ପ୍ରତ୍ୟେକଟି ଉପାଦାନ ଖଞ୍ଜି ଦେଇଛି ମାଟି । ମାଟିର ସ୍ତରୀୟ ସଂରଚନା ଦେଇ ଭୂଗର୍ଭଗାମୀ ଭୂପୃଷ୍ଠଜଳର ବିଶୁଦ୍ଧୀକରଣ ପ୍ରକ୍ରିୟା ଯେ କୌଣସି ବୈଜ୍ଞାନିକ ଉପକରଣ ଠାରୁ ଉନ୍ନତମାନର ତାହା ନିଃସନ୍ଦେହ । କିନ୍ତୁ ମାଟିର ଏହି ମାହନୀୟତାକୁ ଆମେ କ୍ରମଶଃ ହରାଇବାକୁ ବସିଛୁ । ମଣିଷର ଅପରିଣାମଦର୍ଶୀ ସ୍ୱେଚ୍ଛାଚାରିତାର ଶିକାର ହୋଇଚାଲିଛି ମାଟି । କୁତ୍ର କୁତ୍ର ବର୍ଜ୍ୟବସ୍ତୁର ଆବରଣରେ ଅଦୃଶ୍ୟ ହୋଇ ଚାଲିଛି ମାଟି । ସ୍ୱଳ୍ପ ଜମିରୁ ଅଧିକ ଉତ୍ପାଦନର ଆବଶ୍ୟକତାକୁ ଚରିତାର୍ଥ କରିବାକୁ ଯାଇ ମାଟିରେ ରାସାୟନିକ ସାର, କୀଟନାଶକ, ଜୈବପ୍ରଯୁକ୍ତିର ବହୁଳ ପ୍ରୟୋଗ ମାଟିର ମାନକୁ ନିମ୍ନଗାମୀ କରିପକାଇଲାଣି । ମାଟି ପାଇଁ ସୃଷ୍ଟି ବଂଚି ରହିଥିବା ବେଳେ ମରିଯାଉଥିବା ମାଟିକୁ ବଂଚାଇବା, ସଂକ୍ରମିତ ମାଟିକୁ ସୁସ୍ଥ କରିବାର ପ୍ରୟାସ ସମଗ୍ର ମାନବ ସମାଜର କାମ୍ୟ ହେବା ଜରୁରୀ ।

ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

ଶକୁନ ଜ୍ୟୋତିଷ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ମହାଭାରତ ଶକୁନି ଚରିତ୍ରକୁ ସମସ୍ତେ ଜଣାଅଧିକେ ଜାଣନ୍ତି । କୌରବ ମହାରାଣୀ ମା ଯେ ପ୍ରଜାଗଣ ଓ ପାଣ୍ଡବ ଗଣଙ୍କ ବଡ଼ ମାଆ ଥିଲେ । ସେହି ମହିୟସୀ ମହିଳାଙ୍କ ନାମ କେବେ ବି କାହାକୁ ଅଜଣା ନୁହେଁ । ସେହି ମାଆ ଗାନ୍ଧାରୀ । ସେଥିଲେ ଗାନ୍ଧାର ଜନପଦଅଧିକାରୀ ରାଜା ଗାନ୍ଧାର ସେନ । ପୂର୍ବେ କ'ଣ ଚଳତି ସମୟ, ଲୋକମାନେ କିଛି ବିଶେଷ୍ୟର ବିଶେଷଣ ପ୍ରୟୋଗ କରି ସ୍ଥାନ ନାମରେ ରାଜା, ରାଜଝିଅଙ୍କୁ ସ୍ଥାନ ନାମରେ ଲଗାଇ ନାମକରଣରେ ରଖିବା ଚଳବଚଳ ରହିଛି । ବୈଦେହୀ, ଜାନକୀ, କୈକେୟୀ, କୌଶଲ୍ୟା, ଦ୍ରୌପଦୀ, ସଦୃଶ ଗାନ୍ଧାରୀ ନାମ ଲୋକ ଚଳଣିରେ ରହିଛନ୍ତି । ସମୟକୁ ସ୍ଥାନ ନାମ ବାରମ୍ବାର ବଦଳୁଛି, ଗାନ୍ଧାର ଦେଶ ବର୍ତ୍ତମାନ ଆଫଗାନିସ୍ତାନ । ପୂର୍ବେ ଭାଷା ପାଇଁ ପ୍ରତି ରାଜକୁମାରୀ ବିଭା ହେଲା ବେଳେ ତାଙ୍କ ବାଲ୍ୟ କାଳର ସାଥି ସହେଲିକୁ ସାଙ୍ଗରେ ନେଇକି ଶାଶୁଘର ସ୍ୱ ବର ସହ ଆସିବା ପାଇଁ ଫୁଲ କନ୍ୟାବ୍ୟବସ୍ଥା ଥିଲା । କୈକେୟୀ ଦେଶରୁ ମନ୍ଥରା ଏମିତି କୈକେୟୀଙ୍କ ସହ ଆସିଥିଲେ ।

ଗାନ୍ଧାରୀ ଶତପୁତ୍ରର ଜନନୀ ଏକଥା କେବେ ବି ବିଶ୍ୱାସ ଯୋଗ୍ୟ ନୁହେଁ । ମାତ୍ର ଆଧୁନିକ ବିଜ୍ଞାନ ଏହା ପ୍ରମାଣ କରାଇବାକୁ ପଛାଇ ନାହିଁ । ଏକ ନାରୀର ଗର୍ଭାଶୟରୁ ଡିମ୍ବାଣୁ ନେଇକି ଅନ୍ୟ ନାରୀଙ୍କୁ ସନ୍ତାନବତୀ କରାଇବା ଓ ଶୁକ୍ରାଣୁବଳବାନ ସବଳ ଯୁବକର ଶୁକ୍ର ସଂଗ୍ରହ କରି ଅନେକ ନାରୀଙ୍କ ଗର୍ଭାଶୟରେ ଗର୍ଭାଧାନ କରି ହେବ । ଏବେ କୁହାଯାଉଛି ଡୋନର, ସରଳ ଅର୍ଥରେ, ଶୁକ୍ର ଦାନ କରିବା ବ୍ୟକ୍ତି । ଶାସ୍ତ୍ରରେ କନ୍ୟା ଦାନ ବଡ଼ ଦାନ, ଏପରି ଦାନ ଯହିଁରେ ରାଜାମାନେ ତାଙ୍କ ଦଖଲ ଭୂମିରୁ କେତେ ଭୂମି ଏମିତିକି ଅର୍ଦ୍ଧେକ ଭୂମି, କନ୍ୟା ଦାନ କାଳରେ ଦାନ କରୁଥିଲେ ଜମି, ବାଡ଼ି, କୋଠା, ସ୍ଥାନରୁ ଆୟ, ଅର୍ଦ୍ଧେକ ଦାନରେ କନ୍ୟା ଭାଗିଦାର ସେହିଠାରୁ ହୁଏ । ଗାନ୍ଧାରୀ ଆଖିରେ ପଟି ଭିଡ଼ିବା ଅର୍ଥ ସ୍ୱାମୀ, ସ୍ୱାମୀଘର ପରିବେଶ, ଚଳିତ ପରମ୍ପରାରେ ବା କ'ଣ କଣ ବ୍ୟବସ୍ଥା ହେଉଛି କେବେ ସେଥିରେ ବକ୍ତବ୍ୟ ରଖିବା ଥିଲା ବାଧକ । ଏବେ ଯେଉଁନାରୀ ସ୍ୱାଧୀନତା କଥାର ସ୍ୱର ଉଠୁଛି, ସେତେବେଳେ କେବେ ବି ଏପରି ନଥିଲା । ଦୁର୍ଯ୍ୟୋଧନ ଧନ ଅନ୍ୟାୟ କରୁଛନ୍ତି ତାହା ମା'ଅଣଦେଖା କରିଛନ୍ତି । ସେପରି, କାନୁନର ଚାବିକାଠିଟି ପୁଅଙ୍କୁ ଦେଇ ସ୍ୱର ରୁଦ୍ଧ ହୋଇ ନାମକୁ ମାତ୍ର ସିଂହାସନରେ ବସିଛନ୍ତି ଧୃତରାଷ୍ଟ୍ର । ଧୃତରାଷ୍ଟ୍ର ଶବ୍ଦର ଅର୍ଥ ରାଷ୍ଟ୍ରକୁ ଯେ ଧରି ରଖିଛନ୍ତି, ସମସ୍ତେ ଜମିର କବଲା ପଟା ଧରି ରଖିବା ଦେଖାଯାଉଛି ମାତ୍ର ଜମିର ସରହଦ ପାଖ ଲୋକ ଅକ୍ତିଆର କରି ଚାଲିଛନ୍ତି । ଏମିତି କି ଗଛ ମାଛ ଫସଲ ଉପଭୋକ୍ତା ହେଉଛନ୍ତି । ରାଜମହଲ, ରାଜବାଟି, ରାଜସଭା, ଏମିତି ସେହି ବଳପୂର୍ବା ବ୍ୟକ୍ତି, କପଟଚାରୀଙ୍କ ଦ୍ୱାରା ଅକ୍ତିଆର ହେବାର ଦେଖାଯାଉଛି । ପ୍ରକୃତରେ ଯେ ଶାସନରେ ଅଧିକର୍ତ୍ତା ସେକେବେ ବି ରାଜ୍ୟର ବା ଦେଶର, କୋଣ ଅନୁକୋଣର ସବୁ ବିଷୟ, ଘଟଣା କେବେ ବି ପ୍ରତ୍ୟକ୍ଷ ଅବଲୋକନ କରିବା ସମ୍ଭବ ନୁହେଁ । ଚର ଚକ୍ଷୁରେ ରାଜା ଦେଖନ୍ତି ସେ କେବଳ ନାମଧାରୀ ଧୃତରାଷ୍ଟ୍ର ନୁହଁନ୍ତି, ସବୁ ସ୍ଥାନ, ଦେଶ ଅଧିକାରୀ ମାନେ ହିଁ ଧୃତରାଷ୍ଟ୍ର । କିଛି ଘଟଣା ଘଟିଗଲା ପରେ ପୋଷ୍ଟମର୍ଟମ ଶବକୁ କରାଯିବା ପରି ତର୍ଜମା କରାଯାଉଛି । କୁହାଯାଉଛି ଗୁଇନ୍ଦା ବିଭାଗ ଫେଲ, ସେ ବିଭାଗବି ଅନ୍ଧ ଧୃତରାଷ୍ଟ୍ର ହେବା ବୋଧେ ହୋଇଯାଉଛି । ରାଜା ଓ ରାଜକର୍ମଚାରୀ ସମସ୍ତେ ରାଜାପରି ପ୍ରଜାଙ୍କ ଦ୍ୱାରା ସମ୍ମାନସ୍ପଦ, ନମସ୍କାରର ବର୍ଗୀକରଣରେ ପ୍ରଜା କେବେ ବି ଉଣା ଅଧିକ କରୁନାହାନ୍ତି । ଗାନ୍ଧାରୀ ସବୁ ଦେଖି ଅଣଦେଖା ଅର୍ଥ ଆଖିରେ ଅନ୍ଧ ପୋଟଳି ବାନ୍ଧିବା, ତାଙ୍କଠାରୁ ଗର୍ଭାଶୟରୁ ଡିମ୍ବନେଇକି ଏକ ସମୟ ପାଖାପାଖି ସନ୍ତାନ ସୃଷ୍ଟି କରାଯାଇଛି । ସେ ଜାଣିଲେ ଏ ପିଲା ତାଙ୍କର ଏହି ଡିମ୍ବ ରୋପଣ କ୍ରିୟା ଏତେ ଗୋପନ କାଯାଇଥିଲା ଯାହା ନା ଗାନ୍ଧାରୀ, ନା ଧୃତରାଷ୍ଟ୍ର ଜାଣିବା ହୋଇଥିଲା । ତତ୍କାଳ ପ୍ରଜନନ ବିଦ୍ୟା ବିଶେଷଜ୍ଞ ତାହା ଥିଲା ଗୋପନ ତଥ୍ୟ । ଏହା ବାଦ ପାଣ୍ଡବମାନେ ଓ କର୍ଣ୍ଣ ନିୟୋଗ ପ୍ରଥାରେ ଏକ ନାରୀ ଠାରୁ ଛ ଜଣ ଉପପତିଙ୍କ ଠାରୁ ଜନ୍ମ ହୋଇଥିଲେ । କର୍ଣ୍ଣ କୁନ୍ତୀ ମାଆଙ୍କ ଠାରୁ ଅବିବାହିତ କାଳରେ ଜନ୍ମ । ସେ ଲୋକଲଜ୍ୟା ଡରି ଶିଶୁଟିକୁ ଜଳରେ ଅପସାରଣ କରିଥିଲେ ।

ତାଙ୍କୁ ଜଳରୁ ଜଣେ ରଥଚାଳକ ସାରଥି ପାଇ ତାଙ୍କ ସ୍ତ୍ରୀ ସହ ଲାଳନ ପାଳନ କରିଥିଲେ । ତାଙ୍କ ସ୍ତ୍ରୀଙ୍କ ନାମ ରାଧା ଥିଲା । କର୍ଣ୍ଣଙ୍କୁ ରାଧେୟ ଏପାଇଁ କୁହାଯାଏ । ସାରଥିଙ୍କ ନାମ ଅଧିରଥ । ନିୟୋଗ ପ୍ରଥା ଅର୍ଥ ନାରୀଟି ସ୍ୱାମୀର ଅପାରଗତା ବା ସ୍ୱାମୀର ଆଦେଶରେ ଅନ୍ୟ ପୁରୁଷ ସହ ମିଶି ଗର୍ଭ ଧାରଣ କରି ସନ୍ତାନ ଜନ୍ମ ଦେବା, ବଡ଼ ବିଚିତ୍ର ଥିଲା ମହାଭାରତ କାଳ, ମହାଭାରତ ଲେଖକ ବ୍ୟାସଦେବ, ବ୍ରାହ୍ମଣ ପିତାଙ୍କ ଅନୁଲୋମ, ବିଲୋମ ବିବାହରେ ଜଣେ କୈବର୍ତ୍ତ କନ୍ୟା ଠାରୁ ଜନ୍ମ । ଶାସ୍ତ୍ରକାର ଲେଖିଛନ୍ତି ସନ୍ତାନର ପରିଚୟ ସଂସାରରେ ପିତାର ଗୋତ୍ର ଓ ଜାତିରେ ହିଁ ଧାର୍ଯ୍ୟ ହେବ । ଫଳରେ ଏ ଦେଶରେ ଯବନ ବିଦେଶୀଙ୍କ ଅନୁପ୍ରବେଶ ଓ ଭୟ ଥୋପ ପ୍ରଚାର, କରି ଏଦେଶ ବିଭିନ୍ନ ଜାତି, ବର୍ଣ୍ଣର ନାରୀଙ୍କୁ ପତ୍ନୀ ରକ୍ଷିତା ବନାଇ ଯେଉଁ ସନ୍ତାନ ବଢ଼ାଇ ଚାଲିବା ହେଉଛି ତାହା ମାତ୍ର ବଂଶର ନୁହେଁ ତାଙ୍କର ବଂଶ ଜାତିର ହୋଇଯାଉଛନ୍ତି । ଶାସ୍ତ୍ରରେ ବାର ପ୍ରକାର ପୁତ୍ରର ବର୍ଣ୍ଣନା ଅଛି । ଏମିତି ଅଛି ଔରସ ଜାତ, ହେଲେ ବିବାହିତା ସ୍ତ୍ରୀର ସନ୍ତାନ, ଦାସୀ, ପୋଇଲିର ସନ୍ତାନ ଏହା ଦାୟଭାଗ, ପିତୃସମ୍ପତିରେ ହୁଅନ୍ତି ନାହିଁ । ଆହୁରି ଅଛନ୍ତି କୁଣ୍ଡ ଓ ଗୋଳ, କୌଣସି ସନ୍ତାନର ଜନ୍ମ ପରେ ପରେ ଯଦି ତାର ପୋଷଣହାରୀ ପିତା ମରିଯାଉଛି, ଏତେଣ ତାର ମା'ର ଯୌବନ ଅଛି, ଆଉ ତାଙ୍କ ପିଲା ଅସହାୟ ଏ କ୍ଷେତ୍ରରେ ସେ ନାରୀ ଯଦି ଅନ୍ୟ ଏକ ପୁରୁଷକୁ ସର୍ବଜନ ଜାଣରେ ହାତ ଧରି ପତ୍ନୀ ଯଥା ନିମୟରେ ହେବେ ତାଙ୍କର ପୂର୍ବ ସ୍ୱାମୀ ଔରସ ଜାତ ପିଲା ଦ୍ୱିତୀୟ ସ୍ୱାମୀଙ୍କର । ସମାଜ ସ୍ୱୀକୃତି ଗୋଳ ବା ଗୋଳକ ପୁତ୍ର । ଆଉ ଅନ୍ୟ ପ୍ରକାରରେ କୌଣସି ବିବାହିତା ପୁରୁଷ ନିଜ ସ୍ତ୍ରୀଙ୍କ ଠାରୁ ସନ୍ତାନ ଜନ୍ମ ନିଜ ଔରସରୁ କରାଇବା ପରେ ପିଲାଥାଇ ତାର ମାଆ ମରିଗଲେ ବା କୌଣସି କାରଣରୁ ଛାନ ହୋଇ ଚାଲିଗଲେ, ଯଦି ପୁରୁଷଟି ଦ୍ୱିତୀୟ ପତ୍ନୀ ଗ୍ରହଣ କରନ୍ତି ତେବେ ସ୍ୱାମୀଙ୍କ ଆଗ ଚଳା ପୁତ୍ର କନ୍ୟାମାନେ କୁଣ୍ଡ ସନ୍ତାନ । ଦ୍ୱିତୀୟ ସ୍ତ୍ରୀ ତାକୁ ଯେତେ ଭଲ ଲାଳନ ପାଳନ କରିଲେ ବି ସେ ମାଆକୁ ସାବତ ମାଆ ଲୋକରେ ଡାକ ଅଛି । ଦୁର୍ଯ୍ୟୋଧନ ବି ଭାଇମାନେ ଗୋଳକ ଥିଲେ ବି ରାଜ ପରିବେଶ ତାଙ୍କୁ ଅସମ୍ମାନିତ କରିବାକୁ ସାହସ କରି ନଥିଲା । ସେ ମୃଦୁ ଗୁଞ୍ଜନ କେବେ ବି ଦୁର୍ଯ୍ୟୋଧନ କାନରେ ବାଜି ନଥିଲା ।

ଅନେକଙ୍କ ବିଭିନ୍ନ ପ୍ରକାରର ଅହଙ୍କାରୀ ଗୁଣ ଥାଏ, ବେପରୁଆ, ଦୁର୍ମାନେ ଧରାକୁସରା ମନେ କରି, ଗୁରୁ ଗୁରୁଜନ, ସମ୍ମାନୀୟ, ଜନଙ୍କୁ ତଥା ବ୍ୟବହାରିକ ଜ୍ଞାନ ଶୂନ୍ୟ ହୋଇ ସମସ୍ତଙ୍କୁ ହୀନ ହେୟ ମନେକରି, ଅଭଦ୍ରାମୀ ଭାବ ଦେଖାନ୍ତି, ନିଜକୁ ଖୁବ ବଡ଼ ଭାବୁଥିବା ଦୁର୍ଯ୍ୟୋଧନ ରାଜସଭାରେ ପାଣ୍ଡବ ଭାତୃଗଣ ପ୍ରବେଶ ବେଳେ ରାଜ କାଇଦା ସମ୍ମାନଦୃଷ୍ଟେ ଆସନ ଗ୍ରହଣ ପାଇଁ ଆଦେଶ ଅପେକ୍ଷାରେ ରହନ୍ତି । ରାଜ ମୁଖପାତ୍ର ଦୁର୍ଯ୍ୟୋଧନ, ରାଜାଅନ୍ଧ ଯୋଗୁ ମୁଖପାତ୍ର ମୁଖ୍ୟ ଭୂମିକାରେ ଆଦେଶ ଦାତା, ସେ ସମସ୍ତଙ୍କୁ ବସଉଠ କରାଇ ପାରନ୍ତି । ସେ ନିତ୍ୟ ରାଜସଭାରେ ପାଣ୍ଡବ ମାନଙ୍କୁ ଅପମାନିତ ପାଇଁ ପିତା ପଣ୍ଡୁଙ୍କ ସନ୍ତାନ ନକହି, ସେମାନେ ନିୟୋଗ ପ୍ରଥାରେ ଶୁକ୍ର ଦାନକାରି ଜନ୍ମ ଦେଇଥିବା ବ୍ୟକ୍ତିଙ୍କ ପୁତ୍ର ବୋଲି ନିତ୍ୟ ଉଚ୍ଚାରଣ କରି ବସିବାକୁ ଦେଉଥିଲେ । ସବୁଦିନେ ଅପମାନିତ ହେଲେ ବି ରାଜ ଆଦେଶର ବିରୋଧ, ଦଣ୍ଡରେ ଭିନ୍ନ ମୋଡନେଇପାରେ । ଏ ପାଇଁ ଧର୍ମ ମତି ଯୁଧିଷ୍ଠିର ସବୁର କର, ଶାନ୍ତ ରୁହ କହି ଭାଇମାନଙ୍କୁ ସ୍ଥିର ରଖାଉଥିଲେ । ଏକଦା ଶ୍ରୀକୃଷ୍ଣ ପାଣ୍ଡବଙ୍କ ଘରକୁ ଆସିଥିଲେ ଅଭିମାନୀ ଭୀମଙ୍କ ମନ ଭାବ ବୁଝି ତାଙ୍କୁ ଗୋପନ ମନ୍ତ୍ରଣା ଦେଇଥିଲେ ଯାହାର ସତ୍ୟ ଲୁଚି ରହିଥିଲା ସେ ଗୋଳ ସନ୍ତାନ, ଯେତେବେଳେ ଦୁର୍ଯ୍ୟୋଧନ କହିବ ବସହୋ, ପବନର ସୁତ, ବସିବା ସମୟରେ ଭୀମରେ କହିବୁ ବସିଛୁରେ ଗୋଲକ ସୁତ ବାସ ଏତିକି ଆଉ ଦିନେ ଏପରି ବାଣୀ ପ୍ରୟୋଗ ସେକେବେ କରିବ ନାହିଁ । ତାପରେ ତାହା ହିଁ ଭୀମ କରିଥିଲେ । ଏଇଠୁ ଆରମ୍ଭ ହୋଇଥିଲା କୌରବଙ୍କ ଦୁଃଖର ଅଧ୍ୟାୟ । ଗଣ୍ଡ ଲଗ୍ନ, ଗଣ୍ଡ ତିଥି, ଗଣ୍ଡ ନକ୍ଷତ୍ର, ନାରୀଙ୍କର ପ୍ରଥମ ରାଜଦର୍ଶନର ବିଭିନ୍ନ ଗଣ୍ଡଦୋଷ, ବିଷକନ୍ୟା, ବିଷ ପୁରୁଷ ପ୍ରବଳ ମାଙ୍ଗଳିକ, ସ୍ଥିର କରଣ ଯୁକ୍ତ ଅମାବାସ୍ୟା, ଚଣ୍ଡୀଶ ଚଣ୍ଡାୟୁଧ ଯୋଗ, ଦଗ୍ଧ ହୁତାଶନ ଆଦି ଅଶୁଭ ଦୁର୍ଯୋଗରେ ଜନ୍ମ ଜାତକ ମାନଙ୍କୁ ବିବାହ ଅତି ଦୁଃସାଧ ହୋଇଥାଏ । ଏମିତି ଯୋଗଜାତ ବ୍ୟକ୍ତିଙ୍କୁ ସାଧାରଣରେ ଗଣ୍ଡ ଗଣ୍ଡୁଆଣୀ କହନ୍ତି । ଏପରିଯୋଗରେ ଧୃତରାଷ୍ଟ୍ର ଓ ଗାନ୍ଧାରୀ ଜନ୍ମ ଏମାନଙ୍କ ବନ୍ଧରେ ବାନ୍ଧିବା ପାଇଁ ତତ୍କାଳ ବ୍ୟବସ୍ଥାପକଙ୍କ ସାହାଯ୍ୟ ନିଆଯାଇଥିଲା ।

ଶାହାଡ଼ାବୃକ୍ଷ ସହ ବିବାହ ପରେ ବରକନ୍ୟାଙ୍କୁ ବିବାହ ବୈଦିକ ରୀତିରେ ପାଣି ଗ୍ରହଣ କାର୍ଯ୍ୟ କରାଯାଇଥିଲା । ଏଥିପାଇଁ ଦୁର୍ଯ୍ୟୋଧନ ଗୋଳକପୁତ୍ରକୁ ତାଙ୍କ ମାମୁଁ ବଂଶ ମାମୁଁଙ୍କେ, ସମସ୍ତେ ଦାୟୀ ଭାବି ତାଙ୍କୁ ନିମନ୍ତ୍ରଣରେ ଡାକି ରାଜବନ୍ଦୀ କରି ଅନ୍ନ ଜଳ ପଡ଼ିଦେଇ ଶୁଖାଇ ଶୁଖାଇ ମରିଦେଇଥିଲେ । ସେଥିରୁ ଏକମାତ୍ର ଶକୁନି ମାମୁଁ ବଂଚି ଥିଲେ । ସେହିପରି ଆକସ୍ମିକ ଭାବରେ ଶକୁନି ବନ୍ଦୀଶାଳାରୁ ମୁକ୍ତ ହୋଇ କପଟ ଆଚରଣ ଆଦରି କେବଳ ଅଭିଶାପ କେମିତି ଅର୍ଜନ ହୋଇ କୌରବ ବଂଶ ଧ୍ୱଂସ ହେବ ଏହି ବିଚାରରେ ରାଜ ଉପଦେଷ୍ଟା ହୋଇ କାମ କରି ଚାଲିଲେ । କୁହାଯାଏ ଶକୁନି କୌରବଙ୍କ ମ୍ୟାନେଜମେଂଟ ଗୁରୁ । ଯୁଗେ ଯୁଗେ ଖଳମାନେ ହିଁ ବନ୍ଧୁପରି ଭାବକରି ସ୍ୱକପଟ ଇଚ୍ଛା ପୂରଣରେ ଲିପ୍ତ ରହିବା ଦେଖାଯାଉଛି । ଭଗବାନ ବଡ଼ ମ୍ୟାନେଜମେଂଟ ଗୁରୁ ଏହାକୁ ସରଳରେ କେହି ବୁଝି ପାରନ୍ତି ନାହିଁ । ଶକୁନ ବିଦ୍ୟାରେ ଶକୁନି ଧୁରିଣ, କପଟପଶା, ଖେଳରେ ପଡୁଥିବା ଦାନ ଏକ ପକ୍ଷର ଖେଳର ଦାନ କଣ ଜାଣି ଅପାରକ୍ଷର କଣ ପଡ଼ିଲେ ପକ୍ଷଟିର ହାର ହେବ । ଏହାର ଜ୍ଞାତ ଶକୁନିଙ୍କର ଥିଲା । ଏବେ ଶେୟାର ମାର୍କେଟ, ବାଇବା ବ୍ୟବସ୍ଥାରେ ଏମିତି ଶକୁନି ସିଦ୍ଧମାନେ ଭଲ ଉପାର୍ଜନ କରୁଛନ୍ତି ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ
ମୋ : ୯୪୩୭୦୩୧୨୫୩*

ଜାତୀୟ ଉଦ୍ୟାନ କୃଷି ବୋର୍ଡର ୩୩ତମ ବୈଠକରେ ଅଧ୍ୟକ୍ଷତା କରିଛନ୍ତି କେନ୍ଦ୍ର କୃଷିମନ୍ତ୍ରୀ

ନୂଆଦିଲ୍ଲୀ, ୦୪/୧୨ (ପି.ଆଇ.ବି) : କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ଜାତୀୟ ଉଦ୍ୟାନ କୃଷି ବୋର୍ଡ (ଏନଏଚବି)ର ନିର୍ଦ୍ଦେଶକ ମଣ୍ଡଳୀର ୩୩ତମ ବୈଠକ ଆଜି ନୂଆଦିଲ୍ଲୀର କୃଷି ଭବନରେ ଅନୁଷ୍ଠିତ ହୋଇଥିଲା । ବୈଠକରେ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ରାମ ନାଥ ଠାକୁର ମଧ୍ୟ ଉପସ୍ଥିତ ଥିଲେ । ପ୍ରମୁଖ କାର୍ଯ୍ୟକ୍ରମ ଏବଂ ରଣନୀତି ପ୍ରସ୍ତୁତର ସମୀକ୍ଷା – ଶିବରାଜ ସିଂହ ଚୌହାନ ବୈଠକରେ ଏନଏଚବିର ଯୋଜନାଗୁଡ଼ିକର ସମୀକ୍ଷା କରିଥିଲେ । ବିଶେଷକରି, ବ୍ୟବସାୟିକ ଉଦ୍ୟାନ କୃଷି ବିକାଶ ଯୋଜନା, କୋଲ୍ଡ-ଚେନ୍ ଭିତ୍ତିଭୂମି ପ୍ରକଳ୍ପ, କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ (ସିଡିପି) – କ୍ଷେତ୍ର-ନିର୍ଦ୍ଦିଷ୍ଟ ଉଦ୍ୟାନ କୃଷି କ୍ଲଷ୍ଟର ମାଧ୍ୟମରେ ଉତ୍ପାଦକତା ଏବଂ ବଜାର ସଂଯୋଗ ବୃଦ୍ଧି କରିବା ପାଇଁ ଏକ ନୂତନ ପଦକ୍ଷେପ, ଏବଂ ସ୍ୱଚ୍ଛ ଉଦ୍ଭିଦ କାର୍ଯ୍ୟକ୍ରମ – ଉଚ୍ଚ ମୂଲ୍ୟର ଫସଲ ପାଇଁ ରୋଗମୁକ୍ତ ଚାରା ସାମଗ୍ରୀ ପ୍ରଦାନ କରିବା ବିଷୟରେ ଆଲୋଚନା କରାଯାଇଥିଲା । କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ନିର୍ଦ୍ଦେଶ ଦେଇଛନ୍ତି ଯେ, ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସମୟସୀମା, ସ୍ୱଚ୍ଛ ଓ ଚାଷୀ-କୈନ୍ଦ୍ରିକ ହେବା ଏବଂ ଚାଷୀମାନଙ୍କୁ ସମୟସୀମାରେ ସବସିଡି ବଂଟନ କରାଯିବା ସହ ଏହି ସମ୍ପର୍କରେ ଯେପରି କୌଣସି ଅଭିଯୋଗ ନ ହେବା ଉଚିତ୍ । ଏହା ବ୍ୟତୀତ, କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି, ଶିବରାଜ ସିଂହ ଶୀଘ୍ର ଖରାପ ହୋଇଯାଉଥିବା ଉଦ୍ୟାନ କୃଷି ଉତ୍ପାଦଗୁଡ଼ିକର ଜୀବନ କାଳ ବୃଦ୍ଧି କରିବା, କ୍ଷତି ନହେବା ଏବଂ କ୍ଷତିକୁ ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ରଣନୀତି ବିକଶିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏନଏଚବିର ଭୂମିକାକୁ ସୁଦୃଢ଼ କରିବା ପାଇଁ ମାର୍ଗଦର୍ଶନ - ବୈଠକ ସମୟରେ, କେନ୍ଦ୍ରମନ୍ତ୍ରୀ ଚୌହାନ ଉଦ୍ୟାନ କୃଷି କ୍ଷେତ୍ରର ଉତ୍ପାଦକତା, ଗୁଣବତ୍ତା ଏବଂ ପ୍ରତିଯୋଗିତାମୂଳକତା ବୃଦ୍ଧି କରିବା ପାଇଁ ଅନେକ ରଣନୈତିକ ପରାମର୍ଶ ପ୍ରଦାନ କରିଥିଲେ । ସେ ଗୁଣାତ୍ମକ ରୋପଣ ଯନ୍ତ୍ରପାତି, ଅମଳ ପରବର୍ତ୍ତୀ ପରିଚାଳନା ଏବଂ ଉତ୍ପାଦକତା ବୃଦ୍ଧି ଉପରେ ବିଶେଷ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ । ଶିବରାଜ ସିଂହ ସମ୍ପୂର୍ଣ୍ଣ ସମନ୍ୱୟ ମାଧ୍ୟମରେ ଚାଷୀମାନଙ୍କୁ ବଜାର, କୋଲ୍ଡ ଚେନ୍ ନେଟୱାର୍କ ଏବଂ ମୂଲ୍ୟ-ସଂଯୋଜନ ସୁଯୋଗ ସହିତ ଯୋଡି ହେଉଥିବା ବ୍ୟବସ୍ଥାକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କୃଷକମାନଙ୍କ ଲାଭ ପାଇଁ ରାଜ୍ୟୱାରୀ ଏବଂ କ୍ଷେତ୍ରୱାରୀ ରୋଡମ୍ୟାପ୍ ବିକଶିତ କରି ଏନଏଚବିକୁ ଏହାର ପୂର୍ଣ୍ଣ ସମ୍ଭାବନା ଅନୁଯାୟୀ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ । ବୈଷୟିକ ପ୍ରକାଶନର ଉନ୍ମୋଚନ – କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ଜାତୀୟ ଉଦ୍ୟାନ କୃଷି ବୋର୍ଡ ଦ୍ୱାରା ଉତ୍ତମ କୃଷି ଅଭ୍ୟାସ, ଜୈବିକ କୃଷି ମଡେଲ ଏବଂ ଉନ୍ନତ ଉଦ୍ୟାନ କୃଷି କୌଶଳ ଉପରେ ପ୍ରସ୍ତୁତ ବୈଷୟିକ ପ୍ରକାଶନଗୁଡ଼ିକର ଉନ୍ମୋଚନ କରିଛନ୍ତି ।

ପଂଚାୟତ ହାଇସ୍କୁଲ, ରାମପୁର ପରିସରରେ ବିଜ୍ଞାନମେଳା ଅନୁଷ୍ଠିତ

ବରୀ, ୦୪/୧୨ (ଆ.ପ୍ର) : ବରୀ ଶିକ୍ଷାମଣ୍ଡଳ ଅଧୀନସ୍ଥ ପଂଚାୟତ ଉଚ୍ଚବିଦ୍ୟାଳୟ ରାମପୁରଠାରେ ଏକମଣ୍ଡଳ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରକଳ୍ପ, ବିଜ୍ଞାନ ପ୍ରଦର୍ଶନ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରୀ ତହସିଲଦାର ବିପ୍ତିମୟୀ ବେହେରା ଯୋଗ ଦେଇଥିବାବେଳେ ଫକିର ମୋହନ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. କୁମରବର ଦାସ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ସେହିପରି ବରୀ ମଣ୍ଡଳ ଶିକ୍ଷାଧିକାରୀଣି ପ୍ରତିଶ୍ରୁତି ସିଂ ଅଧ୍ୟକ୍ଷତା କରିଥିବା ବେଳେ ପଂଚାୟତ ହାଇସ୍କୁଲର ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀ ମାନେ ବିଭିନ୍ନ ମଡେଲ, ଗବେଷଣାଧିଷ୍ଠିତ ଭାବନା ଓ ବୈଜ୍ଞାନିକ ପ୍ରକଳ୍ପ ନେଇ ଯୋଗଦେଇଥିଲେ । ଆଗନ୍ତୁକ ଅତିଥିମାନେ ଛାତ୍ର ଛାତ୍ରୀଙ୍କ ବୈଜ୍ଞାନିକ ଚେତନା, ସୃଜନଶୀଳତା ଓ ଗବେଷଣାମୟ ଚେତନାକୁ ସ୍ୱାଗତ କରିବାସହ ପ୍ରଶଂସା କରିଥିଲେ । ପ୍ରଦର୍ଶନୀରେ ପରିବେଶ, ଆଧୁନିକ ପ୍ରଯୁକ୍ତି, ସ୍ୱାସ୍ଥ୍ୟ, କୃଷି, ନବୀକରଣ ଯୋଗ୍ୟ ଶକ୍ତି ଇତ୍ୟାଦି ବିଷୟରେ ଦର୍ଶନୀୟ ମଡ଼େଲ ଗୁଡିକ ପ୍ରଦର୍ଶିତ କରାଯାଇଥିଲା । ମହେଶ୍ୱର ମଲ୍ଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ପତି ମଂଚ ପରିଚାଳନା କରିଥିବାବେଳେ, ଇନ୍ଦ୍ରମଣି ନାୟକ, ପ୍ରମୋଦ କୁମାର ଦାସ ସହଯୋଗ କରିଥିଲେ । ସେହିପରି ଅନ୍ୟମାନଙ୍କ ମଧ୍ୟରେ ସହକାରୀ ବରୀ ମଣ୍ଡଳ ଶିକ୍ଷାଧିକାରୀ ଜଳଧର ଖଟୁଆ, ସଂଯୁକ୍ତା ମିଶ୍ର, ନୋଡାଲ ପ୍ରଧାନ ଶିକ୍ଷକ ଜ୍ୟୋତିରଂଜନ ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ ରାମଚନ୍ଦ୍ର ପୁରର ପ୍ରଧାନ ଶିକ୍ଷକ ଶିବଶଙ୍କର ଜେନା, ପୂର୍ଣ୍ଣ ଚନ୍ଦ୍ର ପାତ୍ର, ଶିଶିର କୁମାର ମଲ୍ଲିକ, ସନ୍ତୋଷ କୁମାର ଜେନା, ତପନ କୁମାର ଜେନା, ପ୍ରତାପ କୁମାର ପରିଡ଼ା, ଅଜିତ କୁମାର ରାୟ, ପଂଚାୟତ ହାଇସ୍କୁଲର ପରିଚାଳନା କମିଟିର ସଭାପତି ନକୁଳ ଚନ୍ଦ୍ର ଦାସ୍ ମଂଚାସିନ ଥିଲେ । ପଂଚାୟତ ହାଇସ୍କୁଲ ତରଫରୁ ଆସିଥିବା ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସିଆରସିସି, ପ୍ରାକ୍ତନ ସିଆର ସିସିଓ ସାମ୍ବାଦିକ ବନ୍ଧୁମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଚାରପତି ଭାବେ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଅଧ୍ୟାପକ ଡ. ନାରାୟଣ ଚନ୍ଦ୍ର ଶାସନି, ଅଧ୍ୟାପିକା ରାଜଲକ୍ଷ୍ମୀ ଦାସ, ସୀତାକାନ୍ତ ପଣ୍ଡା ଓ ନାରାୟଣ ମଲ୍ଲିକ ଯୋଗ ଦେଇଥିଲେ । ଅପରାହ୍ନ ଅଧିବେଶନରେ କୃତି ପ୍ରତିଯୋଗୀ ମାନଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥାଲା, ଏହି କାର୍ଯ୍ୟକ୍ରମରେ ଆସିଥିବା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ, ପରିଶେଷରେ ରାଜା ଚୋଟା କ୍ଲଷ୍ଟର ସିଆର ସି ସି ଅଜୟ କୁମାର ଜେନା ଧନ୍ୟବାଦଅର୍ପଣ କରିଥିଲେ ।

ନବରଙ୍ଗପୁର ଜିଲ୍ଲାର ନୂତନ ଏକ୍ସ କ୍ୟାଡର ଶିକ୍ଷକ ସଂଘ ଗଠନ



ପାପଡାହାଣ୍ଡି, ୦୪/୧୨ (ଆ.ପ୍ର) :ନବରଙ୍ଗପୁର ଜିଲ୍ଲାର ନୂତନ ଏକ୍ସ କ୍ୟାଡର ଶିକ୍ଷକ ସଂଘ ଗଠନ କରାଯାଇଛି । ପୁରୁଣା ସଂଘ ଭାଙ୍ଗି ରାଜ୍ୟ ଏକ୍ସ କ୍ୟାଡର ମହାସଂଘର ଉପସଭାପତି ସବାସିଂ ଗଣ୍ଡ ଓ ସାଧାରଣ ସମ୍ପାଦକ ହାନେଶ ପାତ୍ରବାଘଙ୍କ ଅଧ୍ୟକ୍ଷତାରେ ପାପଡାହାଣ୍ଡି ସ୍ଥିତ ଡାକ ବଙ୍ଗଳା ପରିସରରେ ୧୦ଗୋଟି ବ୍ଲକର ଏକ୍ସ କ୍ୟାଡର ଶିକ୍ଷକ ମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଏକ୍ସ କ୍ୟାଡର ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯିବା ସହ ଆଗାମୀ ଦିନରେ ସମସ୍ୟା କିପରି ସମାଧାନ ହୋଇପାରିବ ଓ ଜିଲ୍ଲା ସଂଘ କେଉଁ ଭଳି ପଦକ୍ଷେପ ନେବ ଏଥିପାଇଁ ଜିଲ୍ଲା ସଂଘକୁ ମଜବୁତ କରି ଆଗକୁ ବଢିବାକୁ ହେବ ବୋଲି ରାଜ୍ୟ ସଂଘର ସାଧାରଣ ସମ୍ପାଦକ ହାନେଶ ପାତ୍ର ବାଘ ନିଜର ମତ ରଖିଥିଲେ । ଏହି ଅବସରରେ ନବରଙ୍ଗପୁର ଜିଲ୍ଲାପାଇଁ ନୂତନ ଏକ୍ସ କ୍ୟାଡର ଶିକ୍ଷକ ସଂଘ ଗଠନ ପାଇଁ ବୈଠକରେ ସ୍ଥିର କରାଯାଇଥିଲା । ସର୍ବସମ୍ମତି କ୍ରମେ ମଙ୍ଗଳ ବେହେରାଙ୍କୁ ସଭାପତି, ମୁରଲୀଧର ନାୟକଙ୍କୁ କାର୍ଯ୍ୟକାରୀ ସଭାପତି, ଦିଲୀପ କୁମାର ସ୍ୱାଇଁଙ୍କୁ ସମ୍ପାଦକ ରବିନ ଚନ୍ଦ୍ରଙ୍କୁ ସହ ସମ୍ପାଦକ, ବସନ୍ତ କୁମାର ନାୟକଙ୍କୁ କୋଷାଧ୍ୟକ୍ଷ, ଜେମା ସାଗରିଆଙ୍କୁ ସହ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଗଲା । ସେହିଭଳି ସଂଘର ଉପ ସଭାପତି ଭାବେ ପ୍ରଦୀପ କୁମାର ପାଢ଼ୀ ଖେତ୍ରବନ୍ଧୁ ଦାଶ ପନକା, ପର୍ଶୁରାମ ମାଝୀ ନିରାକାର ପ୍ରଧାନ, ମୋତିଲାଲ ଯୋଶୀ ଓ ହିମାଂଶୁ ଶେଖର ଗୌଡ଼ଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସାଙ୍ଗଠନିକ ଦାୟିତ୍ୱ ତୁଲାଇବାକୁ ଫଗୁ ବନଜାରା, ବାସ ନାୟକ, ନବଘନ ଗୌଡ଼, ବିପିନ ସୁନା, ଲିଙ୍ଗରାଜ ସାହୁ ଓ ସଂଯୁକ୍ତା ରେଖାଙ୍କୁ କାର୍ଯ୍ୟଭାର ଦିଆଯାଇଛି । ଜିଲ୍ଲା ସଂଘର ଆବାହକ ଭାବେ ଦାୟିତ୍ୱ ସମ୍ପାଦନ ପାଇଁ ଅବଦୁଲ ଜଲିଲଙ୍କୁ ମନୋନୀତ କରାଯାଇ ଥିବା ବେଳେ ବିନୋଦ ହରିଜନଙ୍କୁ ମିଡ଼ିଆ ସଂଯୋଜକ ରୂପେ କାର୍ଯ୍ୟ କରିବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି । ସୁଜିତ କୁମାର ପାଢ଼ୀ ଓ ହାନେଶ ପାତ୍ର ବାଘ ଏହି ନୂତନ ସଙ୍ଘର ଉପଦେଷ୍ଟା ମଣ୍ଡଳୀରେ ରହିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା । ଆଜିର ବୈଠକକୁ ଜିଲ୍ଲା ସଂଘର ସମ୍ପାଦକ ପରିଚାଳନା କରିଥିବା ବେଳେ, କାର୍ଯ୍ୟକ୍ରମ ଶେଷରେ ପାପଡାହାଣ୍ଡି ବ୍ଲକର ସଭାପତି ମେଘାସ୍ୱିନ ଜାଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଜସ୍ୱ ନିରୀକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ

ଜଙ୍ଗଲେଶ୍ୱର, ୦୪/୧୨ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅଧୀନସ୍ଥ ବୋଙ୍ଗ ରାଜସ୍ୱ ନିରୀକ୍ଷକ(ଆର ଆଇ)ଙ୍କୁ ଗୋବିନ୍ଦପୁର ଛକ ନିକଟରେ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ସିଂଲା ଥାନାରେ ଲିଖିତ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ବାଲିଆପାଳ ତହସିଲ ଅଧିନସ୍ଥ ବୋଙ୍ଗ ରାଜସ୍ୱ ନିରୀକ୍ଷକ ରାଜକିଶୋର ନାୟକ ଗତ ସୋମବାର ଅପରାହ୍ନ ସମୟରେ ବୋଙ୍ଗ ପଂଚାୟତର ଗୋବିନ୍ଦପୁର ଗ୍ରାମକୁ ମୋଟର ସାଇକେଲ ଯୋଗେ ମୃତ ଖାତା ରୟତଙ୍କର ଉତରାଧିକାରୀଙ୍କ ବିଷୟରେ ତଥ୍ୟ ସଂଗ୍ରହ ସହିତ ଟିକଟ ସେଲ ଯାତ୍ରା ଅନୁଷ୍ଠିତ ହେବାପାଇଁ କ୍ଷେତ୍ର ପରିଦର୍ଶନ କରି ତଥ୍ୟ ପ୍ରଦାନ ପାଇଁ ଯାଉଥିଲେ । ଏହି ସମୟରେ ଗୋବିନ୍ଦପୁର ଛକ ନିକଟରେ ସାହଡି ଗ୍ରାମର ବିକ୍ରମ ବେହେରା ଗ୍ରାମରୁ ଜବର ଦଖଲ ଉଚ୍ଛେଦ ସହିତ କୌଣସି ଏକ ଜମିର ପଟା ପ୍ରଦାନ କରିନଥିବା ଆଳ ଦେଖାଇ ଆର ଆଇ ଶ୍ରୀ ନାୟକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତଂଟିକୁ ଜୋରରେ ଚିପି ଧରି ଜୀବନରୁ ମାରିଦେବାକୁ ଚେଷ୍ଟା କରିବା ସହିତ ଡାହାଣ ହାତକୁ ମୋଡ଼ିବା, ଛାତିରେ ଜୋରରେ ଧକ୍କା ଦେବା ସହିତ ଦେଢ଼ ଘଂଟାରୁ ଊର୍ଦ୍ଧ୍ୱ ସମୟ ଅଟକାଇ ଲୋକଙ୍କ ସାମ୍ନାରେ ମାଡ ମାରିଥିଲେ । ତେବେ ଆର ଆଇ ଜଣକ ସେଠାରୁ ଅସି ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକଙ୍କୁ ଘଟଣା ବାବଦରେ ଜଣାଇବା ପରେ ସିଂଲା ଥାନାରେ ଲିଖିତ ଅଭିଯୋଗ ହୋଇଥିବାର ସୂଚନା ମିଳିଛି । ତେବେ ସରକାରୀ କାର୍ଯ୍ୟରେ ବାଧା ଦେବା ସହ ସରକାରୀ କର୍ମଚାରୀଙ୍କୁ ମାଡ ମାରିବା, ହତ୍ୟା ଉଦ୍ୟମ କରିବା ଏକ ଗୁରୁତର ଅପରାଧ ହୋଇଥିବାରୁ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାପାଇଁ ବିଭିନ୍ନ ମହଲରୁ ଦାବି କରାଯାଇଛି । ଏନେଇ ସିଂଲା ଥାନା ପୋଲିସ ୨୮୩/୨୫ ମୂଳେ ମାମଲା ରଜୁ କରି ଅଧିକ ତଦନ୍ତ ଜାରି ରଖିଛି ।

ଖଣ୍ଡପଡା ଅଂଚଳରେ ଧନ ଲକ୍ଷ୍ମୀଙ୍କ ପୂଜା ଆରମ୍ଭ

ଖଣ୍ଡପଡା ୦୪/୧୨ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଂଚଳର ବିଭିନ୍ନ ସ୍ଥାନରେ ଧନଦାତ୍ରୀ ମା ଲକ୍ଷ୍ମୀଙ୍କର ପୂଜା ଉତ୍ସବ ଗୁରୁବାର ଠାରୁ ଆରମ୍ଭ ହୋଇଛି । ମାର୍ଗଶୀର ମାସ ଶେଷ ଗୁରୁବାର ଅବସରରେ ଖଣ୍ଡପଡା ସହରର ୩ ଟି ସ୍ଥାନରେ ମା ଲକ୍ଷ୍ମୀଙ୍କର ମୃଣ୍ମୟ ମୂର୍ତ୍ତି ପୂଜା ପାଉଥିବା ବେଳେ ନିକଟସ୍ଥ ଶିଖରପୁର ଗ୍ରାମ ସମେତ ମନ୍ଦରାଜପୁର ପଂଚାୟତ ଅଧିନ ଚାଉପଲ୍ଲୀ, ବେଣାଗାଡିଆ ପଂଚାୟତ ଅଧିନ ବରକୋଳି ଗ୍ରାମରେ ମାଁ ଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହେଉଛି । ମହାଲକ୍ଷ୍ମୀଙ୍କ ପୂଜା ଉତ୍ସବ ଯୋଗୁଁ ସହର ଠାରୁ ଆରମ୍ଭ କରି ପୁରପଲ୍ଲୀ ଚଳଚଂଚଳ ହୋଇ ଉଠିଛି । ଖଣ୍ଡପଡା ସହରର ରଥଗଡାଛକସ୍ଥିତ ୩ଟି ପୂଜା ମଣ୍ଡପରେ ୨୦୧୯, ୨୦୨୧ ଓ ୨୦୨୨ ମାଟ୍ରିକ ବ୍ୟାଚ ସହପାଠୀ ମାନଙ୍କ ଦ୍ୱାରା ମାଁଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହେଉଛି ।ଅପରପକ୍ଷେ ମାଣବସା ଗୁରୁବାର ଶେଷ ତିଥିରେ ପ୍ରତ୍ୟେକଙ୍କ ଘରେ ମାଁଙ୍କ ପୂଜା ଉତ୍ସବ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି ।

ପଦ୍ମପୁର ଠାରେ ୪୩ତମ ବାର୍ଷିକ ଗୀତାଜ୍ଞାନ ମହାଯଜ୍ଞ ଅନୁଷ୍ଠିତ

ବାସୁଦେବପୁର, ୦୪/୧୨ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବ ପୁର ବ୍ଲକ ଅନ୍ତର୍ଗତ ପଦ୍ମପୁର ଗ୍ରାମ ପଂଚାୟତର ଗୀତା ଜୟନ୍ତୀ ପରିଷଦ ପଦ୍ମପୁର ଠାରେ ୪୩ତମ ବାର୍ଷିକ ଗୀତାଜ୍ଞାନ ମହାଯଜ୍ଞ ଅନୁଷ୍ଠିତ ହୋଇଛି । ୧୯୮୩ ମସିହାରେ ଗୀତାଜ୍ଞାନ ମହାଯଜ୍ଞ ଆରମ୍ଭ ହୋଇଥିଲା । ମଙ୍ଗଳ ବାର ଠାରୁ ଗୁରୁବାର ପର୍ଯ୍ୟନ୍ତ ଏହି କାର୍ଯକ୍ରମ ତିନି ଦିନ ଧରି ଅନୁଷ୍ଠିତ ହୋଇଛି । ମଙ୍ଗଳାଧିବାସ, ବେଦ ପାଠ, ଗୀତା ପାଠ ନାରାୟଣ ସେବା, ସନ୍ଧ୍ୟା ବେଳେ ପ୍ରବଚନ ଓ ଭଜନ ସନ୍ଧ୍ୟା ହୁଏ, କମିଟି ତରଫରୁ ଆସୁ ଥିବା ବିଭିନ୍ନ ଅଂଚଳରୁ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇ ଥାଏ, ଏହାକୁ ସୁଚାରୁ ରୂପେ ତୁଲାଇଛନ୍ତି ଗୀତାଜ୍ଞାନ ମହାଯଜ୍ଞର ସଭାପତି କୃପାସିନ୍ଧୁ ନାୟକ, ସଂପାଦକ ରତ୍ନାକର ନାୟକଙ୍କ ସମେତ କମିଟିର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

ଦେଶୀ ବନ୍ଧୁକ କାରଖାନା ଠାବ : ୪ ବନ୍ଧୁକ ଜବତ, ଜଣେ ଗିରଫ



କନ୍ଧମାଳ, ୦୪/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଗୋଚ୍ଛାପଡା ଥାନା କଟ୍ରିଙ୍ଗିଆ ପଂଚାୟତର ପାଙ୍ଗାପାଲୁ ଗ୍ରାମରେ ଏକ ଦେଶୀ ବନ୍ଧୁକ କାରଖାନା ଠାବ କରିଛି ପୁଲିସ । ଘଟଣା ସ୍ଥଳରୁ ୩ଟି ଦେଶୀ ବନ୍ଧୁକ ଏବଂ ଗୋଟିଏ ପିସ୍ତଲ ସହିତ ନିର୍ମାଣ ପାଇଁ ବ୍ୟବହୃତ ସରଞ୍ଜାମ ମଧ୍ୟ ଜବତ କରାଯାଇଛି । ଏହି ମାମଲାରେ କଟ୍ରିଙ୍ଗିଆ ପଂଚାୟତ ପାଙ୍ଗାପାଲୁ ଗ୍ରାମର ବାଞ୍ଛାନିଧି ବିନ୍ଧାଣୀଙ୍କୁ ପୁଲିସ ଗିରଫ କରିଛି । ସୂଚନା ଅନୁଯାୟୀ, ବୁଧବାର ସକାଳେ ପୁଲିସ ପାଟ୍ରୋଲିଂ ଚାଲିଥିବା ବେଳେ ଏହି ଅଂଚଳରେ ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଥିବା ନେଇ ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ସୂଚନା ଆଧାରରେ ଏସ ଆଇ ଅନନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ବାଞ୍ଛାନିଧିଙ୍କ ଘରେ ଚଢାଉ କରାଯାଇଥିଲା । ଘର ଭିତରେ ଦେଶୀ ବନ୍ଧୁକ ତିଆରି ଚାଲିଥିବା ପୁଲିସ ଦେଖିବାକୁ ପାଇଥିଲା । ଘଟଣା ସ୍ଥଳରୁ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯିବା ସହ ବାଞ୍ଛାନିଧିଙ୍କୁ ଗିରଫ କରିଛି । ସେ ଅନେକ ଦିନ ଧରି ଏଭଳି ବନ୍ଧୁକ ତିଆରି କରି ନିକଟସ୍ଥ ଅଂଚଳରେ ବିକ୍ରି କରୁଥିବା ପୁଲିସ ଜାଣିବାକୁ ପାଇଛି । ଏହି ବନ୍ଧୁକ ସାଧାରଣତଃ ଶିକାର ପାଇଁ ବ୍ୟବହାର କରାଯାଉଥିବା କହିଛି ପୁଲିସ । ଅପରପକ୍ଷେ, ବାଞ୍ଛାନିଧିଙ୍କ ନାମରେ ପୂର୍ବରୁ ମଧ୍ୟ ଗୋଚ୍ଛାପଡା ଥାନାରେ ଏଭଳି ଏକ ମାମଲା ରହିଥିବା ବିଷୟ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି କନ୍ଧମାଳ ଏସପି ହରିଶ ବିସି । ଏ ନେଇ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ସଦର ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ ସୂଚନା ଦେଇଛନ୍ତି ।

ରାୟଗଡ଼ା ସହର ପାଇଁ ଜିଆଇଏସ୍ ଭିତିକ ମାଷ୍ଟର ପ୍ଲାନ ପ୍ରସ୍ତୁତି ନିମନ୍ତେ ଅଂଶୀଦାର କର୍ମଶାଳା ଅନୁଷ୍ଠିତ

ରାୟଗଡ଼ା, ୦୪/୧୨ (ଆ.ପ୍ର) : ରାୟଗଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟର ଅମୃତ-୨.୦ ଯୋଜନା ଅନ୍ତର୍ଗତ ରାୟଗଡ଼ା ସହରର ଜିଆଇଏସ୍ ଭିତିକ ମାଷ୍ଟର ପ୍ଲାନ ପ୍ରସ୍ତୁତି ନିମନ୍ତେ ଏକ ଅଂଶୀଦାର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ନଗର ଯୋଜନା ନିର୍ଦ୍ଦେଶାଳୟ ଏବଂ 'ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଲୋକାଲ୍ ସେଲ୍ଫ ଗଭର୍ଣ୍ଣମେଂଟର ମିଳିତ ସହଯୋଗରେ ଏହି ବୈଠକ ଆୟୋଜିତ ହୋଇଥିଲା । ରାୟଗଡ଼ା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ୨୦୫୧ ମସିହା ପର୍ଯ୍ୟନ୍ତ ସହରର ଭବିଷ୍ୟତ ଦୃଷ୍ଟିକୋଣକୁ ନେଇ ପ୍ରସ୍ତୁତ ହେଉଥିବା ମାଷ୍ଟର ପ୍ଲାନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ମାଷ୍ଟର ପ୍ଲାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମନ୍ୱିତ ଭୂମି ବ୍ୟବହାର ଏବଂ ଭିତିଭୂମି ଯୋଜନା ମାଧ୍ୟମରେ ସନ୍ତୁଳିତ ସହରାଂଚଳ ବିକାଶକୁ ପ୍ରୋତ୍ସାହିତ କରିବା । ଏହା ବ୍ୟତୀତ ଶିଳ୍ପ, ବାଣିଜ୍ୟ ଏବଂ ସେବା କ୍ଷେତ୍ରର ଅଭିବୃଦ୍ଧି ଜରିଆରେ ଅର୍ଥନୈତିକ ସୁଯୋଗ ବୃଦ୍ଧି କରିବା ଏବଂ ସହରବାସୀଙ୍କ ପାଇଁ ମୌଳିକ ସେବା ଓ ସୁବିଧା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହି କର୍ମଶାଳାରେ ଉପ ଜିଲ୍ଲାପାଳ, ରାୟଗଡା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ଼ା ତହସିଲଦାର, ରାୟଗଡା, ଜିଲ୍ଲା ବନଖଣ୍ଡ ଅଧିକାରୀ, ଅଧ୍ୟକ୍ଷ ରାୟଗଡା ପୌରପରିଷଦ ପୌରପାଳିକାର ନିର୍ବାହୀ ଅଧିକାରୀ, ଏଆଇଆଇଏଲଏସଜି ର ଅଧିକାରୀଗଣ, ପିଏଚଡି, ପିଡବ୍ଲୁଡି, ଆର.ଡି, ଏନଏଚ, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀ ମାନେ ଯୋଗଦାନ କରିଥିଲେ । ମାଷ୍ଟର ପ୍ଲାନ ପ୍ରସ୍ତୁତି ପାଇଁ ରାୟଗଡ଼ା ସହରର ସମସ୍ତ ବିଭାଗୀୟ ଅଧିକାରୀଙ୍କଠାରୁ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରାଯାଇଥିଲା । ଉପସ୍ଥିତ ଅଂଶୀଦାରମାନେ ସହରର ବିକାଶ ପାଇଁ ନିଜର ମୂଲ୍ୟବାନ ପରାମର୍ଶ ଦେଇଥିଲେ, ଯାହାକୁ ମାଷ୍ଟର ପ୍ଲାନରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସୂଚନା ଦିଆଯାଇଛି ।

ପ୍ରକଳ୍ପ ଅଧିକାର ପାଇଲା ଗୋଷ୍ଠୀ ବିକାଶ ସମ୍ମାନ-୨୫

ଦଶପଲ୍ଲା, ୦୪/୧୨ (ଆ.ପ୍ର) : ଓଡ଼ିଶା ସିଏସଆର. ଫୋରମ୍ ତରଫରୁ ଟିପିସିଓଡିଏଲ୍ ଦ୍ୱାରା ଚାଳିଥିବା ପ୍ରକଳ୍ପ ଅଧିକାର, ଦଶପଲ୍ଲା ଶାଖା ରାଜ୍ୟ ସ୍ତରରେ ପାଇଛି ଗୋଷ୍ଠୀ ବିକାଶ ସମ୍ମାନ । ଆୟୋଜିତ ଏକ ଉତ୍ସ୍ୱ ରେ ପ୍ରକଳ୍ପ ଅଧିକାର, ଦଶପଲ୍ଲା ଶାଖା ପରିଚାଳକ ପ୍ରଭାତ କୁମାର ସାହୁ ଏ ସୂଚନା ଦେଇ କହିଛନ୍ତି ଯେ, ଏହା ସାଧାରଣ ସମ୍ମାନ ନୁହେଁ, ପ୍ରକଳ୍ପ ଅଧିକାର ପାଇଁ ବଳିଷ୍ଠ ସଂକଳ୍ପ । ବଂଚିତ ଦଳିତ ଗରିବଙ୍କ ସେବା କରିବା ପାଇଁ ଏହା ଆନୁଷ୍ଠାନିକ ସ୍ୱୀକୃତି ଓ ପରିଚୟ ମାତ୍ର । ଏ ପ୍ରକଳ୍ପ ରେ କାର୍ଯ୍ୟରତ ଥିବା ସମସ୍ତ ଅଧିକାର ମିତ୍ରଙ୍କୁ ଏ ସମ୍ମାନ ଓ ଉତ୍ସାହ ନିଶ୍ଚିତ ପ୍ରେରିତ କରିବ । ପ୍ରକଳ୍ପ ଅଧିକାରର କାର୍ଯ୍ୟଦକ୍ଷତା, କାର୍ଯ୍ୟଧାରା, ପରିଚାଳନା ଓ ହିତାଧିକାରୀ ପାଇଥିବା ଅର୍ଥନୈତିକ ଓ ସାମାଜିକ ଫାଇଦା ତଥା ଏହାର ସକାରାତ୍ମକ ପ୍ରଭାବ ନିଶ୍ଚୟ ଶିକ୍ଷଣୀୟ ଓ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ସାହୁ ସୂଚନା ପ୍ରଦାନ କରିଥିବା ବେଳେ ଟିପିସିଓଡିଏଲ୍ ନୟାଗଡ ଜିଲ୍ଲା ସାମାଜିକ ଦାୟିତ୍ୱବୋଧ ଅଧିକାରୀ କଳିଙ୍ଗ ଚାନ୍ଦ ଏବଂ ଦଶପଲ୍ଲା ଏସଡିଓ ତନ୍ମୟ ପୃଷ୍ଟି ବରେଣ୍ୟ ଅତିଥି ଭାବେ ଉକ୍ତ ଉତ୍ସବରେ ଯୋଗଦାନ କରି ସମସ୍ତଙ୍କୁ ଉତ୍ସାହିତ କରିବା ସହିତ ଏ ପ୍ରକାର ଜନ ମଙ୍ଗଳ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ସମସ୍ତ ଅଧିକାର ମିତ୍ର ଙ୍କୁ ଆନୁଷ୍ଠାନିକ ଭାବେ ଆହ୍ୱାନ ଦେଇଥିଲେ । ଅଧିକାର ମିତ୍ର ଉର୍ମିଳା ଜାନୀ ଏ ପ୍ରକାର ଜନ ସ୍ୱାର୍ଥ ଆଧାରିତ କାର୍ଯ୍ୟ ଧାରାକୁ ଅଧିକରୁ ଅଧିକ ଲୋକାଭିମୁଖୀ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଦୀପଦାନ ଏବଂ ଭଜନ ସମାରୋହ କାର୍ଯ୍ୟକ୍ରମ

ଗଣିଆ, ୦୪/୧୨ (ଆ.ପ୍ର) : ଶେଷ ମାଣବସା ଗୁରୁବାର ଅବସରରେ ଗଣିଆ ଜଗନ୍ନାଥ ମନ୍ଦିର ପରିସରରେ ଦୀପଦାନ ଏବଂ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦିନ ତମାମ ମହିଳା ସଂକୀର୍ତନ ମଣ୍ଡଳୀ ସଂକୀର୍ତନ ପରିବେଷଣ କରିଥିଲେ । ସନ୍ଧ୍ୟାରେ ସ୍ଥାନୀୟ କଣ୍ଠଶିଳ୍ପୀ ମାନଙ୍କୁ ନେଇ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଶତାଧିକ ମହିଳା ଏବଂ ପୁରୁଷ ଏକତ୍ରିତ ହୋଇ ମନ୍ଦିର ପରିସରରେ ଦୀପଦାନ କରିଥିଲେ । ମନ୍ଦିର ପରିଚାଳନା କମିଟି ତରଫରୁ ସମସ୍ତ କଳାକାର ମାନଙ୍କୁ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତିବର୍ଷ ମାର୍ଗଶିର ମାସ ଗୁରୁବାର ଗଣିଆ ଜଗନ୍ନାଥ ମନ୍ଦିର ପରିସରରେ ଦୀପଦାନ ଉତ୍ସବ ଅନୁଷ୍ଠିତ ହୋଇ ଆସୁଅଛି । ଏହି କାର୍ଯ୍ୟକ୍ରମକୁ ତୃଷି ଅକ୍ଷୟ କୁମାର ସାହୁ,ଉଦ୍ୟନାଥ ସାହୁ, ସୁନିଲ କୁମାର ସାହୁ, ବ୍ରଜକିଶୋର ସାହୁ,ପ୍ରଭାତ କୁମାର ଦାଶଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

ମାହାଙ୍ଗା ବିଡିଓଙ୍କୁ ଦୁର୍ବ୍ୟବହାର : ୮ଦିନ ପରେ ବି ହେଲାନି କାର୍ଯ୍ୟାନୁଷ୍ଠାନ

ମାହାଙ୍ଗା, ୦୪/୧୨ (ଆ.ପ୍ର) : ଗତ ତା ୨୬.୧୧.୨୦୨୫ ରିଖରେ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ ପଂଚାୟତ ସମିତି ବୈଠକକୁ ନେଇ ବିଜେଡି ସମର୍ଥିତ ଜନପ୍ରତିନିଧିମାନେ ଦାୟିତ୍ୱରେ ଥିବା ବିଡିଓଙ୍କୁ କଟୁ ମନ୍ତବ୍ୟ ପ୍ରଦାନର ୮ଦିନରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଜନପ୍ରତିନିଧିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବା ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏଠାରେ ସୂଚନା ଯୋଗ୍ୟ ଯେ ବିଧାନସଭା ଅଧିବେଶନ ପାଇଁ ମାହାଙ୍ଗା ବ୍ଲକର ନବମ ପଂଚାୟତସମିତି ବୈଠକକୁ ବାତିଲ କରାଯାଇଥିଲା । ଯାହାକୁ ନେଇ ଜନପ୍ରତିନିଧିମାନେ ବିଡିଓଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଏଠାରେ ସୂଚାନା ଯୋଗ୍ୟ ଯେ ବିଗତ ସରକାରଙ୍କ ଅମଳରେ ଯେତେଥର ପଂଚାୟତସମିତି ବୈଠକ ବସିଛି ସେ ସମୟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବୈଠକରେ ଯୋଗ ନଦେବା ପାଇଁ ବାରଣ କରାଯାଇଛି । ଅପରପକ୍ଷରେ ଓଡ଼ିଶା ବିଧାନସଭା ସଚିବାଳୟ ପକ୍ଷରୁ ପତ୍ର ସଂଖ୍ୟା ଏଲ୍‌ଏମ୍ ୭୦/୨୦୨୫-୭୨୫୧ତା୧୦.୧୧.୨୦୨୫ରିଖରେ ସମସ୍ତ ଜିଲ୍ଲାପାଳଙ୍କୁ ସ୍ପଷ୍ଟଭାବେ ଚିଠି କରାଯାଇଥିଲା ଯେ ବିଧାନସଭା ଅଧିବେଶନ ଆରମ୍ଭ ୩ଦିନ ପୂର୍ବରୁ ଓ ଶେଷହେବାର ୩ଦିନ ପର ପର୍ଯ୍ୟନ୍ତ ବ୍ଲକସ୍ତରୀୟ କମିଟି ନକରାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଦୁର୍ବ୍ୟବହାର ସମୟରେ ବିଡିଓ ଆଙ୍ଗୁଠି ଦେଖାଇ କ'ଣ କହିଥିଲେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇ ନାହିଁ । ଏ ସଂପର୍କରେ ବିଡିଓଙ୍କୁ ଯୋଗାଯୋଗ କରିବାରୁ ସେ ସୂଚନା ଦେଇଥିଲେ ଯେ ମୁଁ ଖରାପ ବ୍ୟବହାର କରିନି ମୁଁ ଦୁର୍ନୀତିକୁ ବିରୋଧ କରୁଛି । ଅପରପକ୍ଷରେ ଘଟଣା ଘଟିବାର ତିନି ଦିନ ପରେ ମାହାଙ୍ଗା ବିଧାୟକ ଗଣମାଧ୍ୟମରେ ବିବୃତି ଦେଇଥିଲେ ହେଲେ କେଉଁ କାରଣ ପାଇଁ ଏ ପର୍ଯ୍ୟନ୍ତ ଜନପ୍ରତିନିଧିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ତାହାର ଉତ୍ତର ଦେବାକୁ ସାଧାରଣରେ ଦାବ ହେଉଛି । ମାହାଙ୍ଗାରେ ଯଦି ସରକାରୀ କର୍ମଚାରୀ ଅସୁରକ୍ଷିତ ତେବେ ଶାସକ ବିଜେପି ଦଳ ଏହାର ଘଟଣା ଘଟିବା ପରେ କି କି ପଦକ୍ଷେପ ଗ୍ରହଣ କରିଛି ସେ ନେଇ ସାଧାରଣରେ ଚର୍ଚ୍ଚା ଜୋରଦାର ଧରିଛି । ଗଣମାଧ୍ୟମରେ ପ୍ରକାଶିତ ଖବର ଉପରେ ଜନଶୁଣାଣି ପୋର୍ଟାଲରେ ପଂଚାୟତରାଜ ବିଭାଗ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏଠାରେ ସୂଚନା ଯୋଗ୍ୟ ଯେ କିଛି ଗଣମାଧ୍ୟମ ପ୍ରତିନିଧି ମାହାଙ୍ଗା ବିଡିଓଙ୍କ ବିରୁଦ୍ଧରେ ଅପପ୍ରଚାର ଚଳାଇଛନ୍ତି । ଉକ୍ତ ଖବରକାଗଜରେ ପ୍ରକାଶିତ ଖବର ଉପରେ ତଦନ୍ତ କରାଯାଇ ସଂପୃକ୍ତ ଗଣମାଧ୍ୟମ ପ୍ରତିନିଧି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ହେଉଛି ।

ସେଇଠୁ ଆରମ୍ଭ

SEITHO ARAMBHA

ଲୋକମହୋତ୍ସବ ଚଇତି-୨୦୨୫ର ବିଭିନ୍ନ ଉପସମିତିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ରାୟଗଡ଼ା, : ରାୟଗଡ଼ା ଲୋକ ମହୋତ୍ସବ ଚଇତି - ୨୦୨୫ର ବିଭିନ୍ନ ଉପସମିତିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ନିମନ୍ତ୍ରଣ, ଖାଦ୍ୟ କମିଟିର ପ୍ରସ୍ତୁତି ବୈଠକ ସମ୍ମାନ ପତ୍ର ଓ ଶୋଭାଯାତ୍ରାର ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକ ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିହାର ରଞ୍ଜନ କହଁର ଅଧ୍ୟକ୍ଷତାରେ ବୈଠକ ମାନ ଅନୁଷ୍ଠିତ ହୋଇଯାଇଛି । ସଂପୃକ୍ତ ଅତିରିକ୍ତ ଜିଲ୍ଲାପାଳଙ୍କ କକ୍ଷରେ ଅତିଥିବୃନ୍ଦ, ନିମନ୍ତ୍ରଣ ପତ୍ର, ଖାଦ୍ୟର ଆୟୋଜନ, ଶୋଭାଯାତ୍ରାର ଆୟୋଜନ ଏବଂ ବିଭିନ୍ନ କ୍ଷେତ୍ରରେ ଜିଲ୍ଲାରେ ଅନନ୍ୟ ଅବଦାନ ନିମନ୍ତେ ବ୍ୟକ୍ତି ବିଶେଷଙ୍କ ଠାରୁ ପ୍ରସ୍ତାବ ଆହ୍ୱାନ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ଯୋଗ୍ୟ ବ୍ୟକ୍ତି ସଂପୃକ୍ତ ବ୍ଲକର ବିଡିଓଙ୍କ ମାଧ୍ୟମରେ କିମ୍ବା ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଠାରେ ନିର୍ଧାରିତ ତାରିଖ ସୁଦ୍ଧା ଆବେଦନ କରିପାରିବେ । ଶୋଭାଯାତ୍ରାରେ ଜନସାଧାରଣଙ୍କ ସହ ବିଭିନ୍ନ ଅନୁଷ୍ଠାନ ମାନଙ୍କୁ ସାମିଲ କରିବା ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଥିଲା । ସେହିପରି ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମଂଚ ପରିଚାଳନା ଉପ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସଦସ୍ୟ, ସଦସ୍ୟା ମାନେ ଉଚ୍ଚ କୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲେ । ସ୍ଥାନୀୟ କଳାକାର ମାନଙ୍କୁ ପ୍ରାଧାନ୍ୟ ଦେବାକୁ କିଛି କାକରକାର ଓ ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ମତ ଦେଇଥିଲେ । ଏଥିରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲାସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ଅନ୍ୟାନ୍ୟ ସଦସ୍ୟ ମାନେ ଯୋଗଦେଇଥିଲେ ।

ନୂଆପଡ଼ା ଜିଲ୍ଲାରେ ନିୟନ୍ତ୍ରଣ ବଜାର କମିଟି ଦ୍ୱାରା ଖରିଫ ଧାନ କ୍ରୟ ମଣ୍ଡି ଶୁଭାରମ୍ଭ

ନୂଆପଡା, ୦୪/୧୨ (ଆ.ପ୍ର) : ନୂଆପଡା ଜିଲ୍ଲା ଖରିଆର ରୋଡ ନିୟନ୍ତ୍ରଣ ବଜାର କମିଟି ପରିସର ମଧ୍ୟରେ ଆଜି ଚଳିତ ଖରିଫ ଧାନ କ୍ରୟ ନେଇ ପ୍ରଥମ ମଣ୍ଡି ଆରମ୍ଭ ହୋଇଛି । ଜିଲ୍ଲାପାଳ ମଧୁସୂଦନ ଦାଶ ପ୍ରଦୀପ ପ୍ରଜ୍ୱଳନ କରି ମଣ୍ଡିର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଚାଷୀ ମାନଙ୍କୁ ଉଚିତ ମାନର ଧାନ ଦେଇ ଉପଯୁକ୍ତ ମୂଲ୍ୟ ପ୍ରାପ୍ତ କରିବା ପାଇଁ ଆହ୍ୱାନ କରିଛନ୍ତି । ବର୍ତ୍ତମାନ ଚାଷୀ ମାନେ ଧାନ ବିକ୍ରି ପାଇଁ ପ୍ରସ୍ତୁତ ହୋଇଥିବା ବେଳେ ଟୋକନ ମୁତାବକ ଧାନ ଆଣି ବିକ୍ରି ପ୍ରକ୍ରିୟାରେ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି । ଏହି ଉଦ୍ଘାଟନ ଉତ୍ସବ ରେ ମାନ୍ୟବର ବିଧାୟକ ନୂଆପଡାଙ୍କ ମା କଞ୍ଚନା ଢୋଲକିଆ, ରାଜେଶ୍ ନିଗମ, ବିଧାୟକଙ୍କ ପ୍ରତିନିଧି ରାମ ଲାଲ ହଂସ, ଡିଆରସି ଶିବ ପ୍ରସାଦ ସ୍ୱାଇଁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନାୟକ ଏବଂ ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ଦୁଇ ଜଣ ଚାଷୀଙ୍କ ଠାରୁ ୧୬.୨୦ କୁଇଂଟାଲ ଧାନ କ୍ରୟ ହୋଇଛି ।

ଜି.ଉଦୟଗିରି ପାଷ୍ଟରେଟର ପ୍ରାକ୍ ଖ୍ରୀଷ୍ଟମାସ୍ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜି.ଉଦୟଗିରି, ୦୪/୧୨ (ଆ.ପ୍ର) : ଜି.ଉଦୟଗିରି ସ୍ଥିତ ଗୁଡ଼ିପଡ଼ି ମିଶନ ପରିସରରେ ଜି.ଉଦୟଗିରି ପାଷ୍ଟରେଟ, ଫୁଲବାଣୀ ଧର୍ମାଂଚଳ ଓ ଉତର ଭାରତ ମଣ୍ଡଳୀ ଆନୁକୁଲ୍ୟରେ ପ୍ରାକ୍ ଖ୍ରୀଷ୍ଟମାସ୍ ମହୋତ୍ସବ ଧୁମ୍ ଧାମ୍ ରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ପ୍ରାକ୍ ଖ୍ରୀଷ୍ଟମାସ୍ ଉତ୍ସବ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳ ର ବିଭିନ୍ନ ଚର୍ଚ୍ଚର ଖ୍ରୀଷ୍ଟ ଧର୍ମୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଜି.ଉଦୟଗିରି ପାଷ୍ଟରେଟ ଆଚାର୍ଯ୍ୟ ଆଲୋକ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଫୁଲବାଣୀ ଧର୍ମାଂଚଳର ମହାଚାର୍ଯ୍ୟ ବିଶପ ଭାଓଲେଟ୍ ନାୟକ ପ୍ରଦୀପ ନାୟକ ଅତିଥିଙ୍କୁ ସ୍ୱାଗତ କରିଥିଲେ । କୋଷାଧ୍ୟକ୍ଷ ଭୀମସେନ ନାୟକଙ୍କ ସହିତ ଅନ୍ୟ କର୍ମକର୍ତା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ଫୁଲବାଣୀର ମଣ୍ଡଳୀ ଉପସଭାପତି ଜର୍ଜ ବାଇବଲ ଲିଖିତ ବାକ୍ୟ ଓ ଦାନ ପାଇଁ ପ୍ରାର୍ଥନା କରିଥିଲେ । ବଡ଼ଦିନ ର ଶାନ୍ତି, ପ୍ରେମ ଓ ସେବା ବାର୍ତାକୁ ସମ୍ମାନ କରି ଆୟୋଜିତ ଏହି ପ୍ରାକ୍ ଖ୍ରୀଷ୍ଟମାସ୍ ମହୋତ୍ସବରେ ସମସ୍ତଙ୍କ ଉପସ୍ଥିତ ଉତ୍ସବକୁ ଅଧିକ ମନୋରମ କରିଥିଲା । ମୁଖ୍ୟ ବକ୍ତା ଯୋହନ ୧:୧–୧୨ ଓ ୩:୧୬ ଠାରୁ "ଯୀଶୁ ଆମମାନଙ୍କ ହୃଦୟରେ ଜନ୍ମ ନିଅନ୍ତୁ, ଆମେ ଯୀଶୁଙ୍କୁ ଉପହାର ଭାବେ ଗ୍ରହଣ କରିବା ସହିତ ଆମ ଜୀବନରେ ଉପହାର ସ୍ୱରୂପ ଭଲ କାମ କରିବା ପାଇଁ ଶିଖିବା ଉଚିତ୍" ବୋଲି ମହତ୍ୱପୂର୍ଣ୍ଣ ବାର୍ତା ଦେଇଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ନିବେଦିତ ପ୍ରଧାନ ପରିଚାଳନା କରିଥିଲେ ଓ ଧନ୍ୟବାଦ ଜଣାଇ ପ୍ରାର୍ଥନା ସହିତ କାର୍ଯ୍ୟକ୍ରମର ସମାପନ କରିଥିଲେ ।

ଭୋଗରାଇ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ

ଭୋଗରାଇ, ୦୪/୧୨ (ଆ.ପ୍ର) : ଭୋଗରାଇ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଶଙ୍ଖାରୀ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବୈଜ୍ଞାନିକ ଚିତରଞ୍ଜନ ଓଝା ପତାକା ଉତୋଳନ କରି ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ପରେ ଆୟୋଜିତ ଉଦଘାଟନୀ ସଭାରେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ ନିହାର ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ବୈଜ୍ଞାନିକ ଶ୍ରୀ ଓଝା, ମୁଖ୍ୟବକ୍ତା ଭୋଗରାଇ ପଂଚାୟତ ସମିତି ଅଧ୍ୟକ୍ଷ ପ୍ରବୀର ଗିରି, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ମୀନାରାଣୀ ସାସମଲ, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ତଥା ବିଆରସିସି ଜ୍ୟୋତ୍ସ୍ନାରାଣୀ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟା ପ୍ରତିମା ଚାନ୍ଦ, ଶଙ୍ଖାରୀ ସରପଂଚ ସିଦ୍ଧେଶ୍ୱର ପାତ୍ର, ସମିତି ସଦସ୍ୟା ସୁବାସିନୀ ଜେନା, ଆଲୁମିନି ସଭାପତି ବିଜୟ କୁମାର ସିଂହ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମାନସ ଜେନା, ବ୍ଲକ ବିଜ୍ଞାନ ସଂଯୋଜକ ମହେଶ୍ୱର ଗିରି, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନୀଲ ଦତ, ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ନୂନା ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ବିଜ୍ଞାନର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିବା ସହିତ ଉନ୍ନତ ଓ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ଶିକ୍ଷାୟତନ ଗୁଡ଼ିକର ଭିତିଭୂମି ସୁଦୃଢ କରିବା ପାଇଁ ଆହ୍ୱାନ ଦେଇଥିଲେ । ଶିକ୍ଷକ ଶାଶ୍ୱତକୁମାର ଜେନା ମଂଚ ଆହ୍ୱାନ କରିଥିଲା ବେଳେ ଶିକ୍ଷକ ଦେବବ୍ରତ ଦେ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂସ୍କୃତ ଶିକ୍ଷକ ଦେବଶଙ୍କର ଦାଶ ବେଦପାଠ କରିଥିଲା ବେଳେ ଫୋକସର ସଭାପତି ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ବିଷୟବସ୍ତୁ ଉପରେ ଆଧାରିତ ସମୁଦାୟ ୨୦୦ ଟି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ବେଳେ ସେଥିରୁ ୭ ଟି ପ୍ରକଳ୍ପ ଜିଲ୍ଲା ବିଜ୍ଞାନ ମେଳାକୁ ମନୋନୀତ ହୋଇଛି ।

ଜାତୀୟ ଭିନ୍ନକ୍ଷମ ଦିବସରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୦୪/୧୨ (ଆ.ପ୍ର) : ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ବିଭାଗ ତରଫରୁ ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ ଉକ୍ତ ବିଭାଗର ସଚିବ ବିମଳ ରାଉଳ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ଓ ଚିକିତ୍ସା କାର୍ଯ୍ୟାଳୟର ଡ. ଆନନ୍ଦ ସାମନ୍ତରାୟ ଯୋଗଦାନ କରିଥିଲେ । ଭିନ୍ନକ୍ଷମ ମାନଂକ ପାଇଁ ବିଭିନ୍ନ ଯୋଜନା ତଥା ସାଧାରଣ ବର୍ଗ ପରି ସେମାନଙ୍କୁ ମୁଖ୍ୟ ସ୍ରୋତରେ ନେବା ଉପରେ ଆଲୋକପାତ କରିଥିଲେ । ତାହାଛଡା ଭିନ୍ନକ୍ଷମ ମାନଂକୁ ସଶକ୍ତିକରଣ, ଅନ୍ତର୍ଭୁକ୍ତି କରଣ ଓ ସାମାଜିକ ଦାୟିତ୍ୱ ଉପରେ ପ୍ରାଂଜଳ ଭାବେ ବୁଝାଇଥିଲେ । ଏହି ଅବସରରେ କିଛି ଯୋଗ୍ୟ ହିତାଧିକାରୀଂକୁ ଭତା ପ୍ରଦାନ କରାଯାଇଥିଲା ।

ଗଣିଆରେ ସାଂସଦ ଖେଳ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ

ଦଶପଲ୍ଲା /ଗଣିଆ, ୦୪/୧୨ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ଗଣିଆ ବ୍ଲକ ଅନ୍ତର୍ଗତ କିଶୋର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବହୁମାନ ସାଂସଦ ଖେଳ ମହୋତ୍ସବ ଉତ୍ସାହପୂର୍ଣ୍ଣ ଭାବେ ଡିସେମ୍ବର ଏକ ତାରିଖରୁ ଆରମ୍ଭ ହୋଇ ଚାରି ତାରିଖ ଗୁରୁବାର ଦିନ ଏହି ଖେଳର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉଦଯାପନୀ ଖେଳରେ ସାଂସଦଙ୍କ ବ୍ଲକ ପ୍ରତିନିଧି ଶରତ କୁମାର କର, ବିଜେପି ଗଣିଆ ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଅନ୍ତର୍ଯ୍ୟାମୀ ମିଶ୍ର, ବିଜେପି ନାରୀ ନେତ୍ରୀ ଅଞ୍ଜୁଲତା ପଣ୍ଡା ଉପସ୍ଥିତ ଥିବାବେଳେ ବହୁ ବିଜେପିର ବହୁ କାର୍ଯ୍ୟକର୍ତା ଯୋଗ ଦେଇଥିଲେ । ଏହି ଖେଳ ମହୋତ୍ସବ ମାଧ୍ୟମରେ ସ୍ଥାନୀୟ ଯୁବକମାନଙ୍କ ମଧ୍ୟରେ କ୍ରୀଡ଼ା ସଂସ୍କୃତିକୁ ଉନ୍ନତ କରିବା ସହିତ ପୁର ପଲ୍ଲୀରେ ଲୁକ୍କାୟିତ ଥିବା ପ୍ରତିଭାମାନଙ୍କୁ ଲୋକ ଲୋଚନକୁ ଆଣିବା ପାଇଁ ଉକ୍ତ ଖେଳର ମହତ୍ ଲକ୍ଷ୍ୟ । ଖେଳ ହେଉଛି ଉତମ ସ୍ୱାସ୍ଥ୍ୟ ଗଠନ ପାଇଁ ଅବ୍ୟର୍ଥ ଔଷଧ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ପ୍ରୟାସରେ ସାରା ଭାରତ ରେ 'ସାଂସଦ ଖେଳ ମହୋତ୍ସବ' ଅତି ଧୁମଧାମ ରେ ଚାରି ଦିନ ଧରି ଚାଲିଛି । ତେବେ ଏହା ମାଧ୍ୟମରେ ସାରା ଦେଶରେ ଖେଳ ପ୍ରତିଭା ଙ୍କୁ ସୃଷ୍ଟି କରିବା ସହିତ ଯୁବ ତଥା ଛାତ୍ର ଛାତ୍ରୀ ମାନଙ୍କ ଶାରୀରିକ, ମାନସିକ ତଥା ବୌଦ୍ଧିକ ବିକାଶ ର ଉନ୍ନତି ହେବ ଏଥିରେ ସନ୍ଦେହ ନାହିଁ ।

ମା ' ମଙ୍ଗଳା ପୀଠରେ ବିଶ୍ୱଶାନ୍ତି ଗୀତା ଯଜ୍ଞ ସମ୍ପନ୍ନ

ଜଗତସିଂହପୁର,୦୪/୧୨ (ଆ.ପ୍ର) : ଜଗତସିଂହପୁର ନିକଟ ହାସନପୁର ବାନ୍ଦଗଡ଼ ଠାରେ ବିଶ୍ୱରୂପା ମା' ମଙ୍ଗଳା ପୀଠରେ ମା ବିଶ୍ୱରୂପାଙ୍କ ବାର୍ଷିକ ଜନ୍ମୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ ହୋଇଯାଇଛି । ଆଜି ମଙ୍ଗଳା ମନ୍ଦିର ମୁଖ୍ୟ ସେବକ ପ୍ରସନ୍ନ କୁମାର ମହାପାତ୍ର ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଯଜ୍ଞରେ ବରିଷ୍ଠ କର୍ମୀ କଣ୍ଡକାର ଗୌରାଙ୍ଗ ଚରଣ ପତି, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଘନ ଶ୍ୟାମ ନନ୍ଦ, ଶାରଦା ପ୍ରସାଦ ତ୍ରିପାଠୀ, ନିକୁଞ୍ଜ ବିହାରୀ ଦାସ, ରୁଦ୍ର ନାରାୟଣ ମିଶ୍ର, ଅକ୍ଷୟ କୁମାର କରଙ୍କ ସମେତ ୧୨ଜଣ ପଣ୍ଡିତ ଚଣ୍ଡୀ ପାଠ, ବେଦ ଧ୍ୱନି କରିଥଲେ । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମା'ଙ୍କ କୃପାଭିକ୍ଷା କରିଥଲେ । ସଂକୀର୍ତନ ମଣ୍ଡଳୀ ହରିନାମ ପରିବେଷଣ କରୁଥିଲେ । ମନ୍ଦିର ପରିଚାଳନା କମିଟି ସଦସ୍ୟ ସମସ୍ତ ସହଯୋଗ କରୁଥିଲେ ।

ବୃତ୍ତି ପରୀକ୍ଷାରେ ସ୍ୱଚ୍ଛତା ରହୁ ନଥିବା ଅଭିଯୋଗ

ମାହାଙ୍ଗା, ୦୪/୧୨ (ଆ.ପ୍ର) : ମାହାଙ୍ଗା ବ୍ଲକରେ ପଞ୍ଚମ ଓ ତୃତୀୟ ବୃତ୍ତି ପରୀକ୍ଷାରେ ସ୍ୱଚ୍ଛତା ରହୁ ନଥିବା ଅଭିଯୋଗ ହେଉଛି । ଯେଉଁ ବିଦ୍ୟାଳୟମାନଙ୍କର ଛାତ୍ରଛାତ୍ରୀମାନେ ପଞ୍ଚମ ଓ ତୃତୀୟ ମେଧାବୃତ୍ତି ପରୀକ୍ଷାରେ ଭାଗନେଉଛନ୍ତି, ସେହି ବିଦ୍ୟାଳୟଗୁଡିକର ଶିକ୍ଷକ/ଶିକ୍ଷୟିତ୍ରୀମାନେ ବୃତ୍ତିପରୀକ୍ଷାର ଖାତା ଦେଖୁଥିବାରୁ ନିଜ ବିଦ୍ୟାଳୟ ପ୍ରତି ଅହେତୁକ ଅନୁକମ୍ପା କରୁଥିବାଯୋଗୁ ବହୁ ମେଧାବି ଛାତ୍ରଛାତ୍ରୀ ବୃତ୍ତି ପାଇପାରୁନଥିବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି । ଏଣୁ ଗୋଟିଏ ବ୍ଲକର ପରୀକ୍ଷା ଖାତା ଅନ୍ୟଏକ ବ୍ଲକରେ ମୂଲ୍ୟାଙ୍କନ କରିବା ପାଇଁ ଅଭିଭାବକ ମହଲରେ ଦାବି ହେଉଛି । ଅପରପକ୍ଷରେ ସରକାର ପ୍ରଦାନ କରୁଥିବା ବୃତ୍ତିର ପରିମାଣ ୧ହଜାର ଟଙ୍କାରୁ ୨ହଜାର ଟଙ୍କା ବଢ଼ାଇବା ପାଇଁ ବୁଦ୍ଧିଜିବୀ ମହଲରେ ଦୃଷ୍ଟି ଆକର୍ଷଣ କରାଯାଇଛି ।

ତୃତୀୟ ଅନ୍ତର୍ଜାତୀୟ ବ୍ରହ୍ମପୁର ବାଣିଜ୍ୟ ମେଳା-୨୦୨୫

ବ୍ରହ୍ମପୁର, ୦୪/୧୨ (ଆ.ପ୍ର) : ସ୍ଥାନୀୟ ଉମା ଚରଣ ପଟନାୟକ ଇଞ୍ଜିନିୟରିଂ ସ୍କୁଲ୍ ପଡିଆରେ ଆୟୋଜିତ ହେବ ତୃତୀୟ ବ୍ରହ୍ମପୁର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ । ଆଜି ଠାରୁ ଅର୍ଥାତ୍ ଡିସେମ୍ବର ୫ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ଏଥିରେ ଦେଶ ବିଦେଶର ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରିବଟା କରାଯିବ । ଗୁପ୍ତା ଇଭେଂଟ ମ୍ୟାନେଜମେଂଟ ପ୍ରାଇଭେଟ୍ ଲିମିଟେଡ୍, (ଭୁବନେଶ୍ୱର) ପକ୍ଷରୁ ଏହାର ଆୟୋଜନ କରାଯାଇଛି । ଏନେଇ ଆଜି ୟୁସିପି ଗ୍ରାଉଣ୍ଡ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ସୂଚନା ପ୍ରଦାନ କରିଛନ୍ତି । ଚଳିତ ବର୍ଷ ପ୍ରଦର୍ଶକ ଏବଂ ପରିଦର୍ଶକ ଉଭୟଙ୍କ ସକାଶେ ପ୍ରଦର୍ଶନୀରେ ଏସି ପାଭିଲିୟନ ର ବ୍ୟବସ୍ଥା କରାଯାଇଛି । ଯାହା ଆରାମଦାୟକ ଏବଂ ଶୀତତାପ ନିୟନ୍ତ୍ରିତ ପରିବେଶ ସୃଷ୍ଟି କରିବ । ଏଥିରେ ୨୨ଟି ରାଜ୍ୟ ଏବଂ ୧୦ଟି ଦେଶର ବ୍ୟବସାୟୀ ଅଂଶ ଗ୍ରହଣ କରିବେ । ୧ ଲକ୍ଷ୍ୟରୁ ଊର୍ଦ୍ଧ୍ୱ ପ୍ରକାରର ବିଭିନ୍ନ ପ୍ରକାର ସାମଗ୍ରୀକୁ ଉପଲବ୍ଧ କରାଯିବ । ଯେଉଁଥିରେ ରହିଛି, କାଶ୍ମୀର ଫର୍ଣ୍ଣିଚର ଯଥା - ସଫା ସେଟ୍, ଡାଇନିଂ ସେଟ୍, ଝୁଲା ଇତ୍ୟାଦି । ସେହିପରି ଆଫଗାନିସ୍ତାନର ୧୦୦ ପ୍ରକାରର ଶୁଖିଲା ଫଳ(ଡ୍ରାଏ ଫୁଡ୍), ଇରାନରୁ ଇରାନୀ ଖଜୁର, ଥାଇଲାଣ୍ଡର ଜୁଏଲାରୀ ଏବଂ ଫୁଟ୍ ୱେର୍, ମହିଳା ମାନଙ୍କ ପାଇଁ କୋରିଆନ୍ ସାମଗ୍ରୀ, ଭାରତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ, ପ୍ରାଚୀନ ଧାତୁ ଓ ଏଡି ପଥର ଅଳଙ୍କାର, ଇରାନୀ କାର୍ପେଟ୍, ସାରା ବିଶ୍ୱର ପ୍ରାଚୀନ ଧାତୁ ଏବଂ ପିତଳ, ଦୁବାଇ ପୋଷାକ, ପ୍ରାଚୀନ ସାଜସଜ୍ଜା କାନ୍ଥ ଫ୍ରେମ୍, ପଶ୍ଚିମବଙ୍ଗ ଏଂ ଉତରପ୍ରଦେଶର ଚମଡା ପଦାର୍ଥ, ସିଙ୍ଗାପୁର ସାମଗ୍ରୀ, ଖଦୀ, ଭାଗଲପୁର, ପଞ୍ଜାବ, ବନାରସ, ଜୟପୁର, ବାଂଲାଦେଶ ଏବଂ ସମ୍ବଲପୁରର ପୋଷାକ ଓ ଶାଢ଼ୀ, ଚମ୍ପାରଣ ମଟନ୍, ଇଲୋକ୍ଟ୍ରନିକ୍, ସୌନ୍ଦର୍ଯ୍ୟ ସାମଗ୍ରୀ, ଉପୋଭୋକ୍ତା ସାମଗ୍ରୀ ଆଦି ବିକ୍ରିବଟା ହେବ । ଏହି ମେଳାରେ ବ୍ରହ୍ମପୁର ସହରରେ ପ୍ରଥମ ଥର ପାଇଁ ଜଳପରି ଶୋ ପ୍ରଦର୍ଶନୀ କରାଯିବ, ଯାହା ମୁଖ୍ୟ ଆକର୍ଷଣ ହେବ । ଏହି କାର୍ଯ୍ୟକ୍ରମକୁ ଆକାଶ, ଶକ୍ତି ବର୍ଷା ଆସଲମ୍,ରୂପାଲି, ଅଦିତ୍ୟ, ଜ୍ୟୋସ୍ନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ତେବେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଗୁପ୍ତା ଇଭେଂଟର ମୁଖ୍ୟ ସୁଜିତ କୁମାର ଗୁପ୍ତା, ପାୟାଲ ଆଚାର୍ଯ୍ୟ ଗୁପ୍ତା, ସହଯୋଗୀ ସଂଯୋଜକ ବୀର ବହାଦୁର ସିଂ ଏବଂ ଜଳପରି ର ପ୍ରବନ୍ଧକ ଏମଡ଼ି ଇମ୍ରାନ ପ୍ରମୁଖ ଉପସ୍ଥିତ ଥିଲେ ।

ବିରମାଲ ଓ ମଝେନପଦରରେ ଲକ୍ଷ୍ମୀପୂଜା ଅନୁଷ୍ଠିତ

ଧର୍ମଗଡ଼, ୦୪/୧୨ (ଆ.ପ୍ର) : ବିରାଜିଛନ୍ତି ଧନଦାତ୍ରୀ । ଆରମ୍ଭ ହୋଇଛି ମାଁଲକ୍ଷ୍ମୀ ପୂଜା । ଧନଦାତ୍ରୀଙ୍କ ଆବାହନ ପାଇଁ ଉତ୍ସବମୁଖର ଗାଁରୁ ସହର । ଧର୍ମଗଡ଼ ବ୍ଲକ ବିରମାଲ ଓ ମଝେନ ପଦର ଠାରେ ଧୁମଧାମରେ ଚାଲିଛି ଲକ୍ଷ୍ମୀ ପୂଜା । ଜାତି, ଧର୍ମ ନିର୍ବିଶେଷରେ ମା'ଙ୍କ ଆବାହନ ପାଇଁ ବ୍ୟାପକ ପ୍ରସ୍ତୁତି । ସୋମବାର ସନ୍ଧ୍ୟାରୁ ପୂଜା ମଣ୍ଡପଗୁଡ଼ିକରେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରା ଯାଇଥିବା ବେଳେ ସହରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୁବ ସମାଜସେବୀ ଭବାନୀ ଶଙ୍କର ବଣିଆ, ସମ୍ମାନିତ ଅତିଥି ଭାବେ ସମାଜସେବୀ ସଂଜୟ ପଟେଲ, ନନ୍ଦଗାଁ କୃଷି ସେବା ସମବାୟର ସଭାପତି ଖଗେଶ୍ୱର ବଣିଆ ପ୍ରମୁଖ ଯୋଗଦାନ କରି ଶୁଭ ଉଦ୍ଘାଟନ କରି ମାଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ ।

ଜିଏମୟୁ ବାଣିଜ୍ୟ ବିଭାଗ ତରଫରୁ ପୋଷ୍ଟର ଉପସ୍ଥାପନା କାର୍ଯ୍ୟକ୍ରମ ଅନୁଷ୍ଠିତ

ସମ୍ବଲପୁର, ୦୪/୧୨ (ଆ.ପ୍ର) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ର ବାଣିଜ୍ୟ ବିଭାଗ ଆନୁକୁଲ୍ୟରେ ଗୁରୁବାର ଦିନ ଅମୃତ ବିହାର ସ୍ଥିତ ଅଧ୍ୟାପନା ପ୍ରକୋଷ୍ଠ ପରିସରରେ ସ୍ନାତକୋତର ଦ୍ୱିତୀୟ ବର୍ଷର ବାଣିଜ୍ୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ' ଗବେଷଣା ପଦ୍ଧତିଶାସ୍ତ୍ର ' ସଂପର୍କିତ ପୋଷ୍ଟର ଉପସ୍ଥାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ଼ଃ. ପ୍ରିୟବ୍ରତ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ଼ଃ ସୁଶାନ୍ତ କୁମାର ଦାସ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କର ପୋଷ୍ଟର ଉପସ୍ଥାପନାକୁ ପରିଦର୍ଶନ କରିବା ସହ ଉତ୍ସାହିତ କରିଥିଲେ । ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ସହକାରୀ ଅଧ୍ୟାପକ ଡ଼ଃ. ପ୍ରିୟଦର୍ଶୀ ଯୋଷୀ ଯୋଗଦେଇ ପ୍ରତିଯୋଗୀମାନଙ୍କ ପୋଷ୍ଟର ପ୍ରଦର୍ଶନୀକୁ ବ୍ୟାପକ ଭାବରେ ମୂଲ୍ୟାଙ୍କନ କରିଥିଲେ । ପ୍ରତିଯୋଗୀ ଛାତ୍ରଛାତ୍ରୀମାନେ ଗବେଷଣାର ବିଭିନ୍ନ ମାପଦଣ୍ଡ, ପଦ୍ଧତି, ପ୍ରବୃତି ଓ ପ୍ରାୟୋଗିକ ଦୃଷ୍ଟିକୋଣକୁ ସୃଜନଶୀଳ ପୋଷ୍ଟର ମାଧ୍ୟମରେ ବିସ୍ତୃତ ପ୍ରତିପାଦନ କରିଥିଲେ । ଏହା ବ୍ୟତୀତ ବାଣିଜ୍ୟ ବିଭାଗର ଅଧ୍ୟାପକ ସୁବାଷ ଚନ୍ଦ୍ର ଝାଙ୍କର, ଡ଼ଃ କ୍ଷୀରୋଦ ଚନ୍ଦ୍ର ମହାରଣା, ଡ଼ଃ. ଜ୍ଞାନ ରଞ୍ଜନ ବଳ, ଅମ୍ବରୀଶ ପ୍ରତାପ ସିଂହ, ଅଧ୍ୟାପିକା ସରୋଜା ମେହେର, ଅରୁଣା ଶର୍ମା, ସୁବେଚ୍ଛା ନାୟକ ଓ ଝାନ୍ସୀ ରାଣୀ ପରିଡା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ପୋଷ୍ଟର ଉପସ୍ଥାପନରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଇକିର୍ତି ବାବୁ ପ୍ରଥମ, ଆଶିଷ ସାହୁ ଦ୍ୱିତୀୟ , ଅନ୍ୱେଷା ନାୟକ ଓ ସୌମ୍ୟରଞ୍ଜନ ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ । ବାଣିଜ୍ୟ ବିଭାଗର ସ୍ନାତକ ଓ ସ୍ନାତକୋତର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଗବେଷଣାମୁଖୀ ଚିନ୍ତାଧାରା , ସୃଜନଶୀଳ ଦୃଷ୍ଟିଭଙ୍ଗୀ ଓ ଶିକ୍ଷାତ୍ମକ ଉତ୍ସାହକୁ ବୃଦ୍ଧି କରିବାରେ ବାଣିଜ୍ୟ ବିଭାଗର ଏହି ପ୍ରୟାସ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଗୁଣାତ୍ମକ ପଦକ୍ଷେପ ଭାବେ ପ୍ରତିଷ୍ଠିତ ହୋଇପାରିଛି ।

ନବରଙ୍ଗପୁର ଠାରେ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ ଶୁଭାରମ୍ଭ

ନବରଙ୍ଗପୁର, ୦୪/୧୨ (ଆ.ପ୍ର) : ସ୍ଥାନୀୟ ସରୋଜିନୀ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ପ୍ରଶାସନ ଏବଂ ଆସୋସିଏସନ ଫର ଭଲ୍ଲଟାରୀ ଆକ୍ସନ ସଂସ୍ଥା ତରଫରୁ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ ର ଶୁଭାରମ୍ଭ ହୋଇଯାଇଅଛି । ଏହି ବାଲ୍ୟ ବିବାହ ବିରୋଧରେ ଏହି ଜାତୀୟ ଅଭିଯାନ ଗତ ୨୭ ନଭେମ୍ବରରୁ ୮ ମାର୍ଚ୍ଚ ପର୍ଯ୍ୟନ୍ତ ୧୦୦ ଦିନ ବ୍ୟାପୀ ବିଶେଷ ସଚେତନତା କାର୍ଯ୍ୟକ୍ରମ ନବରଙ୍ଗପୁର ଜିଲ୍ଲା ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି ଯେହେତୁ ନବରଙ୍ଗପୁର ଜିଲ୍ଲାରେ ବାଲ୍ୟ ବିବାହ ବହୁଳ ମାତ୍ରା ରେ ଅନୁଷ୍ଠିତ ହେଉଛି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷ ବବିତା ପାତ୍ର ମୁଖ୍ୟ ଅତିଥି ଏବଂ ସମ୍ମାନୀତ ଅତିଥି ରୂପେ ଆୟୋଗ ସଭ୍ୟା ସୁଜାତା ନାୟକ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଂଚି ନାରାୟଣ ବରଧ୍ୱାନ, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ପ୍ରକଳ୍ପ ପ୍ରଶାସକ, ଜନଜାତି ଉନ୍ନୟନ ସଂସ୍ଥା ରାଜୀବ ସାହୁ, ଡି ଏସ ଡବ୍ଲୁ ଓ ଦ୍ରୌପଦୀ କହଁର ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ଦିଗରେ ବିଶେଷ ସଚେତନତା କାର୍ଯ୍ୟକ୍ରମ ଏବଂ ଅଧିକାରୀଙ୍କ ଆନ୍ତରିକ ଉଦ୍ୟମ ଉପରେ ଗୁରୁତ୍ୱ ଆରୋପ କଲେ । ଅଙ୍ଗନବାଡି କର୍ମୀ, ଶିଶୁ ସୁରକ୍ଷା କର୍ମଚାରୀ ମାନଙ୍କ ବାଲ୍ୟ ବିବାହ ରୋକିବାରେ ଅବିରତ କାର୍ଯ୍ୟକୁ ପ୍ରଶଂସା କରି ଏହାକୁ ଆହୁରି ଏହି ୧୦୦ ଦିନିଆ କାର୍ଯ୍ୟକ୍ରମ ରେ ସ୍ୱତନ୍ତ୍ର ଉଦ୍ୟମ ର ଆବଶ୍ୟକତାକୁ ଗୁରୁତ୍ୱ ଦେଲେ ଏବଂ କୌଣସି ଝିଅ ଯଦି କ୍ରମାଗତ ଭାବେ ସପ୍ତାହରୁ ଅଧିକ ସ୍କୁଲ ରେ ଅନୁପସ୍ଥିତ ରହେ ତେବେ ସଙ୍ଗେ ସଙ୍ଗେ ଅଙ୍ଗନ ବାଡି କର୍ମୀ, ସ୍କୁଲ କର୍ତ୍ତୃପକ୍ଷ ନିଶ୍ଚୟ ଭାବେ ଦେଖିବେ ଯେହେତୁ ଏହା କୌଣସି ଡ୍ରପ ଆଉଟ୍ କେସ କିମ୍ବା ବାଲ୍ୟ ବିବାହର ସଂକେତ ହୋଇପାରେ । ଜିଲ୍ଲାପାଳ ନିଜ ବକ୍ତବ୍ୟରେ ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି ଏବଂ ଆଇନଗତ ଅପରାଧ କେବଳ ସରକାରୀ କର୍ମଚାରୀ ନୁହଁ ଆମେ ସମସ୍ତେ ନିଜ ସ୍ତରରେ ଏହାର ମୂଳୋତ୍ପାଟନ ନିମନ୍ତେ ସତତ ଚେଷ୍ଟା କରିବା ଓ ଝିଅ ମାନଂକ ମୌଳିକ ଅଧିକାର ପାଇବାରେ ସହାୟକ ହେବା ବୋଲି କହିଥିଲେ । ବିଶେଷ ସଚେତନତା କାର୍ଯ୍ୟକ୍ରମରେ ପ୍ରତ୍ୟେକ ବ୍ଲକରେ ସଚେତନତା ଶୋଭାଯାତ୍ରା, ପୋଷ୍ଟର, ପ୍ରବନ୍ଧ, ବକ୍ତୃତା ଭଳି ବିଭିନ୍ନ ପ୍ରତିଯୋଗୀତା, ମନ୍ଦିର, ମସଜିଦ, ଗୁରୁଦ୍ୱାରା ଉପାସନା ପୀଠର ପୁରୋହିତଙ୍କୁ ସଚେତନ, ଲିଫ୍ଲେଟ ବଂଟନ, ବାଲ୍ୟ ବିବାହ ବିରୋଧରେ କାନ୍ଥରେ ପେଂଟିଂ, ପୋଷ୍ଟର ଲଗାଇବା, କଲ୍ୟାଣମଣ୍ଡପ, ବେଣ୍ଡ ପାର୍ଟି, ଫୋଟୋଗ୍ରାଫର, ଟେଂଟ ମାନଙ୍କରେ ସତର୍କତା ସହ ଲିଖିତ ଅଙ୍ଗୀକାର ପତ୍ର ଭଳି କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଉଛି । ମୁଖ୍ୟ ଅତିଥି ବାଲ୍ୟ ବିବାହ ବିରୋଧରେ ସମସ୍ତଙ୍କୁ ଏକ ଶପଥ ପାଠ କରାଇଥିଲେ ଏହି ସଭାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା,ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲାକାଙ୍କ ସମେତ ସଖି ଓ୍ୱାନ ଷ୍ଟପ ସେଂଟର କିଶୋରୀ ପଟ୍ଟନାୟକ, ସରିତା ପାଣି ଓ ସଦସ୍ୟ, ଆଂଗନ ଟ୍ରଷ୍ଟରୁ ପ୍ରଭାସିନୀ ପଟ୍ଟନାୟକ, ପିରାମଲ ଫାଉଣ୍ଡେସନ ତରଫରୁ ବିକ୍ରମ ରାଣା, ଶିଶୁ ଅଧିକାର ସହଯୋଗି ସୌରବ ଉପାଧ୍ୟାୟ, ପୌରପାଳିକା ସଭ୍ୟା, ବିଭିନ୍ନ ବ୍ଲକର ଅଙ୍ଗନବାଡି କର୍ମୀ ଯୋଗ ଦେଇଥିଲେ । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଉଦଘୋଷିକା ଚନ୍ଦନା ମଲ୍ଲିକ ସଭା ସଂଚାଳନ କରିଥିଲେ । ଏହି ସଭାର ଶେଷରେ ରମା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

କଂଗ୍ରେସ ଦଳର ସାଙ୍ଗଠନିକ ବୈଠକ

ଲକ୍ଷ୍ମୀକେଶ୍ୱର, ୦୪/୧୨ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ମଧୁପୁରା ଗ୍ରାମ ପଂଚାୟତର କଂଗ୍ରେସ ଦଳ ତରଫରୁ ସାଙ୍ଗଠନିକ ବୈଠକ ମଧୁପୁରା ଗ୍ରାମପଂଚାୟତର ନାଏବ ସରପଂଚ ବାବାଜୀ ବେହେରାଙ୍କ ବାସ ଭବନରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ବାଲିଆପାଳ ବ୍ଲକ କଂଗ୍ରେସ ଦଳର ଉପସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ମୋରଲି ମୋହନ ସାହୁ ସଭାପତି ଆସନ ଚଳାଇବା ସହ ଉକ୍ତ ବୈଠକରେ ମୁଖ୍ୟ ଅତିଥି ବକ୍ତା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ବିଜନ ନାୟକ ଉପସ୍ଥିତ ହୋଇ ନିଜର ଅଭିଭାଷଣରେ ଦଳ କିପରି ମଧୁପୁରା ପଂଚାୟତ ରେ ସୁଦୃଢ ହୋଇପାରିବ ଏବଂ ଲୋକଙ୍କ ଯେଉଁ ମୌଳିକ ସମସ୍ୟା ରହିଛି ତାକୁ କିପରି ସମାଧାନ ହୋଇପାରିବ ସେ ବିଷୟରେ ମତ ରଖିଥିଲେ । ମଧୁଗ୍ରାମ ପଂଚାୟତର ସଭାପତି ଗୌରାଙ୍ଗ ବିଶ୍ୱାଳ, ପଂଚାୟତର ସମିତି ସଦସ୍ୟ ଶ୍ରୀକାନ୍ତ ସେଠୀ, ୨୩ ନମ୍ବର ଜୋନ୍ ଜିଲ୍ଲା ପରିଷଦ ପ୍ରାର୍ଥୀ ସୁଶାନ୍ତ ପାତ୍ର, ମହିଳା କଂଗ୍ରେସ ସଭାପତି ସେବତୀ ଜେନା, ସମ୍ପାଦକ ସ୍ୱର୍ଣ୍ଣଲତା ବାଗ, ଶ୍ରୀଧର ବିଶ୍ୱାଳ, ଅଶୋକ ବାଗ, ଲକ୍ଷ୍ମୀଧର ଗଙ୍ଗାଇ, ବସ୍ତା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ତୀର୍ଥ କୁମାର ନାଗ, ସୁବାଷ ନାୟକ, ପଂଚାୟତ ର ସମସ୍ତ ୱାର୍ଡ ସଭ୍ୟ ଏବଂ ସଭ୍ୟା ମଧ ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ଯୁବ କଂଗ୍ରେସ ଉପରେ ମଧ ଅଭିଭାଷଣ ରଖିଥିଲେ ।

କବିତା ଆସର ଶୀତ ରାତି ଶୀତ ପାହାନ୍ତି

ବାଣପୁର ଟାଙ୍ଗିଆ, ୦୪/୧୨ (ଆ.ପ୍ର) : ଚଳିତ ମାର୍ଗଶିର ପୂର୍ଣ୍ଣିମା ଅବସରରେ ଏକ ଶୀତୁଆ କବିତା ଆସର ଶୁଭମଙ୍ଗଳ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଡ଼ିସେମ୍ବର ଚାରିର ଶୀତୁଆ ଅପରାହ୍ନରେ ଶ୍ରୀଯୁକ୍ତ ମଦନମୋହନ ମହାପାତ୍ରଙ୍କ ଆବାହକତ୍ୱରେ ସାହିତ୍ୟ ସିନ୍ଦୁରା ନିବେଦିତ ଏହି ସାହିତ୍ୟ ଆସରର ଶୀର୍ଷକ ଥିଲା 'ଶୀତ ରାତି ଶୀତ ପାହାନ୍ତି' । ଏହି ଆସରରେ ସଭାପତିତ୍ୱ କରିଥିଲେ ବରିଷ୍ଠ ଶିକ୍ଷାବିତ ଲକ୍ଷ୍ମୀଚରଣ ପ୍ରଧାନ । କବିତା ଗୁଡିକର ସଂଯୋଜନା ଓ ସମୀକ୍ଷା କରିଥିଲେ ଶ୍ରୀମତୀ ରୁଚି ପଟ୍ଟନାୟକ । ଏହି ଆସରରେ ସାହିତ୍ୟ ସିନ୍ଦୁରାର ସମସ୍ତ ସଭ୍ୟ ସ୍ୱ ରଚିତ କବିତା ପାଠ କରିଥିଲେ । ଏହି ଆସରରେ ମିଡ଼ିଆ ବନ୍ଧୁମାନେ ଅକୁଣ୍ଠ ସାହାଯ୍ୟ କରିଥିଲେ ଏବଂ ଶେଷରେ ସାହିତ୍ୟ ସିନ୍ଦୁରାର ଆବାହକ ଶିକ୍ଷାବିତ୍ ଗୋଲକ ବିହାରୀ ପରିଡା ଶୀର୍ଷକ ସମ୍ବନ୍ଧରେ କିଛି ବକ୍ତବ୍ୟ ରଖି ଧନ୍ୟବାଦ ଅର୍ପଣ କରିଥିଲେ ।

୨୫ବର୍ଷ ପରେ ବାପାକୁ ଫେରି ପାଇଲା ପୁଅ

ସିମୁଳିଆ, ୦୪/୧୨ (ଆ.ପ୍ର) : ଦୀର୍ଘ ୨୫ବର୍ଷ ବାପାର ଖୋଜ ଖବର ନ ପାଇ ପରିବାର ମୁଖ୍ୟକୁ ହରାଇ ଛାଡିଦେଇଥିଲେ ଆଶା ସ୍ତ୍ରୀ ଆଖିରୁ ଶୁଖିଗଲା ଲୁହ । ଏମିତି ଏକ ଘଟଣା ଦେଖିବାକୁ ମିଳିଛି ସିମୁଳିଆ ଥାନା ଅଂଚଳର । ଦୀର୍ଘ ୨୫ ବର୍ଷ ପରେ ଘରକୁ ଫେରିଲା ସ୍ୱାମୀ ଶୁକଦେବ ସ୍ତ୍ରୀ ଆଖିର ଖୁସିରେ ଲୁହ । ଘରକୁ ଫେରି ସବୁ କିଛି ପରିବର୍ତ୍ତନ ଦେଖି ଯେମିତି ସବୁ କିଛି ନୂଆ ନୂଆ ଲାଗୁଛି ଶୁକଦେବଙ୍କୁ । ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ବଙ୍ଗାଳପୁର ପଂଚାୟତ ଭାଗିଆଶୁଣି ଗ୍ରାମର ଶୁକଦେବ ଦେବନାଥର ଗୋଟିଏ ପୁଅ ଗୋଟିଏ ଝିଅ । ଶୁକଦେବ ଅତ୍ୟନ୍ତ ଗରିବ ହୋଇଥିବାରୁ କାମ ଅନ୍ୱେଷଣରେ କଟକରେ ଯାଇ କାମ କରି ଘର ଚଳାଉଥିଲେ । ଝିଅ ବିବାହ କରି ୨୫ବର୍ଷ ହେବ ଆଉ ଘରକୁ ଫେରି ନ ଥିଲେ ଶୁକଦେବ । ଶୁକଦେବ କଟକ ମେଡିକାଲ ପାଖ ଏକ ଫୁଟପାଥ ଦୋକାନରେ ରହି କାମ କରୁଥିଲେ । କିଛି ବର୍ଷ ହେବ ଶୁକଦେବ ଘରକୁ ନ ଫେରିବାରୁ ସ୍ତ୍ରୀ ତପସ୍ୱୀ ଗ୍ରାମବାସୀ ସହାୟତାରେ ଯେଉଁଠି କାମ କରୁଥିଲେ ସେହି ସ୍ଥାନରେ ଖୁଜାଖୋଜି କରିବାରୁ ସ୍ୱାମୀ ଶୁକଦେବ ବହୁ ଦିନରୁ ମୃତ୍ୟୁ ହୋଇଥିବାର ଜାଣିବାକୁ ପାଇଥିଲେ । ହେଲେ ସ୍ତ୍ରୀ ମନ ବୁଝୁ ନ ଥିଲା । ବହୁ ଦିଅଁ ଦେବତା ମାନସିକ କରିବା ସହ ଗୁଣି, ଗାରେଡିଙ୍କ ନିକଟରୁ ବୁଝାସୁଝା କରି ଜାଣିବାକୁ ପାଇଥିଲେ ସେ ଆଉ ନାହାନ୍ତି ବୋଲି । ବାପାର ମୃତ୍ୟୁକୁ ବିଶ୍ୱାସ କରି ପାରୁନଥିଲା ପୁଅ ବୁଦ୍ଧିଆ । କେବେ ନା କେବେ ବାପା ଘରକୁ ଫେରିବେ ବୋଲି ଆଶା ରଖିଥିଲା ବୁଦ୍ଧିଆ । ଦୀର୍ଘ ୨୫ବର୍ଷ କୌଣସି ସୂତ୍ରରୁ ଖବର ପାଇ ପୁଅ ବୁଦ୍ଧିଆ ବାପା କଟକ ମଧୁପାଟଣା ଅଂଚଳରେ ଏକ ହୋଟେଲରେ କାମ କରୁଥିବା ସ୍ଥାନରେ ପହଂଚିଥିଲା । ବାପା ପୁଅକୁ ଚିହ୍ନି ପାରୁ ନ ଥିଲା । ପୁଅ ବାପାର ପୁରୁଣା ଫଟୋ ଦେଖି ବାପା ବୁଦ୍ଧିଆକୁ ଚିହ୍ନିଥିଲା । ଯେଉଁ ହୋଟେଲରେ କାମ କରୁଥିଲେ ବାପା, ମାଲିକ ଛାଡିବାକୁ ଅନିଚ୍ଛା ପ୍ରକାଶ କରୁଥିଲା । ପୋଲିସ ସହାୟତାରେ ବାପାକୁ ସେଠାରୁ ଉଦ୍ଧାର କରି ଆଣିଛି ବୁଦ୍ଧିଆ । ବାପା ଶୁକଦେବ ଦେବନାଥ (୬୫)ବର୍ଷ ଗାଁକୁ ଫେରିଛି । ପରିବାର ତଥା ଗ୍ରାମରେ ରେ ଖୁସିର ମାହୋଲ ଦେଖିବାକୁ ମିଳିଛି ।

ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରାକ୍ତନ ସାଂସଦ ଗୋକୁଳନନ୍ଦ ମହାନ୍ତିଙ୍କ ପୁଣ୍ୟତିଥି ପାଳିତ

ଭଦ୍ରକ, ୦୪/୧୨ (ଆ.ପ୍ର) : ଗୁରୁବାର ସକାଳ ୮ଟାରେ ଜିଲ୍ଲା ପ୍ରଶାସନଙ୍କ ତରଫରୁ ଭଦ୍ରକ ନିକଟସ୍ଥ ରାଜଘାଟ ପୋଲଠାରେ ଗୋକୁଳାନନ୍ଦ ମହାନ୍ତିଙ୍କ ପୁଣ୍ୟ ତିଥି ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାର କୁଆଁସ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଗୋକୁଳାନନ୍ଦ ମହାନ୍ତି ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ କ୍ରମେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ୫ଥର କାରାବରଣ କରିଥିଲେ । ସ୍ୱାଧୀନ ଭାରତରେ ସେ ଭଣ୍ଡାରୀପୋଖରୀ ବିଧାୟକ ଓ ବାଲେଶ୍ୱର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ଗାନ୍ଧୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ନିଜ ଜୀବନକୁ ସମାଜ ଓ ଜନସାଧାରଣଙ୍କ ସେବାରେ ଉତ୍ସର୍ଗୀକୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଶିକ୍ଷାବିତ ଝରଣା ପଟ୍ଟନାୟକ,ଯୁବ ନେତା ଜ୍ୟୋତି ପ୍ରକାଶ ମହାନ୍ତି,ବରିଷ୍ଠ ନାଗରିକ ସଂଘ ଜିଲ୍ଲା ସମ୍ପାଦକ କୈଳାଶ ମହାପାତ୍ର, ଶିକ୍ଷାବିତ ଉଦୟ ନାଥ ମହାନ୍ତି,ଅମର ପାଣିଗ୍ରାହୀ, ଆଇନଜୀବୀ ପବନ ଶର୍ମା ପ୍ରମୁଖ ଉପସ୍ଥିତ ରହି ସ୍ୱାଧୀନତା ସଂଗ୍ରାମୀଙ୍କୁ ମାଲ୍ୟାର୍ପଣ କରିଥିବା ସହ ଗୋକୁଳାନନ୍ଦ ମହାନ୍ତିଙ୍କ ଦେଶ ଓ ଜାତି ପାଇଁ ଅବଦାନକୁ ସ୍ମରଣ କରି ଆମ ଓଡ଼ିଆ ଜାତି ଏଥିପାଇଁ ଗର୍ବ ଅନୁଭବ କରୁଛି ବୋଲି ଗୁରୁତ୍ୱାରୋପ କରିଥିଲେ ।

ପ୍ରାନ୍ତର ଶିକ୍ଷକ ବିନା ଅନୁମତିରେ ବିଦ୍ୟାଳୟ ଛାଡି ଯାଇପାରିବେ ନାହିଁ : ଜିଲ୍ଲା ଶିକ୍ଷାଅଧିକାରୀ

ପାରଳାଖେମୁଣ୍ଡି, ୦୪/୧୨ (ଆ.ପ୍ର) : ଗଜପତି ଜିଲ୍ଲା ଶିକ୍ଷା ଅଧିକାରୀ ଏତଦ୍ୱାରା ସମସ୍ତ ପ୍ରଧାନଶିକ୍ଷକ/ଶିକ୍ଷୟତ୍ରୀ ମାନଂକୁ ନିଜ ନିର୍ଦ୍ଦେଶନାମାରେ ଜଣାଇଛନ୍ତି ଯେ କୌଣସି ବିଦ୍ୟାଳୟର ପ୍ରଧାନଶିକ୍ଷକ/ଶିକ୍ଷୟତ୍ରୀ ଜିଲ୍ଲା ଶିକ୍ଷା ଅଧିକାରୀଂକ ବିନା ଅନୁମତିରେ ବିଦ୍ୟାଳୟ ଛାଡି ଯାଇପାରିବେ ନାହିଁ । ଏହା ଦ୍ୱାରା ପାଠପଢାରେ ବ୍ୟାଘାତ ସୃଷ୍ଟି କରୁଛି । ଗୁଣାତ୍ମକ ଶିକ୍ଷାକୁ ସରକାର ସର୍ବଦା ପ୍ରାଧାନ୍ୟ ଦିଅନ୍ତି । ସାଧାରଣତଃ ସେହି ପ୍ରଧାନଶିକ୍ଷକ/ଶିକ୍ଷୟତ୍ରୀ ମାନେ ବ୍ୟାଙ୍କ କାମ, ପିଲାଂକ ଡାଟା ଅପଲୋଡ୍ କରିବା, ମାସିକ ଦରମା ବିଲ ଇତ୍ୟାଦି କାମରେ ବ୍ଲକ ଶିକ୍ଷା ଅଧିକାରୀ କିମ୍ବା ଜିଲ୍ଲା ଶିକ୍ଷା ଅଧିକାରୀଂକ କାର୍ଯ୍ୟାଳୟକୁ ଯାଉଥାନ୍ତି । ମନେରଖିବା ଉଚିତ ସେମାନଙ୍କ କାର୍ଯ୍ୟାଳୟରେ କ୍ଲର୍କ ମାନେ ଅଛନ୍ତି । ସେମାନଙ୍କୁ ଏହି କାମରେ ଲଗା ଯାଇପାରିବ ।ପରନ୍ତୁ ଶିକ୍ଷକ ଶିକ୍ଷୟତ୍ରୀ ମାନେ ମଧ୍ୟ ବିନା ଅନୁମତିରେ ଯାଇପାରିବେ ନାହିଁ । ପ୍ରଧାନଶିକ୍ଷକ ବା ଶିକ୍ଷୟତ୍ରୀ ସେମାନଙ୍କ ଗୁଣାତ୍ମକ ଶିକ୍ଷା ତଦାରଖ କରିବେ ଏବଂ ବିଦ୍ୟାଳୟର ସୁସ୍ଥ ପରିବେଶ ସୃଷ୍ଟି କରିପାରିବେ । ଏହାଦ୍ୱାରା ଶିକ୍ଷାବିତ୍ ମାନେ ସାଧୁବାଦ ଜଣାଇଥିଲେ ସୁଦ୍ଧା କେତେକ ଶିକ୍ଷାରେ ଅବହେଳା କରୁଥିବା ପ୍ରଧାନଶିକ୍ଷକ ବା ଶିକ୍ଷୟତ୍ରୀ ମାନଂକୁ ଝୋଭ ଦେଇଛି ।

ସିଲ୍ ହେଲା କୋଚିଂ ସେଂଟର

ଦଶପଲ୍ଲା, ୦୪/୧୨ (ଆ.ପ୍ର) : ଦଶପଲ୍ଲା ଏନଏସି ଅନ୍ତର୍ଗତ ବାଟପୁରିକିଆ ଠାରେ ଥିବା କୋଚିଙ୍ଗ ସେଂଟର ହଷ୍ଟେଲରେ ଜଣେ ଛାତ୍ରଙ୍କୁ ଅନ୍ୟ କେତେକ ଛାତ୍ର ମାଡ ମାରୁଥିବାର ଭିଡିଓ ଭାଇରାଲ ହେବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କୋଚିଂ ସେଂଟରକୁ ସିଲ୍ କରାଯାଇଛି । ସିଲ୍ ସମୟରେ ତହସିଲଦାର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟ ପକ୍ଷରେ ଘଟଣାରେ ଅଟକ ତିନି ଛାତ୍ରଙ୍କୁ ଅନୁଗୁଳ ବାଳ ସୁଧାର ଗୃହକୁ ପଠାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି ।

ବ୍ଲକସ୍ତରୀୟ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ

ସିମୁଳିଆ, ୦୪/୧୨ (ଆ.ପ୍ର) : ବୁଧବାର ଦିନ ମାର୍କୋଣା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ସିମୁଳିଆ ବ୍ଲକ ଶିକ୍ଷାଧିକାରୀ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଦିବ୍ୟାଙ୍ଗ ଦିବସକୁ ବିଆରସିସି ଅଜୟ କୁମାର ପଣ୍ଡାଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ବାବାଜୀ ଚରଣ ମଲ୍ଲିକ ଓ ମୁଖ୍ୟବକ୍ତା ଭାବେ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ସୋନାଲି ପତି ଯୋଗଦେଇ ଜଗନ୍ନାଥ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ପ୍ରଧାନଶିକ୍ଷକ ରବିନାରାୟଣ ପଣ୍ଡା ଓ ପ୍ରଶାନ୍ତ କୁମାର ବାରିକ ମଂଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଆରପି ବିଶ୍ୱମ୍ଭର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ପ୍ରଥମ ବେହେରା ସ୍ୱାଗତ ସଂଗୀତ ଗାନ କରିଥିଲେ । ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ରମେଶ ଚନ୍ଦ୍ର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଦ୍ୟାଧର ମହାଳିକ, ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ମାଝୀ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ନୃତ୍ୟ, ସଂଗୀତ, ଚିତ୍ରକଳା ଓ ମୃତ୍ତିକା ତିଆର ଆଦି ୪ଟି ବିଭାଗରେ ୧୦୦ଜଣ ଦିବ୍ୟାଙ୍ଗ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ ଶିବ ପ୍ରସାଦ ପଣ୍ଡା ଓ ଶିକ୍ଷୟିତ୍ରୀ କାଂଚାନବାଳା ମଲ୍ଲିକ କାର୍ଯ୍ୟ ତୁଲାଇଥିଲେ । ସେହି ମଂଚ ପୁରସ୍କାର ବିତରଣ ଉତ୍ସବରେ ଓଷ୍ଟା ବ୍ଲକ ସମ୍ପାଦକ ପ୍ରସନ୍ନ କୁମାର ଧଳ, ଓଷ୍ଟା ପୂର୍ବତନ ବ୍ଲକ ସଭାପତି କମଳାକାନ୍ତ ପତି, ସିଆରସିସି ଆଖଣ୍ଡଳେଶ୍ୱର ଦାସ, ପ୍ରଧାନଶିକ୍ଷକ ରତ୍ନାକର ବାରିକ ପ୍ରମୁଖ ଯୋଗଦେଇ ୩୨ଜଣ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ବିଆରପି ରମାକାନ୍ତ ସେଠି ଧନ୍ୟବାଦ ଅର୍ପଣ କରିଥିଲେ ।

ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଏକ ଦିବସୀୟ ସଂଗୋଷ୍ଠୀ

ନିମାପଡା, ୦୪/୧୨ (ଆ.ପ୍ର) :ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ବାଣିଜ୍ୟ ସମ୍ମାନ ବିଭାଗ ଆନୁକୂଲ୍ୟରେ ' ଅନଲାଇନ ବ୍ୟବସାୟରେ ମୌଳିକତା, ରଣକୌଶଳ ଏବଂ କ୍ଷତି ପରିଚାଳନା ' ଶୀର୍ଷକ ଏକ ଦିବସୀୟ ସଂଗୋଷ୍ଠୀ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଂଗୋଷ୍ଠୀରେ ମୁଖ୍ୟ ଅତିଥି ବ୍ୟକ୍ତିତ୍ୱ ଭାବେ ସାକ୍ଷୀଗୋପାଳ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଚନ୍ଦ୍ରଶେଖର ତ୍ରିପାଠୀ ଯୋଗଦେଇ ତାଙ୍କର ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ଗୋପୀନାଥ କର, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼ଃ ଅଶୋକ ବିଶ୍ୱାଳ ଏବଂ ଶିକ୍ଷା ବିଭାଗ ମୁଖ୍ୟ ଡ଼ଃ ଶ୍ରୀଲେଖା ନାୟକ ଯୋଗଦେଇଥିଲେ । ଏହି ସଂଗୋଷ୍ଠୀର ସଂଯୋଜକ ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ସୁରେଶ କର ଅତିଥି ପରିଚୟ ପ୍ରଦାନ କରିବା ସହ ବିଷୟବସ୍ତୁର ପ୍ରାକ୍ ସୂଚନା ପ୍ରଦାନ କରିଥିଲେ । ପରିଶେଷରେ ବିଭାଗୀୟ ଅଧ୍ୟାପକ ବିଷ୍ଣୁ ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଚର୍ଚ୍ଚାସତ୍ରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ ।

ଗଣ୍ଡଗାଁ ଗ୍ରାମର ଲୋକପ୍ରିୟ କଳାକାର ପଙ୍କଜ ଭାଇଙ୍କ ଅକାଳରେ ବିୟୋଗ

ଟିକାବାଲି, ୦୪/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଅନ୍ତର୍ଗତ କଇଁଝିର ଗ୍ରାମପଂଚାୟତ ନିକଟସ୍ଥ ଗଣ୍ଡଗାଁ ଗ୍ରାମର ଲୋକ ପ୍ରିୟ କଳାକାର ବା ଝାମୁଯାତ୍ରାର ସୁନାଧନ୍ୟ ବୀଣାକର ସ୍ୱର୍ଗତ ପଙ୍କଜ କହଁରଙ୍କ (ବୟସ ୫୪) ଅକାଳରେ ବିୟୋଗ ଖବର ଅଂଚଳରେ ତାଙ୍କରି ପ୍ରିୟ ପ୍ରଶଂସକଙ୍କ ମନ ରେ ଦୁଃଖର ଲୋହାରୀ ଖେଳିଯାଇଛି । ମୃତ ପଙ୍କଜ କହଁର ଅଂଚଳର ବେଶୀ ଲୋକପ୍ରିୟ ମେଳାପୀ ନମ୍ର ସରଳ ବ୍ୟକ୍ତି ଭାବରେ ଜଣାଶୁଣା ଅଟନ୍ତି । ସୂଚନା ଅନୁସାରେ ମୃତ ପଙ୍କଜ କହଁର ଭୋର ସକାଳୁ ଉଠି ନିକଟରେ ଥିବା ଛୁଆଁକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ସକାଳୁ ଘରକୁ ଫେରି ନ ଥିଲେ । ସକାଳୁ ଉଠି ଛୁଆଁକୁ ଯିବା ପାଖାପାଖି ଘର ପରିବାର ଉକ୍ତ ବ୍ୟକ୍ତିଙ୍କୁ କୁଆ ପାଖରେ ପଡ଼ିଥିବା ଦେଖିବାକୁ ପାଇଥିଲେ । ବିଡମ୍ବନାର ବିଷୟ ସ୍ୱର୍ଗତ ପଙ୍କଜ କହଁରଙ୍କ ଦୁଇ ଟି ଝିଅ ଏବଂ ଗୋଟିଏ ପୁଅ ଏହିପରି ପରିବାର ବେଶୀ ଖୁସିରେ ଥିଲେ । ପଙ୍କଜଙ୍କ ମୃତ୍ୟୁରେ ସହ ପରିବାର ଆତ୍ମୀୟ ଅଂଚଳବାସୀ ସମସ୍ତେ ଭାଙ୍ଗି ପଡିଛନ୍ତି । ନମ୍ର ସରଳ ମେଳାପୀ ପଙ୍କଜଙ୍କ କଳା ଆଦର୍ଶକୁ ଗାଁ ଆଜି ଝୁରୁଛି । ମୃତ୍ୟୁ ଘର ପରିବାର ପାଇଁ ତଥା ଅଂଚଳ ପାଇଁ ଏକ ଅପୂରଣୀୟ କ୍ଷତି ଅଟେ । ଏହି ପରି ଦୁଃଖଦ ସମୟରେ ପରିବାର କୁ ଈଶ୍ୱର ଧାର୍ଯ୍ୟ ଏବଂ ଶାନ୍ତି ଦିଅନ୍ତୁ ବୋଲି ଅଂଚଳ ବାସୀ ତଥା ତାଙ୍କ ସହିତ ଯୋଡ଼ି ହୋଇ ରହୁଥିବା କଳାକାର, ସାଙ୍ଗ ସାଥୀ, ଭାଇ ଓ ଭଉଣୀ, ପରିବାର ବର୍ଗଙ୍କୁ ସମବେଦନା କରିଛନ୍ତି ।

ମେଂଟାଲ ମୋହରମ ରାସ୍ତା ନାଁରେ ଲକ୍ଷାଧିକ ସରକାରୀ ଅର୍ଥ ହରିଲୁଟ ଉଦ୍ୟମ

ଏରସମା:ବାଲିକୁଦା, ୦୪/୧୨ (ଆ.ପ୍ର) : ବାଲିକୁଦା ବ୍ଲକ ତିଡିରା ପଂଚାୟତ ଏବଂ ଏରସମା ବ୍ଲକ ସୋମପୁର ପଂଚାୟତ ମଧଭାଗ ଦେଇ ବହିଯାଇଥିବ କେଉଟପାଳ ଗ୍ରାମରେ ଅଳକା ନଦୀ ବନ୍ଧ ଅବହେଳିତ ଅବସ୍ଥାରେ ପଡ଼ିରହିଥିଲା ଏହାକୁ ନେଇ ନଦୀ ବନ୍ଧକୁ ରାସ୍ତା ପାଇଁ ମେଂଟାଲ ମୋହରମ୍ ରାସ୍ତା ନିର୍ମାଣ ପାଇଁ ସରକାରଙ୍କ ତରଫରୁ ଯୋଜନା କରାଯାଇଥିଲା କିନ୍ତୁ ଉକ୍ତ ରାସ୍ତାକୁ ଜଳସମ୍ପଦ ବିଭାଗ ତରଫରୁ ମେଂଟାଲ୍ ମୋହରମ ରାସ୍ତା ତିଆରି କରାଯାଉଛି ହେଲେ ମେଂଟାଲ୍ ଜାଗାରେ ଚିପ୍ସ ଗୋଡ଼ି ପକାଇବା ସହିତ ମୋହରମ ନା ରେ ନାଲି ବାଲିରେ ନିମ୍ନ ମାନର ରାସ୍ତା କାମ କରାଯାଇଛି ଯାହାକୁ ନେଇ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ତେବେ ଉକ୍ତ ରାସ୍ତା ଉପରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ର କାର୍ଯ୍ୟ ହେଉ ଆସୁ ଥିବାବେଳେ ରାସ୍ତା ଲୋକମାନଙ୍କ ସୁବିଧାରେ ଆସୁନାହିଁ ଯାହା ଫଳରେ ରାସ୍ତା ଉପରେ ଅନା ବନା ଗଛ ସୃଷ୍ଟି ହୋଇ ଜଙ୍ଗଲ ହୋଇ ଯାଉଛି କିନ୍ତୁ ପ୍ରତିବର୍ଷ ଜଳସମ୍ପଦ ବିଭାଗ ତରଫରୁ ଲକ୍ଷାଧିକ ଟଙ୍କାର ନିମ୍ନ ମାନର ରାସ୍ତା ନିର୍ମାଣ କରି ଯନ୍ତ୍ରୀ ଓ ଠିକାଦାର ସରକାରୀ ଅର୍ଥ ହରିଲୁଟ କରି ମାଲେମାଲ ହେଉଛନ୍ତି । ତେବେ ଉକ୍ତ କାର୍ଯ୍ୟକୁ ଗ୍ରାମବାସୀ ମାନେ ବିରୋଧ କରିବା ସହିତ କିପରି ସଠିକ୍ ଭାବରେ ରାସ୍ତା ନିର୍ମାଣ କରାଯାଇ ପାରିବ ତାହା ଉପରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି । ତେବେ ଦେଖିବାକୁ ବାକି ରହିଲା କେବେ ଏହି ରାସ୍ତା ଉପରେ ହୋଇପାରୁଛି ।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମର ଶିକ୍ଷାର୍ଥୀ ଅଜୟଙ୍କ ଜାତୀୟସ୍ତରରେ କୃତିତ୍ୱ

ଖଲ୍ଲିକୋଟ, ୦୪/୧୨ (ଆ.ପ୍ର) : ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତର ଓଡ଼ିଆ ବିଭାଗରେ ଅଧ୍ୟୟନରତ ସ୍ନାତକ ଶେଷ ବର୍ଷର ଛାତ୍ର ତଥା ଏନସିସିର ସିନିଅର ଅଣ୍ଡର ଅଫିସର ଅଜୟ କୁମାର ବେହେରା ପର୍ବତାରୋହଣ ପ୍ରଶିକ୍ଷଣ ପାଠ୍ୟକ୍ରମରେ ଅଂଶ ଗ୍ରହଣ କରି ବିଶ୍ୱବିଦ୍ୟାଳୟ ତଥା ଓଡ଼ିଆ ବିଭାଗ ସମେତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ (ଏନସିସି)ପାଇଁ ସୁନାମ ନେଇ ଆସିଛନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଏହି କ୍ୟାମ୍ପ ଦକ୍ଷିଣ ସିକିମ୍ ଠାରେ ଆୟୋଜିତ ହୋଇ ଥିଲା । ଏହି କ୍ୟାମ୍ପ ନିମନ୍ତେ ସର୍ବଭାରତୀୟ ସ୍ତରରେ ୪୦ ଜଣ ସମର ଶିକ୍ଷାର୍ଥୀଙ୍କୁ ଚୟନ କରାଯାଇଥିବା ବେଳେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ ୫ ଜଣ ସମର ଶିକ୍ଷାର୍ଥୀ । ସେମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଏନ୍‌ସିସି ୟୁନିଟ୍‌ର ସିନିଅର ଅଣ୍ଡର ଅଫିସର ଅଜୟ କୁମାର ବେହେରା । ଦକ୍ଷିଣ ସିକିମ ଠାରେ କିଛିଦିନ ପ୍ରଶିକ୍ଷଣ ପରେ ଉତ୍ତର ସିକିମର ବରଫାଛନ୍ନ କାଂଚନଜଙ୍ଘା ଅଂଚଳକୁ ପ୍ରଶିକ୍ଷଣ ପାଇଁ ଯାଇଥିଲେ । ସେଠାରେ ୧୦ ଡିଗ୍ରୀ ଭଳି ଥଣ୍ଡାରେ ପ୍ରଶିକ୍ଷଣ ସହ ୧୬୭୬୦ ଫୁଟ ଉଚ୍ଚତା ବିଶିଷ୍ଟ ପର୍ବତାରୋହଣ କରି ରେକର୍ଡ କରିଥିଲେ । ଯାହା ଗର୍ବ ଓ ଗୌରବର ବିଷୟ । କେବଳ ପର୍ବତାରୋହଣ ନୁହେଁ ଅଜୟ କୁମାର ବେହେରା ଏହି ପ୍ରଶିକ୍ଷଣ ଅବସରରେ ଆମ ଓଡ଼ିଆ ତଥା ଦକ୍ଷିଣ ଓଡ଼ିଶାର ଭାଷା, ସାହିତ୍ୟ ତଥା ସଂସ୍କୃତିକୁ ପ୍ରତିନିଧିତ୍ୱ କରିବା ସହ ଅନ୍ୟ ରାଜ୍ୟର ସଂସ୍କୃତି ସମ୍ପର୍କରେ ଅବଗତ ହୋଇଛନ୍ତି । ଉଲ୍ଲେଖନୀୟ ବିଷୟ ଏହା ଯେ ଭୟାନକ ଥଣ୍ଡାରେ ପ୍ରଶିକ୍ଷଣ ନେବା ୧୬ ହଜାର ଫୁଟରୁ ଊର୍ଦ୍ଧ୍ୱ ଉଚ୍ଚତା ଅତିକ୍ରମ କରିବା, ଓଡ଼ିଶା ତଥା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ କରିବା ନିଶ୍ଚୟ ଗର୍ବର ବିଷୟ । ଅଜୟ କୁମାର ବେହେରାଙ୍କ ଏହି ସଫଳତାରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ପାର୍ବତୀ ମଞ୍ଜରୀ ମହାନ୍ତି, ସ୍ନାତକୋତର ପରିଷଦ ଅଧକ୍ଷ ଡ଼. ମନୋଜ କୁମାର ପଟ୍ଟନାୟକ, ଛାତ୍ର କଲ୍ୟାଣ ଅଧିକାରୀ ତଥା ଓଡ଼ିଆ ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥ,ଉପ କୁଳସଚିବ ଡ଼. ପ୍ରଶାନ୍ତ କୁମାର ନରେନ୍ଦ୍ର, ଏନସିସି ଆର୍ମି ୟୁନିଟର ସହଯୋଗୀ ଅଫିସର ତଥା ଦର୍ଶନ ଶାସ୍ତ୍ର ବିଭାଗ ମୁଖ୍ୟ କ୍ୟାପଟେନ ଡ. ଯତୀନ ବିଶୋୟୀ, ନାଭାଲ ୟୁନିଟ ସହାୟକ ଡ. ସୁଶୀଲ କୁମାର ରାଠୋର ସମେତ ଓଡ଼ିଆ ବିଭାଗ ଅଧ୍ୟାପକ ଡ଼. ମନୋରଞ୍ଜନ ବିଶୋୟୀ, ଅଧ୍ୟାପିକା ସ୍ୱର୍ଣ୍ଣଲତା ବିଶୋୟୀ ପ୍ରମୁଖ ବହୁ ଅଧ୍ୟାପକ ଅଧ୍ୟାପିକା ତଥା ସମର ଶିକ୍ଷାର୍ଥୀ ବାହିନୀରେ ସମସ୍ତ ସଦସ୍ୟ ଖୁସିବ୍ୟକ୍ତ କରିଛନ୍ତି ।

ଜଗତପୁର ନଦୀରୁ ମୃତଦେହ ଉଦ୍ଧାର

ଟାଙ୍ଗୀ ଚୌଦ୍ୱାର, ୦୪/୧୨ (ଆ.ପ୍ର) : ଜଗତପୁର (ଆଇ.ବି) ରୋଡ ସ୍ଥିତ ବିରୂପା ନଦୀ ମଧ୍ୟରୁ ଉଦ୍ଧାର ହେଲା ଯୁବକର ମୃତଦେହ, ଗତ ବୁଧବାର ୩/୧୨ରିଖ ସନ୍ଧ୍ୟା ସମୟରେ ଭୁବନେଶ୍ୱରରୁ ଦୁଇଜଣ ସାଙ୍ଗ ଏକ ଇଲେକ୍ଟ୍ରିକ କାର ଚଳାଇ ବିରୂପା ନଦୀ ମଧ୍ୟକୁ ଖସିଯାଇ ଥିଲେ । ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଂଶୁମାନ ନାମକ ଯୁବକଙ୍କୁ ଉଦ୍ଧାର କରାଯାଇଥିବା ବେଳେ, (ଓଡ୍ରାଫ୍ ଟିମ), (ଏନଡିଆରଏଫ)ବୁଧବାର ରାତ୍ରି ସମୟରେ ଅନେକ ଖୋଜା ଖୋଜି ପରେ ବୁଡ଼ିଯାଇଥିବା କାରଟି ଉଦ୍ଧାର ହୋଇଥିଲା ବେଳେ ରାତ୍ରି ଅଧିକ ହେବାରୁ ନିଖୋଜ ଯୁବକ ଉଦ୍ଧାର ହୋଇପାରିନଥିଲା । ପୁଣି ଗୁରୁବାର ସକାଳୁ ସ୍କୁବା ଡ୍ରାଇଭର ଖୋଜା ଖୋଜି କଲା ବେଳେ ନିଖୋଜ ଯୁବକ ଉଦିତ ସାହୁର ମୃତ ଦେହ ଉଦ୍ଧାର କରାଯାଇଥିଲା । ଆତ୍ମୀୟ ଲୋକଙ୍କ କାନ୍ଦବୋବାଳିରେ ନଦୀ କୂଳ ଏକ ପ୍ରକାର ଶୋକାକୁଳ ପରିବେଶ ହୋଇ ଉଠିଥିଲା । ଜଗତପୁର ପୋଲିସ ପକ୍ଷରୁ ଯୁବକର ମୃତ ଦେହକୁ ଶବ ବ୍ୟବଚ୍ଛେଦ ପାଇଁ କଟକ(ଏସ ସି ବି)ମେଡିକାଲ ପଠାଯାଇଥିଲା । ଦେଖଣାହାରୀଙ୍କ କହିବା ଅନୁଯାୟୀ ଇଲେକ୍ଟ୍ରିକ କାର ନେଇଗଲା ଯୁବକଙ୍କ ଜୀବନ ।

ନୂଆପଡାରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ

ନୂଆପଡ଼ା, ୦୪/୧୨ (ଆ.ପ୍ର) : ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ନୂଆପଡା ପୋଲିସ ପଡିଆଠାରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏକ ପଦ ଯାତ୍ରାର ଆୟୋଜନ କରାଯାଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଏହି ପଦଯାତ୍ରା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନେତୃତ୍ୱରେ ଶୁଭାରମ୍ଭ ହୋଇଥିଲା । ଏଥିରେ ଜିଲ୍ଲାର ପ୍ରାୟ ୩୦୦ ଦିବ୍ୟାଙ୍ଗ ଭାଇ ଭଉଣୀ ସାମିଲ ହୋଇ ଏକତା ଛକ ଦେଇ ପୋଲିସ ପଡିଆ ଠାରେ ପହଂଚିଥିଲେ । ପରେ ଦିନ ୧୧ଘଂଟା ସମୟରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ବିଶେଷ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଲୋକସଭା ସଦସ୍ୟାଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ରାମଲାଲ ହଂସ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ଉପ ଜିଲ୍ଲାପାଳ ସୁମି ସୋରେନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ ହେମ୍ବ୍ରମ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ମୃତିରେଖା ନନ୍ଦ ଏବଂ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଉକ୍ତ ସଭାରେ ଯୋଗଦାନ କରିଥିଲେ । ଜିଲ୍ଲାର ପ୍ରତ୍ୟେକ କୋଣ ଅନୁକୋଣରୁ ଅନୁନ୍ୟ ୬୦୦ ଜଣ ଦିବ୍ୟାଙ୍ଗ ଭାଇ ଭଉଣୀ ସଭାରେ ଉପସ୍ଥିତ ଥିଲେ । ଉକ୍ତ ସଭାରେ ଜିଲ୍ଲାପାଳ ତଥା ଅତିଥି ମାନେ ଦିବ୍ୟାଙ୍ଗ ଭାଇ ଭଉଣୀ ମାନଙ୍କର ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ ଏବଂ ଏହାର ସମାଧାନ ସଂପର୍କରେ ସୁଚିନ୍ତିତ ମତଦାନ ପ୍ରଦାନ କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବଂଟନ କରାଯାଇଥିଲା । ବିଭାଗ ତରଫରୁ ମିଳୁଥିବା ବିଭିନ୍ନ ସହାୟତାର ରାଶି ମଧ୍ୟ ହିତାଧିକାରୀ ମାନଙ୍କୁ ବଂଟନ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ଆରମ୍ଭ

SEITHU ARAMBHA

ଶୁକ୍ରବାର, ୦୫ ଡିସେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୮

ବାରବାଟୀରେ ପ୍ରଥମଥର ଖେଳିବେ ସୂର୍ଯ୍ୟ କୁମାର, ଅଭିଷେକ ଓ ତିଳକ

କଟକ, ୪।୧୨ (ଆ.ପ୍ର) : ବାରବାଟୀ ଟି-ଟ୍ୱେଂଟି ପାଇଁ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି । ନିଜ ପ୍ରିୟ ଖେଳାଳିଙ୍କୁ ପାଖରୁ ଦେଖିବାର ସୁଯୋଗ ହାତଛଡ଼ା କରିବେନି ପ୍ରଶଂସକ । ତେଣୁ ଟିକେଟ ଖଣ୍ଡେ ପାଇବାକୁ ଚାତକ ଭଳି ଚାହିଁ ବସିଛନ୍ତି । ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-ଟ୍ୱେଂଟି ସିରିଜ ପାଇଁ ଦଳ ଘୋଷଣା ହୋଇଛି । ଦଳରେ କିଛି ତାରକା ଘରୋଇ ଖେଳାଳି ପ୍ରଥମ ଥରବାରବାଟୀରେ ଖେଳିବେ । ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଅଭିଷେକ ଶର୍ମା ଓ ତିଳକ ବର୍ମା ପ୍ରଥମଥର ପାଇଁ ବାରବାଟୀ ଷ୍ଟାଡିୟମ୍ ଆସୁଛନ୍ତି । ବାରବାଟୀରେ ଏ ପର୍ଯ୍ୟନ୍ତ ମାତ୍ର ୩ଟି ଟି-ଟ୍ୱେଂଟି ଖେଳାଯାଇଛି । ୨୦୧୫ରେ ପ୍ରଥମ ଥର ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳ ହୋଇଥିଲା । ଏଥିରେ ଭ୍ରମଣକାରୀ ଦଳମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱାଧୀନ ଭାରତକୁ ୬ ୱିକେଟରେ ହରାଇଥିଲା । ଏହି ମ୍ୟାଚରେ ଧୋନିଙ୍କ ସମେତ ରୋହିତ ଶର୍ମା, ବିରାଟ କୋହଲି, ସୁରେଶ ରାଇନା,ଶିଖର ଧାୱନ ଓ ଆ.ଅଶ୍ୱିନାଙ୍କ ଭଳି କ୍ରିକେଟରଙ୍କୁ ଦେଖିବାକୁ ମିଳିଥିଲା ।୨ ବର୍ଷ ଅନ୍ତରରେ ୨୦୧୭ରେ ପୁଣି ଥରେ ବାରବାଟୀକୁ ଫେରିଥିଲା ଟି-ଟ୍ୱେଂଟି । ଭାରତ ସାମ୍ନାରେ ଥିଲା ଶ୍ରୀଲଙ୍କା । ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତ ଶ୍ରୀଲଙ୍କାକୁ ଏକତରଫା ଭାବେ ୯୩ରନ୍ରେ ହରାଇଥିଲା । ଏଥିରେ ଶ୍ରେୟାଶ ଆୟର, ଯଶପ୍ରୀତ ବୁମରା, ହାର୍ଦ୍ଦିକ ପାଣ୍ଡ୍ୟା, କୁଲଦୀପ ଯାଦବଙ୍କ ଭଳି ଖେଳଳିଙ୍କୁ ଦେଖିବାକୁ ମିଳିଥିଲା । ୨୦୨୨ ଜାନୁୟାରୀ ୧୨ରେ ଅନୁଷ୍ଠିତ ବାରବାଟୀର ତୃତୀୟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୪ ୱିକେଟରେ ଘରୋଇ ଦଳକୁ ହରାଇଥିଲା । ରିଷଭ ପନ୍ତଙ୍କ ନେତୃତ୍ୱରେ ଖେଳିଥିଲା ଭାରତ ।

ରୁଟଙ୍କ ଶତକ ସତ୍ତ୍ୱେ, ଇଂଲଣ୍ଡକୁ ଘାଇଲା କଲେ ମିଚେଲ ଷ୍ଟାର୍କ

ନୂଆଦିଲ୍ଲୀ, ୪।୧୨(ନ୍ୟୁ.ଏ): ଆଶେଷ ଟେଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚ୍ ଆଜି ଠାରୁ ଗାବାରେ ଆରମ୍ଭ ହୋଇଛି । ପିଙ୍କ ବଲରେ ଖେଳା ଯାଉଥିବା ଏହି ଟେଷ୍ଟର ପ୍ରଥମ ଦିନରେ ଚମକିଛନ୍ତି ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଓ ଇଂଲଣ୍ଡ ବ୍ୟାଟର ଜୋ ରୁଟ । ଅଭିଜ୍ଞ ରୁଟ ଶତକ ହାସଲ କରିଥିଲେ ହେଁ ଷ୍ଟାର୍କଙ୍କ ଘାତକ ବୋଲିଂରେ ଘାଇଲା ହୋଇଛି ଇଂଲଣ୍ଡ । ଷ୍ଟାର୍କ ଏକାକୀ ୬ ୱିକେଟ ଦଖଲ କରିବାରୁ ରୁଟଙ୍କ ଶତକ ସତ୍ତ୍ୱେ ଇଂଲଣ୍ଡ ପ୍ରଥମ ଇନିଂସର ପ୍ରଥମ ଦିନରେ ୯ ୱିକେଟ ହରାଇ ୩୨୫ ରନ କରି ନେଇଛି । ଷ୍ଟମ୍ପ ଅପସାରଣ ବେଳକୁ ରୁଟ ୧୩୫ ଓ ଜୋଫ୍ରା ଆର୍ଚର ୩୨ ରନ କରି ଅପରାଜିତ ରହିଛନ୍ତି । ଷ୍ଟାର୍କ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ମଧ୍ୟ ୭ ୱିକେଟ ନେଇଥିଲେ । ପର୍ଥରେ ଇଂଲଣ୍ଡ ପ୍ରଥମେ ଇନିଂସରେ ଲିଡ ହାସଲ କରିବା ସତ୍ତ୍ୱେ ଟ୍ରାଭିସ ହେଡଙ୍କ ବିସ୍ଫୋରଣ ଯୋଗୁ ପରାସ୍ତ ହୋଇଥିଲା । ଏବେ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ମଧ୍ୟ ଷ୍ଟାର୍କଙ୍କ ଜଲୱା ଦେଖା ଯାଇଛି । ସେ ମ୍ୟାଚ୍ର ପ୍ରଥମ ଓଭରରେ ହିଁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଇଂଲଣ୍ଡର ବେନ ଡକେଟ(୦)ଙ୍କୁ ଆଉଟ କରିଥିଲେ । ଏହାପରେ ଓଲି ପୋପ(୦) ତାଙ୍କ ଦ୍ୱିତୀୟ ଶିକାର ବନିଥିଲେ । ଇଂଲଣ୍ଡ ୫ ରନରେ ୨ଟି ୱିକେଟ ହରାଇଥିଲା । ଏତିକି ବେଳେ ରୁଟ ଓ କ୍ରାଉଲୀ ସ୍ଥିତି ସମ୍ଭାଳିଥିଲେ । କ୍ରାଉଲୀ ବଡ଼ବଡ଼ ଶଟ ମଧ୍ୟ ଖେଳିଥିଲେ । ଏଥିସହ ସେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ । ଉଭୟ ଭଲ ଲୟରେ ଥିବା ବେଳେ ବିପର୍ଯ୍ୟୟ ଘଟାଇଥିଲେ ମାଇକେଲ ନେସେର । ସେ ୭୬ ରନ କରିଥିବା କ୍ରାଉଲୀଙ୍କୁ ଆଉଟ କରି ଇଂଲଣ୍ଡକୁ ତୃତୀୟ ଝଟକା ଦେଇଥିଲେ । ହ୍ୟାରୀ ବ୍ରୁକ ୩୩ ବଲରେ ୩୧ ରନ କରିଥିଲେ ହେଁ ଏହାକୁ ବଡ଼ ସ୍କୋରରେ ପରିଣତ କରି ପାରି ନଥିଲେ । ତାଙ୍କ ୱିକେଟ ଷ୍ଟାର୍କଙ୍କ ଖାତାକୁ ଯାଇଛି । ଅଧିନାୟକ ବେନ ଷ୍ଟୋକ୍ସ(୧୯) ଭଲ ଲୟରେ ଥିଲେ ହେଁ ରନ ଆଉଟ ରୂପେ ପ୍ୟାଭିଲିୟନ ଫେରିଥିଲେ । ୱିକେଟ କିପର ଜେମି ସ୍ମିଥ ପୁଣିଥରେ ସମସ୍ତଙ୍କୁ ନିରାଶ କରିଛନ୍ତି । ସେ ଖାତା ଖୋଲିବା ପୂର୍ବରୁ ସ୍କଟ ବୋଲାଣ୍ଡଙ୍କ ବଲରେ ବୋଲ୍ଡ ହୋଇଯାଇଥିଲେ । ୱିଲ ଜ୍ୟାକ ୧୯ ରନ କରିଥିବା ବେଳେ ଷ୍ଟାର୍କଙ୍କ ୪ର୍ଥ ଶିକାର ବନିଥିଲେ । ଗସ ଅଟକିନସନ(୪) ଓ ବ୍ରାୟଡନ କାର୍ସେ(୦)ଙ୍କୁ ଷ୍ଟାର୍କ ସମାନ ଓଭରରେ ପ୍ୟାଭିଲିୟନ ପଠାଇ ଦେଇଥିଲେ । ଏଥିସହ ଇନିଂସରେ ନିଜର ୬ଷ୍ଠ ସଫଳତା ହାସଲ କରିଥିଲେ । ଗୋଟିଏ ପଟେ ୱିକେଟ ଝଡୁଥିବା ବେଳେ ରୁଟଅନ୍ୟ ପଟେ ଦମଦାର ବ୍ୟାଟିଂ କରି ପ୍ରଥମେ ନିଜର ଶତକ ହାସଲ କରିଥିଲେ । ଶେଷ ୱିକେଟ ପାଇଁ ଜୋଫ୍ରା ଆର୍ଚରଙ୍କ ସହ ମିଶି ଦ୍ରୁତ ଗତିରେ କିଛି ରନ ସଂଗ୍ରହ କରିବାକୁ ଚେଷ୍ଟା କରିଥିଲେ । ରୁଟ ଚୌକା ମାରୁଥିବା ବେଳେ ଆର୍ଚର ପ୍ରଥମେ ବୋଲାଣ୍ଡଙ୍କୁ ଗୋଟିଏ ଛକା ମାରିଥିଲେ । ଏହାପରେ ସେ କ୍ୟାଚ ଦେଇଥିଲେ ହେଁ ମାର୍ନସ ଲାବୁଶେନ ଓ ଆଲେକ୍ସ କେରୀଙ୍କ ମଧ୍ୟରେ ତାଳ ମେଳ ଅଭାବରୁ ଏହା ଡ୍ରପ ହୋଇ ଯାଇଥିଲା । ଆର୍ଚର ଓ ରୁଟଙ୍କ ବ୍ୟାଟରୁ କିଛି ବଡ଼ ଶଟ ମଧ୍ୟ ଦେଖିବାକୁ ମିଳିଥିଲା । ଏପରି କି ଉଭୟ ଇଂଲଣ୍ଡର ସ୍କୋରକୁ ୩୦୦ ପାର କରାଇଥିଲେ । ରୁଟ ରିଭର୍ସ ସୁଇପରେ ଛକା ମାରି ନିଜର ଆକ୍ରମଣାତ୍ମକ ରୂପ ମଧ୍ୟ ଦେଖାଇଥିଲେ । ଆର୍ଚର ମଧ୍ୟ ପଛରେ ପଡ଼ି ନଥିଲେ । ଉଭୟ ଦମଦାର ବ୍ୟାଟିଂ କରିବା ସହ ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ । ଆର୍ଚର ୨୬ ବଲରେ ୩୨ ଓ ରୁଟ ୧୩୫ ରନ କରିଥିବା ବେଳେ ଅମ୍ପାୟାର ପ୍ରଥମ ଦିନର ଖେଳକୁ ବନ୍ଦ ଘୋଷଣା କରିଥିଲେ । ଇଂଲଣ୍ଡ ଆଜି ୭୪ ଓଭର ବ୍ୟାଟିଂ କରି ୯ ୱିକେଟ ହରାଇ ୩୨୫ ରନ କରିଛି । ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟାର୍କ ସର୍ବାଧିକ ୬ ୱିକେଟ ନେଇଥିବା ବେଳେ ବୋଲାଣ୍ଡ ଓ ନେସେର ଗୋଟିଏ ଲେଖାଏ ସଫଳତା ପାଇଛନ୍ତି । ଗୋଟିଏ ୱିକେଟ ରନ ଆଉଟରୁ ମିଳିଛି ।



ବ୍ୟାଡମିଂଟନ ଚମ୍ପିଅନସିପ୍ରେ ଚମକିଲେ ଓଡ଼ିଆ ଖେଳାଳି ସ୍ୱାତି-ନିମିଶା

ଭୁବନେଶ୍ୱର, ୪।୧୨ (ଆ.ପ୍ର) : ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିସରସ୍ଥ ଡାଲମିଆ ଭାରତ ଗୋପୀଚାନ୍ଦ ବ୍ୟାଡମିଂଟନ ଉତ୍କର୍ଷ କେନ୍ଦ୍ର (ସଚଲ)ରେ ଆୟୋଜିତ ୩୭ତମ ଜାତୀୟ ସବ୍ ଜୁନିଅର ବ୍ୟାଡମିଂଟନ ଚମ୍ପିୟାନସିପର ଚତୁର୍ଥ ଦିନରେ ଉଭୟ ବୟସ ବର୍ଗରେ ସମସ୍ତ ବିଭାଗର ସେମିଫାଇନାଲ ଲାଇନ ଚୂଡ଼ାନ୍ତ ହୋଇଯାଇଅଛିି ଚତୁର୍ଥ ଦିନର ଖେଳରେ ଓଡ଼ିଆ ଖେଳାଳି ତନଶ୍ୱି ପତ୍ରି ୧୫ବର୍ଷରୁ କମ୍ ବୟସ ବର୍ଗର କ୍ୱାର୍ଟର ଫାଇନାଲରେ ଉତ୍ତରପ୍ରଦେଶର ଅଗ୍ରୀମା ସିଂଙ୍କୁ ୨୧-୧୪ ଓ ୨୧-୧୪ପଏଂଟରେ ଦୁଇଟି ଗେମ୍ରେ ପରାଜିତ କରି ସେମି ଫାଇନାଲରେ ପହଂଚିଛନ୍ତିି ଏହି ବୟସ ବର୍ଗରେ ତେଲେଙ୍ଗାନାର ଅବନି ବିକ୍ରମ ଗୋବିନ୍ଦ, ହାମସିନୀ ଚନ୍ଦରମ ଓ ପଞ୍ଜାବର ଇନାୟତ ଗୁଲାଟି ନିଜ ନିଜ ପ୍ରତିଦ୍ୱନ୍ଦୀଙ୍କୁ ହରାଇ ସେମି ଫାଇନାଲ୍ରେ ପହଂଚିଛନ୍ତି । ବାଳକ ୧୫ବର୍ଷରୁ କମ୍ ବିଭାଗର କ୍ୱାର୍ଟର ଫାଇନାଲ ଲଢ଼େଇରେ ତେଲେଙ୍ଗାନାର ଶ୍ରୀଚେତନ ସୌର୍ଯ୍ୟ ସାମଲା ଟପ ସିଡ ପଞ୍ଜାବର ଓ୍ୱାଜିର ସିଂଙ୍କୁ ୨୧-୧୯, ୨୧-୨୩ ଓ ୨୧-୧୮ ପଏଂଟରେ ହରାଇ ସେମି ଫାଇନାଲ ପହଂଚିଛନ୍ତି । ଏହିବିଭାଗରେ କର୍ଣ୍ଣାଟକର ପ୍ରୁଷର ସାଇ, ଦିଲ୍ଲୀର ହର୍ଷିତ ଖତ୍ରୀ ଓ ରାଜସ୍ଥାନର ଅଂଶୁମାନ ଚୌଧୁରୀ ନିଜ ନିଜ ପ୍ରତିଦ୍ୱନ୍ଦୀଙ୍କୁ ହରାଇ ସେମି ଫାଇନାଲ୍ରେ ପହଂଚିଛନ୍ତିି ୧୫ବର୍ଷରୁ କମ୍ ବାଳିକା ଡବଲସ୍ରେ ଓଡ଼ିଆ ଯୋଡି ସ୍ୱାତି ନାୟକ ଓ ନିମିଶା ଓଝା ନିଜ ପ୍ରତିଦ୍ୱନ୍ଦୀ କର୍ଣ୍ଣାଟକ ଯୋଡି ଶ୍ରେୟା କାନ୍ଦିବିଲ୍ଲୀ ଓ ଶ୍ରୀ ନାଗଲକ୍ଷ୍ମୀ. ପି. ଙ୍କୁ ୨୨-୨୦, ୧୪-୨୧ ଓ ୨୧-୧୧ ପଏଂଟରେ ପରାସ୍ତ କରି ସେମିଫାଇନାଲ୍ରେ ପହଂଚିଛନ୍ତି । ଏହି ବିଭାଗର ଅନ୍ୟ ଏକ କ୍ୱାଟରରେ ତାମିଲନାଡୁ ଯୋଡି ନୟୋନିକା. ଏ. ଏବଂ ଧନ୍ୟା. ଏସ. ଜେ. ଆନ୍ଧ୍ର-ହରିଆଣା ଯୋଡି ତ୍ରିସିଥା ଓ ଜୋଏଲ ରଣାଙ୍କୁ ହରାଇ ସେମିଫାଇନାଲରେ ପହଂଚିଛନ୍ତି । ୧୭ ବର୍ଷରୁ କମ୍ ବାଳିକା ସିଙ୍ଗଲ ବିଭାଗରେ ତନଶ୍ୱି ପତ୍ରି ନିଜ ପ୍ରତିଦ୍ୱନ୍ଦୀ କେରଳର ଢିଆ ମାରିଆ ଜୋସଙ୍କୁ ୨୧-୧୫,୨୧-୧୨ ଦୁଇଟି ଗେମ୍ରେ ପରାସ୍ତ କରି ପ୍ରତିଯୋଗୀତାର ସେମି ଫାଇନାଲ୍ରେ ପ୍ରବେଶ କରିଛନ୍ତି । ଏହି ବିଭାଗର ଅନ୍ୟ କ୍ୱାଟର ଫାଇନାଲ ଲଢ଼େଇରେ ତାମିଲନାଡୁ ଖେଳାଳି ଦୀକ୍ଷା ଏସ. ଆର, ଦିଲ୍ଲୀ ଖେଳାଳି ଋଷିକା ନନ୍ଦୀ ନିଜ ନିଜ ପ୍ରତିଦ୍ୱନ୍ଦୀଙ୍କୁ ପରାସ୍ତ କରି ସେମି ଫାଇନାଲ୍ରେ ପହଂଚିଛନ୍ତି । ୧୭ ବର୍ଷ କମ ବାଳକ ବିଭାଗରେ ଟପ ସିଡ ଜଗସେର ସିଂ ଖାଙ୍ଗୁରା କର୍ଣ୍ଣାଟକର ପ୍ରଣବ ଏମ୍ଙ୍କୁ ୨୧-୧୪,୨୧-୧୭ ହରାଇ ସେମି ଫାଇନାଲରେ ପହଂଚିଛନ୍ତି । ଏହି ବିଭାଗରେ ଆସାମର ବର୍ଣ୍ଣିଲ ଆକାଶ ଚେଙ୍ଗମାଇ, ପଞ୍ଜାବର ବିରାଜ ଶର୍ମା, ମହାରାଷ୍ଟ୍ରର ଦେବ ରୂପରେଲିଆ ନିଜ ନିଜ ପ୍ରତିଦ୍ୱନ୍ଦୀଙ୍କୁ ହରାଇ ସେମିଫାଇନାଲ ରେ ପହଂଚିଛନ୍ତିି ୫ ତାରିଖ ଦିନ ସମସ୍ତ ବିଭାଗର ସେମି ଫାଇନାଲ ଏବଂ ଆଗାମୀ ୬ ତାରିଖ ଦିନ ଏହି ଜାତୀୟ ଚମ୍ପିଅନସିପ୍ର ସମସ୍ତ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଓସବା ତଥା ଆୟୋଜନ କମିଟି ସମ୍ପାଦକ ନିର୍ଲିନ କୁମାର ଜଣାଇଛନ୍ତି ।

ପାକିସ୍ତାନର କାର୍ଯ୍ୟକଳାପ ଉପରେ ୪୨ ଆମେରିକୀୟ ସାଂସଦ ଅସନ୍ତୁଷ୍ଟ

ନୂଆଦିଲ୍ଲୀ, ୪।୧୨(ନ୍ୟୁ.ଏ): ପାକିସ୍ତାନରେ ଚାଲିଥିବା ଦମନକାରୀ କାର୍ଯ୍ୟକୁ ନେଇ ଆମେରିକା ରାଜନୀତି ସରଗରମ ଆମେରିକା କଂଗ୍ରେସର ଦୁଇ ବଡ଼ ନେତା ପ୍ରମିଳା ଜୟପାଳ ଓ ଗ୍ରେଗ୍ କେସରଙ୍କ ନେତୃତ୍ୱରେ ପ୍ରାୟ ୪୨ ପ୍ରମୁଖ ଆମେରିକୀୟ ସାଂସଦ ବୈଦେଶିକ ମନ୍ତ୍ରୀ ମାର୍କ ରୁବିଓଙ୍କୁ ଚିଠି ଲେଖି ଚିନ୍ତା ପ୍ରକାଶ କରିଛନ୍ତି । ସେମାନେ ପାକିସ୍ତାନ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରୁବିଓଙ୍କ ନିକଟରେ ଦାବି କରିଛନ୍ତି । ଏହି ସାଂସଦ ରୁବିଓଙ୍କୁ ଅପିଲ କରିଛନ୍ତି ଯେ, ପାକିସ୍ତାନରେ ଲୋକତନ୍ତ୍ର ଓ ମାନବାଧିକାର ବିରୋଧି ଥିବା ଦମନ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ପାକିସ୍ତାନ ଏକଛତ୍ରବାଦୀ ସ୍ଥିତିରେ ରହିଛି, ଯେଉଁଠି ଲୋକତାନ୍ତ୍ରିକ ସଂସ୍ଥାକୁ ଦୁର୍ବଳ କରି ସ୍ୱାଧିନତାକୁ ଶେଷ କରି ଦିଆଯାଉଛି । ଏହି ଦାୟିତ୍ୱ ଆମେରିକାର, ସେ ପାକ୍ ସେନା ଅଧିକାରୀଙ୍କୁ ଉତ୍ତର ମାଗୁ । ଯେଉଁ ଅଧିକାରୀ ମାନବାଧିକାର ଉଲଂଘନ କରୁଛନ୍ତି, ତାଙ୍କର ଭିସା ବନ୍ଦ ଏବଂ ସମ୍ପତି ଜବତ କରିବା ଭଳି ପଦକ୍ଷେପ ତୁରନ୍ତ ଗ୍ରହଣ କରାଯାଉ । ପାକିସ୍ତାନରେ ଆମେରିକା ନାଗରିକ ଓ ତାଙ୍କ ପରିବାରକୁ ଧମକ ମିଳୁଛି, ଯାହା ଖୁବ୍ ଭୟଙ୍କର । ପାକ୍ ସରକାର କାର୍ଯ୍ୟାନୁଷ୍ଠାନରେ ମନମାନୀ କଷ୍ଟଡି, ହିଂସା ଓ ପ୍ରତିଶୋଧର ସଜା ସାମିଲ ରହିଛି । ଏହି ସବୁ ବାକ୍ ସ୍ୱାଧୀନତାକୁ ମଧ୍ୟ ଉଲଂଘନ କରିଥାଏ ଓ ଆମେରିକାରେ ବିଦେଶୀ ହସ୍ତକ୍ଷେପ ଏକ ଖରାପ ଉଦାହରଣ ପାଲଟିଛି । ଏହା ସହ ସାଂସଦମାନେ ପାକିସ୍ତାନର ସେନା ନେତୃତ୍ୱକୁ ମଧ୍ୟ କଡ଼ା ସମାଲୋଚନା କରିଛନ୍ତି । ସେ କହିଛନ୍ତି, ତାଙ୍କୁ ମାନବାଧିକାର ଉଲଂଘନ ପାଇଁ ଦାୟୀ କରାଯିବା ଦରକାର । ସେମାନେ ରାଜନୈତିକ କଏଦୀଙ୍କ ମୁକ୍ତିର ଦାବି କରିଛନ୍ତି । ଏହା ସହ ଚେତାବନୀ ଦେଇଛନ୍ତି ପାକିସ୍ତାନରେ ଲୋକତନ୍ତ୍ର ଶେଷ ହେଉଛି । ବିରୋଧି ଓ ସାମ୍ବାଦିକଙ୍କୁ ଟାର୍ଗେଟ କରାଯାଉଛି । ବିଶେଷ ଭାବରେ ମହିଳା, ସଂଖ୍ୟାଲଘୁ ଓ ବେଲୁଚିସ୍ତାନର ଲୋକ ଅଧିକ ପ୍ରଭାବିତ ହେଉଛନ୍ତି ।

ସରକାର ଚାହୁଁନାହାନ୍ତି ପୁଟିନଙ୍କୁ ଭେଟନ୍ତୁ ରାହୁଲ: କଂଗ୍ରେସର ବଡ଼ ଅଭିଯୋଗ

ନୂଆଦିଲ୍ଲୀ, ୪।୧୨(ନ୍ୟୁ.ଏ): ରୁଷ ରାଷ୍ଟ୍ରପତି ପୁଟିନ ଆଜି ଭାରତ ଗସ୍ତରେ ଆସୁଛନ୍ତି । ତାଙ୍କ ଗସ୍ତକୁ ନେଇ ରାଜନୀତି ଆରମ୍ଭ ହୋଇସାରିଛି । ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସରକାରଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଯେ, ସରକାର ଚାହୁଁନାହାନ୍ତି ବିରୋଧୀ ଦଳ ବାହ୍ୟ ପ୍ରତିନିଧିମଣ୍ଡଳ ସହିତ ସାକ୍ଷାତ କରନ୍ତୁ । ଏଭଳି କରି ସରକାର ପ୍ରୋଟୋକଲ ପାଳନ କରୁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ କହିଛନ୍ତି,ସାଧାରଣତଃ ଏହା ପରମ୍ପରା ଯେ, ବିଦେଶରୁ ଆସୁଥିବା ଯେକୌଣସି ବ୍ୟକ୍ତି ବିରୋଧୀ ଦଳ ନେତାଙ୍କୁ ଭେଟିଥାନ୍ତି । ବାଜପେୟୀ ଏବଂ ମନମୋହନ ସିଂହ ସରକାର ସମୟରେ ମଧ୍ୟ ଏହା ହୋଇଥିଲା । ଏହା ପରମ୍ପରା ରହିଆସିଛି । କିନ୍ତୁ ଆଜିକାଲି ଯେତେବେଳେ ମୁଁ ବିଦେଶ ଯାଏ, ବିଦେଶୀ ବିଶିଷ୍ଟ ବ୍ୟକ୍ତି କିମ୍ବା ସରକାର ସେମାନଙ୍କୁ ବିରୋଧୀ ଦଳ ନେତାଙ୍କୁ ନ ଭେଟିବାକୁ ପରାମର୍ଶ ଦିଅନ୍ତି । ଏହା ସେମାନଙ୍କର ନୀତି, ଏବଂ ସେମାନେ ସବୁବେଳେ ଏହା କରନ୍ତି । ରୁଷ ରାଷ୍ଟ୍ରପତିଙ୍କ ଗସ୍ତ ବିଷୟରେ ସେ କହିଛନ୍ତି, ଆମର ସମସ୍ତଙ୍କ ସହିତ ସମ୍ପର୍କ ଅଛି । ବିରୋଧୀ ନେତାମାନେ ଏକ ଭିନ୍ନ ଦୃଷ୍ଟିକୋଣ ପ୍ରଦାନ କରନ୍ତି । ଆମେ ଭାରତକୁ ମଧ୍ୟ ପ୍ରତିନିଧିତ୍ୱ କରୁ । ଏହା କେବଳ ସରକାର ନୁହେଁ ଯିଏ ଏହା କରନ୍ତି । ସରକାର ଚାହୁଁନାହାନ୍ତି ବିରୋଧୀ ଦଳ ବାହାରର ଲୋକଙ୍କ ସହିତ ସାକ୍ଷାତ କରନ୍ତୁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଏବଂ ବୈଦେଶିକ ମନ୍ତ୍ରଣାଳୟ ଏହି ନିୟମ ପାଳନ କରନ୍ତି ନାହିଁ । ଏହା ସେମାନଙ୍କର ମନରେ ଥିବା ଅସୁରକ୍ଷିତ ଭାବନା । ପ୍ରଧାନମନ୍ତ୍ରୀ ମୋଦୀ ଆଜି ଗୁରୁବାର ଦିନ ତାଙ୍କ ବାସଭବନରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପାଇଁ ଏକ ରାଜ୍ୟସ୍ତରୀୟ ରାତ୍ରିଭୋଜନ ଆୟୋଜନ କରିଛନ୍ତି । ପୁଟିନ ଦୁଇ ଦିନିଆ ଗସ୍ତରେ ଭାରତ ଆସୁଛନ୍ତି । ରାତ୍ରିଭୋଜନ ପରେ, ଦୁଇ ନେତା ଆସନ୍ତାକାଲି ଶୁକ୍ରବାର ଦିନ ହାଇଦ୍ରାବାଦ ହାଉସରେ ୨୩ତମ ଭାରତ-ରୁଷ ବାର୍ଷିକ ଶିଖର ସମ୍ମିଳନୀରେ ଦ୍ୱିପାକ୍ଷିକ ଆଲୋଚନା କରିବେ । ଏହି ଗସ୍ତ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ହେଉଛି ଯେତେବେଳେ ଆମେରିକା ସହିତ ଭାରତର ସମ୍ପର୍କ ସର୍ବକାଳୀନ ସର୍ବନିମ୍ନ ସ୍ତରରେ ଅଛି । ତେଣୁ ରୁଷ ସହିତ ରଣନୈତିକ ଏବଂ ଆର୍ଥିକ ସହଭାଗୀତାକୁ ସୁଦୃଢ଼ କରିବା ପାଇଁ ପ୍ରୟାସ ଚାଲିଛି । ପୁଟିନଙ୍କ ଗସ୍ତ ପୂର୍ବରୁ, ଗୁରୁବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ତାଙ୍କ ରୁଷ ପ୍ରତିପକ୍ଷ ଆଣ୍ଡ୍ରେ ବେଲୌସୋଭଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ । ଏହି ବୈଠକର ଏଜେଣ୍ଡା ଏସ-୪୦୦ କ୍ଷେପଣାସ୍ତ୍ରର ଅତିରିକ୍ତ କ୍ରୟ (ଯାହା ଅପରେସନ ସିନ୍ଦୁରରେ ପ୍ରଭାବଶାଳୀ ପ୍ରମାଣିତ ହୋଇଥିଲା), ସୁଖୋଇ-୩୦ ଗ୍ରେଡମେଂଟ, ଏସୟୁ-୫୭(ଏଙ୍କ-୫୭) ଲଢ଼ୁଆ ବିମାନର ସମ୍ଭାବ୍ୟ ଯୋଗାଣ ଏବଂ ସାମରିକ ଉପକରଣର ଶୀଘ୍ର ବିତରଣ ଉପରେ ଧ୍ୟାନ ଦିଆଯିବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଆୟୋଜିତ ଏକ ରାଜ୍ୟ ଭୋଜିରେ ଯୋଗ ଦେବା ପରେ ରୁଷ ରାଷ୍ଟ୍ରପତି ପୁଟିନ ଶୁକ୍ରବାର ରାତି ସାଢ଼େ ୯ଟାରେ ମସ୍କୋ ଅଭିମୁଖେ ଯାତ୍ରା କରିବେ ।

୩୬ ତମ କୋଣାର୍କ ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ମଣିପୁରୀ ଓ ଓଡିଶୀ ନୃତ୍ୟ ଦର୍ଶକଙ୍କ ମନ ମୋହିଲା

କୋଣାର୍କ, ୪।୧୨ (ଆ.ପ୍ର) : ରାଜ୍ୟ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ତଥା ସଙ୍ଗୀତ ନାଟକ ଏକାଡେମୀ ଓ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ମିଳିତ ଉଦ୍ୟମରେ କୋଣାର୍କ ଠାରେ ଆୟୋଜିତ ୩୬ତମ କୋଣାର୍କ ଉତ୍ସବର ଆଜି ଥିଲା ଚତୁର୍ଥ ସନ୍ଧ୍ୟା । ଏହି ଚତୁର୍ଥ ସନ୍ଧ୍ୟାରେ ଦେଖିବାକୁ ମିଳିଥିଲା ମଣିପୁରୀ ଓ ଓଡିଶୀ ନୃତ୍ୟର ଅପୂର୍ବ ସମ୍ଭାର । କୋଣାର୍କ ମନ୍ଦିର ହେଉଛି ଅପୂର୍ବ ଶିଳ୍ପକଳା,ପ୍ରାଚୀନ କୀର୍ତ୍ତିରାଜି ଓ ମୂଲ୍ୟବାନସାଂସ୍କୃତିକ ପରମ୍ପରାର ଚରମ ନିଦର୍ଶନ । ଓଡ଼ିଶୀ ମନ୍ଦିରର ଚାରୁକାରୁକଳା ସହିତ ପୁରୁଷ ଓ ପ୍ରକୃତିର ଏକ ଶୋଭନୀୟ ପ୍ରତିଷ୍ଠାନ-ଏହି ମନ୍ଦିର । ମନ୍ଦିର କଳାର ଶିଖରମଣ୍ଡପ,ଗର୍ଭଗୃହ,ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ସହ ବହୁଳ କଳା ନିପୁଣତା ଏବଂ କଳା କୌଶଳର ନିଦର୍ଶନ ମିଳେ । ଆଜି ପ୍ରଥମ ପର୍ଯ୍ୟାୟରେ କଲିକତାରୁ ଆସିଥିବା ବିମ୍ବାବତୀ ଦେବୀଙ୍କ ମଣିପୁରୀ ନର୍ତ୍ତନାଳୟର ଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା ମଣିପୁରୀ ନୃତ୍ୟ । ଶ୍ରୀମତୀ ବିମ୍ବାବତୀ ଦେବୀ ବିଗତ ପାଂଚ ଦଶନ୍ଧି ଧରି କ୍ରୁଟିପୁର୍ତ୍ତି ନୃତ୍ୟ ଶୈଳୀର ଜଣେ ଧୁରୀଣ ନୃତ୍ୟାଙ୍ଗନା । ସେମାନଙ୍କ ଉପସ୍ଥାପନରେ ଥିଲା ଲୀଳାକମଳ,ଏହି ପ୍ରସ୍ତୁତିଟି ମୂଳତଃ କିମ୍ବଦନ୍ତୀ ବାଦକ ଗୁରୁ ବିପିନ ସିଂହଙ୍କ ଦ୍ୱାରା ରଚିତ ଗୋଷ୍ଠଲୀଳାର ପାରମ୍ପରିକ ନୃତ୍ୟ ଦ୍ୱାରା ଅନୁପ୍ରାଣିତ ଥିଲା ଯେଉଁଥିରେ କୃଷ୍ଣଙ୍କ ବିଭିନ୍ନ ସାହସିକ ଲୀଳାକୁ ଅନୁସରଣ କରଯାଇଥିଲା । ଏହି ପ୍ରସ୍ତୁତିଟିରେ ନୃତ୍ୟ ଏବଂ ସଙ୍ଗୀତ ସହିତ ମିଶ୍ରିତ କରାଯାଇଥିଲା ଯାହା ମଣିପୁରର ବିଭିନ୍ନ ବୈଷ୍ଣବ ପ୍ରଦର୍ଶନ ପରମ୍ପରାର ଏକ ଅତ୍ୟାବଶ୍ୟକ ଅଂଶ ଥିଲା ଯାହାର ନୃତ୍ୟ ସଂରଚନା ବିମ୍ବାବତୀ ଦେବୀ କରିଥିଲେ । ଦିତୀୟ ପର୍ଯ୍ୟାୟରେ ଭୁବନେଶ୍ୱରର ଭାରତୀ ନୃତ୍ୟ ମନ୍ଦିରରଗୁରୁ ଭରତ ଚରଣ ଗିରି ଓ ସାଥୀଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା ଓଡିଶୀ ନୃତ୍ୟ । ସେମାନଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ଚାରୁକେଶୀ ପଲ୍ଲବୀ ଯେଉଁଥିରେ, ତାଳ,ଲୟ ଓ ବିନ୍ୟାସର ମିଶ୍ରଣ ସହିତ ଗତି ଓ ସଙ୍ଗୀତ ମାଧ୍ୟମରେ ରାଗର ସୌନ୍ଦର୍ଯ୍ୟକୁ ପ୍ରକାଶ କରଯାଇଥିଲା ଯାହାର ନୃତ୍ୟ ନିର୍ଦ୍ଦେଶନାଗୁରୁ ଶ୍ରୀ ଭାରତ ଚରଣ ଗିରି,ସଂଗୀତ ସଂଯୋଜନା ଗୁରୁ ଡକ୍ଟର ବିଜୟ କୁମାର ଜେନା ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଓ ଗୁରୁ ଅଜୟ କୁମାର ଚୌଧୁରୀ କରିଥିଲେ । ସେମାନଙ୍କର ଦିତୀୟ ପ୍ରସ୍ତୁତିରେ ଥିଲା ଗଜାନନ,ଭଗବାନ ଗଣେଶଙ୍କ ଦିବ୍ୟ ଉତ୍ପତି ବର୍ଣ୍ଣନା କରି ଇନ୍ଦ୍ରଙ୍କ ଅହଂକାର ଏବଂ ଐରାବତ ଉପରେ ଦୁର୍ବାସଙ୍କ ଅଭିଶାପ ଠାରୁଶିବଙ୍କ ସହିତ ଯୁବ ଗଣେଶଙ୍କ ସାକ୍ଷାତ ଓ ତାଙ୍କ ମୁଣ୍ଡ କାଟିବା ଏବଂ ନବଜାତ ହାତୀର ମୁଣ୍ଡ ସହିତ ତାଙ୍କ ପୁନର୍ଜୀବନ ପର୍ଯ୍ୟନ୍ତ କଥାବସ୍ତୁକୁ ନେଇ ଅତି ଚମତ୍କାର ଭାବରେ ନୃତ୍ୟରେ ଉପସ୍ଥାପନ କରିଥିଲେ ଶିଳ୍ପୀମାନେ ଯାହାର ନୃତ୍ୟ ନିର୍ଦ୍ଦେଶନାଗୁରୁ ଶ୍ରୀ ଭାରତ ଚରଣ ଗିରି,ସଂଗୀତ ସଂଯୋଜନା ଗୁରୁ ଡକ୍ଟର ବିଜୟ କୁମାର ଜେନା ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁଏବଂ ଗୁରୁ ଅଜୟ କୁମାରଚୌଧୁରୀ କରିଥିଲେ । ଆଗାମୀ କାଲି କୋଣାର୍କ ଉତ୍ସବର ପଂଚମ ଓ ଉଦଯାପନୀ ଦିବସରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେ ଉତ୍କଳ ଡାନ୍ସ ଓ ରିସର୍ଚ୍ଚ ଏକାଡେମିର ଗୁରୁ ଆରତୀ କର ଓ ସାଥୀଶିଳ୍ପୀବୃନ୍ଦ । ଦ୍ୱିତୀୟ ପର୍ଯ୍ୟାୟରେ କଥକ ନୃତ୍ୟ ଶୈଳୀକୁ ପରିବେଷଣ କରିବେ ସଞ୍ଜୁକ୍ତା ସିହ୍ନା ଡାନ୍ସ କମ୍ପାନିର ସଞ୍ଜୁକ୍ତା ସିହ୍ନା ଓ ସାଥୀଶିଳ୍ପୀ ବୃନ୍ଦ । ଆଜି ଚତୁର୍ଥ ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ,ଓଡିଶାର ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଓଡିଶା ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବଳବନ୍ତ ସିଂହ,ପୂର୍ବତଟ ରେଳବାଇର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫଙ୍କୱାଲ, ଯୋଗ ଦେଇ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଓ ମାନ୍ୟବର ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଶିଳ୍ପୀ ବୃନ୍ଦଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଚନ୍ଦ୍ରଭାଗାର ବାଲୁକା ବେଳା ଭୂଇଁ ରେ ୧୫ତମ ଆନ୍ତର୍ଜାତୀୟ ବାଲୁକା ମହୋତ୍ସବର ଚତୁର୍ଥ ଦିନର ବିଷୟ ବସ୍ତୁ ପୁରୁଷ ବାଲୁକା ଶିଳ୍ପୀଙ୍କ ପାଇଁ ଥିଲା ଅତୁଳନୀୟ ଭାରତଏବଂ ମହିଳା ବାଲୁକା ଶିଳ୍ପୀମାନଙ୍କ ପାଇଁ ଥିଲା ଓଡିଶା ପର୍ଯ୍ୟଟନ । ଏହି ଉତ୍ସବକୁ ପର୍ଯ୍ୟଟନ ବିଭାଗ,ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଓ ସଙ୍ଗୀତ ନାଟକ ଏକାଡେମୀର କର୍ମକର୍ତ୍ତା ବୃନ୍ଦ ସୁନ୍ଦର ଭାବରେ ପରିଚାଳନା କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିଥିଲେ ଶ କାର୍ଯ୍ୟକ୍ରମଟିକୁ ସଂଚାଳନ କରିଥିଲେ ଡକ୍ଟର ମୃତ୍ୟୁଞ୍ଜୟ ରଥ ଓ ନାଜିୟା ଆଲ୍ଲମ ଏବଂ ପରିଚାଳନରେ ସହଯୋଗ କରିଥିଲେ ଡକ୍ଟର ସଂଗୀତା ଗୋସାଇଁ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das